# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 1/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 156 | ମୂଲ୍ୟ ₹୭/-






**ଅଭିନେତ୍ରୀ ନେହା ମଲିକଙ୍କ ଘରୁ ଚୋରି**

ଅଭିନେତ୍ରୀ ନେହା ମଲିକଙ୍କ ମୁମ୍ବାଇ ସ୍ଥିତ ବାସଭବନରୁ ୩୪.୪୯ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। **୦୨**

**୧୪** **ସାମ୍ କୁରାନଙ୍କ ଦୃଢ଼ ବ୍ୟାଟିଂ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଦୃଢ଼ ବ୍ୟାଟିଂ କରିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ସାମ୍ କୁରାନ।

### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ଗୁରୁବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ଶନିବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ


ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ


## କୋଲକାତା ହୋଟେଲରେ ଅଗ୍ନିକାଣ୍ଡ: ୪ ଓଡ଼ିଆଙ୍କ ସମେତ ୧୫ ମୃତ

**କୋଲକାତା,୩୦।୪**

ସେଣ୍ଟ୍ରାଲ କୋଲକାତାର ମେଛୁଆପଟ୍ଟୀ ଅଞ୍ଚଳରେ ଥିବା ଋତୁରାଜ ହୋଟେଲରେ ମଙ୍ଗଳବାର ରାତିରେ ନିଆଁ ଲାଗିଯିବାରୁ ୪ ଓଡ଼ିଆଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି।୧୩ ଜଣ ଆହତ ହୋଇଛନ୍ତି। ମୃତକ ୪ ଓଡ଼ିଆ ହେଲେ ଜଗତ୍‌ସିଂହପୁର ଜିଲାର ମନୋଜ ପାତ୍ର, ଦୁଷ୍ମନ୍ତ କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ କଟକ ସିଡିଏ ଅଞ୍ଚଳର ବ୍ୟବସାୟୀ ରାଜେଶ ସାହୁକା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିକାଣ୍ଡ ଘଟିବା ସମୟରେ ହୋଟେଲର ୪୨ଟି ରୁମ୍‌ରେ ୮୮ ଜଣ ଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଦମକଳ ବାହିନୀର ୧୦ଟି ଗାଡ଼ି ପକ୍ଷରୁ ୧୦ ଘଣ୍ଟାର ଅପରେଶନ ପରେ ବୁଧବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା।କୋଲକାତା ପୋଲିସ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରି ତଦନ୍ତ ଚଳାଇଥିବା ପଶ୍ଚିମବଙ୍ଗର ମନ୍ତ୍ରୀ ସୁଜିତ ବୋଷ କହିଛନ୍ତି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ସହାୟତା ରାଶି ଘୋଷଣା କରିଛନ୍ତି।



ଆସାମର ନଗାଓଁରେ ଏଚ୍‌ଏସ୍‌ଇସି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନେ ଖୁସିବ୍ୟକ୍ତ କରୁଛନ୍ତି।

## ଓଡ଼ିଶାରେ ଦଶମ ପାସ୍ ହାର ୯୭.୮%, ଦ୍ୱାଦଶ ୯୮.୮୯%

### ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷାଫଳ ପ୍ରକାଶ

### ସର୍ବଭାରତୀୟ ପାସ୍ ହାର: ଦଶମ ୯୯.୦୯%, ଦ୍ୱାଦଶ ୯୯.୦୨%

**ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)**

ଭାରତୀୟ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଷଦ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ-ଦଶମ ଏବଂ ଆଇଏସ୍‌ସି-ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ ଦଶମ ପାସ୍ ହାର ୯୯.୦୯% ରହିଥିବା ବେଳେ ଦ୍ୱାଦଶ ହାର ୯୯.୦୨ ପ୍ରତିଶତ ରହିଛି। ତେବେ ଓଡିଶାରେ ପାସ୍ ହାର ଦଶମରେ ୯୭.୮୦% ଏବଂ ଦ୍ୱାଦଶରେ ୯୮.୮୯% ରହିଛି। ଉଭୟ ଶ୍ରେଣୀରେ ପୁଅଙ୍କଠାରୁ ଝିଅ ଭଲ ପ୍ରଦର୍ଶନ କରିଛନ୍ତି। ଦଶମରେ ଝିଅଙ୍କ ପାସ୍ ହାର ୯୮.୨୨% ଓ ପୁଅଙ୍କ ପାସ୍ ହାର ୯୭.୪୨% ରହିଛି। ସେହିପରି ଦ୍ୱାଦଶରେ ଝିଅଙ୍କ ପାସ୍ ହାର ୯୯.୧୦% ରହିଥିବା ବେଳେ ୯୮.୭୧% ପାସ୍ କରିଛନ୍ତି।

ଚଳିତବର୍ଷ ଭାରତ ସମେତ ବିଦେଶରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆଇସିଏସ୍‌ଇ ଦଶମରେ ମୋଟ ୬୭ଟି ବିଷୟରେ ପରୀକ୍ଷା ହୋଇଥିବାବେଳେ ୨୦ଟି ଭାରତୀୟ ଭାଷା, ୧୪ଟି ବିଦେଶୀ ଭାଷା ଏବଂ ଗୋଟିଏ ଶାସ୍ତ୍ରୀୟ ଭାଷାରେ ଛାତ୍ରୀଛାତ୍ର ଲିଖିତ ପରୀକ୍ଷା ଦେଇଥିଲେ। ସେହିପରି ଦ୍ୱାଦଶରେ ୪୭ଟି ବିଷୟରେ ଲିଖିତ ପରୀକ୍ଷା ହୋଇଥିବାବେଳେ ୧୨ଟି ଭାରତୀୟ ଭାଷା, ୪ଟି ବିଦେଶୀ ଭାଷା ଏବଂ ଦୁଇଟି ଶାସ୍ତ୍ରୀୟ ଭାଷା ରହିଥିଲା। ଆଇସିଏସ୍‌ଇ ଦଶମରେ ମୋଟ ୨,୫୨,୫୫୭ ଜଣ ଓ ଦ୍ୱାଦଶରେ ୯୯,୫୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସର୍ବଭାରତୀୟ ସ୍ତରରେ ମଧ୍ୟ ଦଶମ ଓ ଦ୍ୱାଦଶରେ ଝିଅମାନେ ଅଧିକ ସଫଳ ହୋଇଛନ୍ତି। ଝିଅଙ୍କ ପାସ୍ ହାର ୯୯.୩୭% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୯୮.୮୪% ରହିଛି। ସେହିପରି ଦ୍ୱାଦଶରେ ୯୯.୪୫ % ଝିଅ ପାସ୍ କରିଥିବା ବେଳେ ୯୮.୬୪% ପୁଅ ପାସ୍ କରିଛନ୍ତି।

# ଜନଗଣନା ସହ ହେବ ଜାତିଗଣନା

**ପହଲଗାମ୍ ଆକ୍ରମଣ ପରେ ସାରା ଦେଶରେ ଆକ୍ରୋଶ ଦେଖିବାକୁ ମିଳୁଥିବା ସମୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୬ରେ ଆରମ୍ଭ ହେବାକୁ ଥିବା ଜନଗଣନା ସହ ଜାତିଗଣନାକୁ ସାମିଲ କରାଯିବାକୁ କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଦେଶରେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଏହି ଦାବି ପୂର୍ବରୁ କରିଆସୁଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ଏଥିରେ ସାମିଲ ହୋଇ ସଂସଦ ଭିତରେ ଓ ବାହାରେ ଦାବି କରିଆସିବା ସହ କେନ୍ଦ୍ରକୁ ଘେରିଆସିଥିଲା। ଭାଜପା ଏହି ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରୁ ନ ଥିଲା। ତେବେ ଗତ ଲୋକ ସଭା ନିର୍ବାଚନରେ ଭାଜପାକୁ ଆଶାନୁରୂପ ସଫଳତା ନ ମିଳିବା ଏବଂ କିଛିମାସ ପରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ହଠାତ୍ ଜାତିଭିତ୍ତିକ ଜନଗଣନା କରାଇବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିରୋଧୀ ଏହି ପ୍ରସଙ୍ଗକୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରିଥିବା ଦର୍ଶାଇ କେନ୍ଦ୍ର ସମାଲୋଚନା କରିଛି। ଅନ୍ୟପକ୍ଷେ ଏହି ନିଷ୍ପତ୍ତି ଘୋଷଣାର ସମୟକୁ ବିରୋଧୀ ପ୍ରଶ୍ନ ଉଠାଇବା ସହ ବିଳମ୍ବରେ ହେଲେ ମଧ ସେମାନଙ୍କ ଦାବି ପୂରଣ ହୋଇଥିବାରୁ ଏହାକୁ ସେମାନଙ୍କ ବଡ଼ ବିଜୟ ବୋଲି ଆଖ୍ୟା ଦେଇଛନ୍ତି।**

**ନୂଆଦିଲ୍ଲୀ,୩୦।୪**

ଦେଶରେ କେତେ ପ୍ରକାର ଜାତି, ଉପଜାତି ରହିଛନ୍ତି ଏବଂ ସେହି ବର୍ଗଗୁଡ଼ିକର ଜନସଂଖ୍ୟାକୁ ରାଷ୍ଟ୍ରୀୟ ଜନସଂଖ୍ୟାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ (ସିସିପିଏ) ବୈଠକରେ ଏହା ସ୍ଥିର କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଜାତିଗତ ଜନଗଣନାକୁ ଏକ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଥିବାବେଳେ ଆଗାମୀ ଜନଗଣନା ବେଳେ ଜାତିଗଣନା ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରାଯିବ ବୋଲି କେନ୍ଦ୍ର କହିଛି।

ବିହାର, ତେଲଙ୍ଗାନା ଓ କର୍ଣ୍ଣାଟକ ସମେତ କେତେକ ରାଜ୍ୟରେ ଜାତିଭିତ୍ତିକ ଜନଗଣନା ସର୍ଭେ କରାଯାଇଛି। ବିରୋଧୀ ଶାସିତ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଅନୁରୂପ ଦାବି ଉଠିବାରେ ଲାଗିଥିଲା। ଏଭଳି ସମୟରେ ବୁଧବାର ସିସିପିଏ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜନଗଣନା କରାଇବା ବିଷୟ କେନ୍ଦ୍ର କ୍ଷମତାର ପରିସର ମଧ୍ୟରେ ଆସୁଛି। କିନ୍ତୁ କେତେକ ରାଜ୍ୟ ସର୍ଭେ ନାମରେ ନିଜ ଆଡୁ ଜାତି ଗଣନା କରାଇଛନ୍ତି। ସେସବୁରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନ ଥିବାରୁ ସମାଜରେ ସନ୍ଦେହ ଉପୁଜିଛି। ଦେଶ ସ୍ୱାଧୀନ ହେବା ପରଠାରୁ କରାଯାଇଥିବା ସବୁ ଜନଗଣନାରେ ଜାତିକୁ ସାମିଲ କରାଯାଇ ନ ଥିଲା। କଂଗ୍ରେସ ସରକାର ସବୁବେଳେ ଜାତିଗଣନାକୁ ବିରୋଧ କରିଆସୁଥିଲେ। କଂଗ୍ରେସ ଏହି ପ୍ରସଙ୍ଗକୁ ଏକ ରାଜନୈତିକ ପ୍ରସଙ୍ଗ କରିଦେଇଥିଲା। ଏହି ସମସ୍ତ ତଥ୍ୟକୁ ବିଚାରକରି ଏବଂ ସାମାଜିକ ସମରସତା ଯେପରି ରାଜନୀତି ଦ୍ୱାରା ପ୍ରଭାବିତ ନ ହେବ ତାହା ସୁନିଶ୍ଚିତ କରିବା ଲାଗି ଜନଗଣନାରେ ଜାତିଗଣନାକୁ ସ୍ୱଚ୍ଛତାର ସହ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ସମାଜର ସାମାଜିକ ଓ ଅର୍ଥନୈତିକ ଢାଞ୍ଚା ମଜଭୁତ ହେବା ସହିତ ଦେଶର ବିକାଶ ସାଧିତ ହେବ।

ଇତିମଧ୍ୟରେ କଂଗ୍ରେସ ଏବଂ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) କେନ୍ଦ୍ରର ଏହି ପଦକ୍ଷେପକୁ ନେଇ ଶ୍ରେୟ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିହାରରେ ବର୍ଷ ଶେଷ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମହାମେଣ୍ଟ କେନ୍ଦ୍ରର ଶେଷ ମୁହୂର୍ତ୍ତ ନିଷ୍ପତ୍ତିକୁ ରାଜନୈତିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି କହିବାକୁ ପଛାଇନାହିଁ। ବୈଷ୍ଣବଙ୍କ ଘୋଷଣାର କିଛି ସମୟ ପରେ ଲାଲୁ କହିଛନ୍ତି, ଆମେ ସମାଜବାଦୀମାନେ ୩୦ ବର୍ଷ ପୂର୍ବେ ସଂରକ୍ଷଣ, ଜାତିଭିତ୍ତିକ ଜନଗଣନା, ସମାନତା, ଧର୍ମନିରପେକ୍ଷତା ଆଦିକୁ ନେଇ ଚିନ୍ତା କରୁଥିଲୁ। ଏହାର ୩ ଦଶନ୍ଧି ପରେ ଅନ୍ୟମାନେ ଆମକୁ ଅନୁସରଣ କରୁଛନ୍ତି। ଆମକୁ ଜାତିବାଦୀ କହି ସମାଲୋଚନା କରୁଥିବା ଲୋକେ ମୁହଁତୋଡ଼ ଜବାବ ପାଇଛନ୍ତି। ତଥାପି ଅନେକ କିଛି ବାକି ଅଛି। ଆମେ ନିଜ କାର୍ଯ୍ୟସୂଚୀ ଅନୁସାରେ ସଂଘୀମାନଙ୍କୁ ନଚାଇବା ଜାରି ରଖିବୁ। ସେହିପରି କଂଗ୍ରେସ କହିଛି, ଆଦୌ ଜାତିଗଣନା ନ ହେବା ଅପେକ୍ଷା ବିଳମ୍ବରେ ହେଲେ ଏନେଇ ନିଷ୍ପତ୍ତି ନିଆଯାଇଛି। ୨୦୨୫ ଏପ୍ରିଲ ୯ରେ ଅହମଦାବାଦରେ ଏ ସମ୍ପର୍କିତ ସଂକଳ୍ପନାମା ପାରିତ ହୋଇଥିଲା ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ସରକାର ଆମ ଦାବିକୁ ଗ୍ରହଣ କରିଛନ୍ତି। ତେବେ ଜନଗଣନା ପାଇଁ ବଜେଟରେ ଆବଣ୍ଟନ ହେବା ଆବଶ୍ୟକ ଏବଂ ଏହା କେବେ କରାଯିବ ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବା ଉଚିତ। କାରଣ ଆମେ ଅମଲାତନ୍ତ୍ରୀ ଗଣନା ନୁହେଁ, ବାସ୍ତବ ଜନଗଣନା ଚାହୁଁ ବୋଲି ରାହୁଲ କହିଛନ୍ତି।


DADLS-19

सत्यमेव जयते



**ମଇ ଦିବସ-୨୦୨୫ ଅବସରରେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

**ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0622/2526

**ରୁଷିଆ ଭିକ୍ଟ୍ରି ଡେ' ପରେଡ୍‌ରେ ଯୋଗଦେବେ ରାଜନାଥ ସିଂ**

ମେ' ୯ରେ ଅନୁଷ୍ଠିତ ହେବାକୁ ଥିବା ରୁଷିଆ ଭିକ୍ଟ୍ରି ଡେ' ପରେଡ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ନିମନ୍ତ୍ରଣ କରିଥିଲା। କିନ୍ତୁ ଦେଶର ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏଥିରେ ସାମିଲ ହେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ଚିନ୍ମୟ ଦାସଙ୍କୁ ଜାମିନ



ଢାକା, ୩୦।୪

ଇସ୍କନର ପୂଜାରୀ ଚିନ୍ମୟ ଦାସଙ୍କୁ ଗିରଫ ହେବାର ୬ ମାସ ପରେ ବୁଧବାର ଜାମିନ ମିଳିଛି। ଢାକା ସ୍ଥିତ ବାଂଲାଦେଶ ହାଇକୋର୍ଟ ଚିନ୍ମୟଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ଢାକାର ଏକ ଜେଲରେ ବନ୍ଦୀ କରି ରଖାଯାଇଥିଲା। ଗତ ବର୍ଷ ନଭେମ୍ବରରେ ଏକ ଆନ୍ଦୋଳନରେ ବାଂଲାଦେଶ ଜାତୀୟ ପତାକାକୁ ଅସମ୍ମାନ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଦେଶଦ୍ରୋହର ଧାରାରେ ଗିରଫ କରିଥିଲା। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବାଂଲାଦେଶରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଆସିବା ପରେ ଚିନ୍ମୟ ସ୍ଥାନୀୟ ହିନ୍ଦୁ ତଥା ସଂଖ୍ୟାଲଘୁ ସମୁଦାୟର ପ୍ରମୁଖ ସ୍ୱର ଭାବେ ଉଭା ହୋଇଥିଲେ। ଦେଶରେ ହିନ୍ଦୁ ଅତ୍ୟାଚାରକୁ ନେଇ ସେ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି: ସିସୋଡିଆ, ସତ୍ୟେନ୍ଦ୍ରଙ୍କ ନାଁରେ ମାମଲା

ନୂଆଦିଲ୍ଲୀ, ୩୦।୪

ଦିଲ୍ଲୀ ସରକାରଙ୍କ ଦୁର୍ନୀତି ନିବାରଣ ଶାଖା (ଏସିବି) ବୁଧବାର ଦିଲ୍ଲୀର ୨ ପୂର୍ବତନ ମନ୍ତ୍ରୀ ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଛି। ୧୨,୭୪୮ ସ୍କୁଲର ଶ୍ରେଣୀଗୃହ ନିର୍ମାଣରେ ୨ ହଜାର କୋଟିର ଦୁର୍ନୀତି ହୋଇଥିବା ଅଭିଯୋଗ ଅନୁଯାୟୀ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଛି। ଏସିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦିଲ୍ଲୀରେ ଗତ ଆପ୍ ସରକାର ସମୟରେ ଅତ୍ୟନ୍ତ ଚଢ଼ା ଦରରେ ଶ୍ରେଣୀଗୃହ ନିର୍ମାଣର ଠିକା ଦିଆଯାଇଥିଲା। ପ୍ରତ୍ୟେକ କ୍ଲାସ୍‌ରୁମର ନିର୍ମାଣ ପାଇଁ ୨୪.୮୬ ଲକ୍ଷ ଟଙ୍କାର ଖର୍ଚ୍ଚ ହୋଇଥିଲା, ଯାହା ସାଧାରଣ ଖର୍ଚ୍ଚଠାରୁ ପ୍ରାୟ ୫ ଗୁଣା ଅଧିକ ଥିବା ସେ କହିଛନ୍ତି।

### ମନ୍ଦିର କାନ୍ଥ ଭୁଶୁଡ଼ି ୮ ମୃତ

ବିଶାଖାପାଟଣା, ୩୦।୪

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ସୀମାଞ୍ଚଳମ ମନ୍ଦିରରେ ବୁଧବାର ଏକ ସିମେଣ୍ଟ କାନ୍ଥ ଭୁଶୁଡ଼ିଯିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନେକେ ଗୁରୁତର ଆହତ ହୋଇଥିବା ନେଇ ସ୍ଥାନୀୟ ପୋଲିସ ସୂଚନା ଦେଇଛି। ଘଟଣାସ୍ଥଳରେ ପୋଲିସ ଏବଂ ଉଦ୍ଧାରକାରୀ ଦଳ ପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ବାର୍ଷିକ ଚନ୍ଦନ ମହୋତ୍ସବ ସମାରୋହ ଅବସରରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବାବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

# ଡିଜିଟାଲ ସେବା ମୌଳିକ ଅଧିକାର

## ଇ-କେୱାଇସି ଗାଇଡ୍‌ଲାଇନ୍‌ରେ ସଂଶୋଧନ ଆଣି ଡିଜିଟାଲ ଉପଲବ୍ଧତା ବଢ଼ାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୩୦।୪

ଡିଜିଟାଲ ସେବା ପାଇବା ଏକ ମୌଳିକ ଅଧିକାର। ଏହାକୁ ସାର୍ବଜନୀନ ରୂପେ ଉପଲବ୍ଧ କରାଯିବା ଜରୁରୀ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଏବଂ ଦୃଷ୍ଟିଦୋଷ କାରଣରୁ ମୁହଁ ବିକୃତ ହୋଇଥିବା ବ୍ୟକ୍ତି ଯେପରି ବ୍ୟାଙ୍କିଙ୍ଗ୍ ତଥା ଇ-ଗଭର୍ନାନ୍ସ ସେବା ପାଇପାରିବେ, ସେଥିପାଇଁ ଇ-କେୱାଇସି (ଇଲେକ୍ଟ୍ରୋନିକ୍ ନୋ ୟୋର କଷ୍ଟମର) ପ୍ରକ୍ରିୟାର ମାନଦଣ୍ଡକୁ ସଂଶୋଧନ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ଏସିଡ୍ ଆକ୍ରମଣ ପୀଡ଼ିତା ଏବଂ ଅନ୍ୟ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଡିଜିଟାଲ କେୱାଇସି ପ୍ରକ୍ରିୟାର ଅନୁପଲବ୍ଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପୃଥକ୍ ଭାବେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ଉଭୟଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଡିଜିଟାଲ ସେବା ପହଞ୍ଚ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଧାରଣ ଅଧିକାରର ଏକ ମୌଳିକ ଅଂଶ। ଜୀବନ ଧାରଣ ଏବଂ ସ୍ୱାଧୀନତା ଅଧିକାର ଦୃଷ୍ଟିରୁ ରାଷ୍ଟ୍ର ତତ୍ପରତା ସହ ଏକ ସମାବେଶୀ ଡିଜିଟାଲ ବ୍ୟବସ୍ଥା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ଜରୁରୀ। ଏହାଦ୍ୱାରା ବ୍ୟବସ୍ଥାରୁ ବାଦ୍ ପଡ଼ିଥିବା ଦିବ୍ୟାଙ୍ଗ ଓ ବଞ୍ଚିତ ବର୍ଗର ଲୋକେ ମଧ୍ୟ ସାମିଲ ହୋଇପାରିବେ।

ଆଲୋଚ୍ୟ ମାମଲାରେ ଏସିଡ୍ ଆକ୍ରମଣ ପୀଡ଼ିତା ନିଜ ଆବେଦନରେ ଉଲ୍ଲେଖ କରିଥିଲେ, ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଇବା ସହ ଚେହେରା ବିକୃତ ହୋଇଯାଇଛି। ୨୦୨୩ ଜୁଲାଇରେ ସେ ଆକାଉଣ୍ଟ ଖୋଲିବା ପାଇଁ ଏକ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଇ-କେୱାଇସି ପ୍ରକ୍ରିୟା ବେଳେ ସେ ଆଖିମିଟିକା ମାରିବାରୁ ଆବଶ୍ୟକ ଫଟୋ ଉଠାଯାଇପାରି ନ ଥିଲା। ଏଥିଯୋଗୁ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏଭଳି ସ୍ଥିତିରେ ପୀଡ଼ିତା ଡିଜିଟାଲ ସେବା ହାସଲ କରିପାରି ନ ଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଖଣ୍ଡପୀଠ କହିଛନ୍ତି, ଡିଜିଟାଲ କେୱାଇସି ଗାଇଡ୍‌ଲାଇନ୍‌ରେ ସଂଶୋଧନ ଆଣି ଏହାକୁ ସହଜ ଭାବେ ଉପଲବ୍ଧ କରାଯିବା ଅତ୍ୟନ୍ତ ଜରୁରୀ। ଦୁର୍ବଳ ଶ୍ରେଣୀ ଓ ବଞ୍ଚିତ ବର୍ଗର ବ୍ୟକ୍ତିଙ୍କ ସମେତ ସମସ୍ତଙ୍କ ପାଇଁ ସମାବେଶୀ ଡିଜିଟାଲ ଇକୋସିଷ୍ଟମ୍ ପ୍ରସ୍ତୁତ କରିବା ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।



ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# ୧୭ ମହିଳା ଏମ୍‌ପି, ବିଧାୟକ ବିଲିୟନେୟାର

## ୨୮%ଙ୍କ ନାଁରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୩୦।୪

ଭାରତରେ ୧୭ ଜଣ ମହିଳା ଏମ୍‌ପି ଏବଂ ବିଧାୟକ ହେଉଛନ୍ତି ବିଲିୟନେୟାର। ସେହିପରି ଦେଶର ୨୮% ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ନେଇ ନିର୍ବାଚନ ସଂସ୍କାର ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ପକ୍ଷରୁ ବୁଧବାର ଜାରି ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରାର୍ଥିପତ୍ର ଦାଖଲ ସମୟରେ ଦେଶର ୫୧୨ ଜଣ ମହିଳା ଏମ୍‌ପି ଏବଂ ବିଧାୟକଙ୍କ ମଧ୍ୟରୁ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠକୁ ବିଶ୍ଳେଷଣ କରି ଏଡିଆର୍ ପକ୍ଷରୁ ଏହି ରିପୋର୍ଟକୁ ଜାରି କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଲୋକ ସଭାର ୭୫ ମହିଳା ଏମ୍‌ପିଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି ବିଲିୟନେୟାର। ସେହିପରି ରାଜ୍ୟ ସଭାର ୩୭ ଜଣ ମହିଳା ସଦସ୍ୟଙ୍କ ମଧ୍ୟରୁ ୩ ଜଣ ବିଲିୟନେୟାର ହୋଇଥିବାବେଳେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୦୦ ମହିଳା ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଲିୟନେୟାର ରହିଛନ୍ତି। ଓଡ଼ିଶାର ୧୭ ମହିଳା ବିଧାୟକ ଓ ଏମ୍‌ପିଙ୍କ ମଧ୍ୟରୁ ଜଣେ ବିଲିୟନେୟାର ହୋଇଥିବା ଏହି ରିପୋର୍ଟ କହିଛି।

ଅନ୍ୟପକ୍ଷରେ, ଲୋକ ସଭାର ୨୪ (୩୨%) ମହିଳା ଏମ୍‌ପିଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୧୦ (୨୭%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୦୯ (୨୭%) ମହିଳା ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୭୮ ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଲୋକ ସଭାର ୧୪ (୧୯%) ମହିଳା ଏମ୍‌ପିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୭ (୧୯%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୫୭ (୧୪%) ଜଣ ମହିଳା ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି।



ଓଡ଼ିଶାର ୪ ଜଣ ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ସେଥିମଧ୍ୟରୁ ୨ ଜଣଙ୍କ ବିରୋଧରେ ଗମ୍ଭୀର ଆପରାଧିକ ମାମଲା ରହିଛି।

ଏହି ରିପୋର୍ଟ ଅନୁଯାୟୀ, ଭାଜପାର ସର୍ବାଧିକ ୨୧୭ (୨୩%) ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ଦଳର ୧୧% ମହିଳା ଏମ୍‌ପି ଓ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୮୩ ଜଣ (୩୪%) ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ଦଳର ୨୦% ମହିଳା ଏମ୍‌ପି ଏବଂ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି ରିପୋର୍ଟ ଅନୁଯାୟୀ, ଦେଶର ସମସ୍ତ ୫୧୨ ଜଣ ମହିଳା ଏମ୍‌ପି ଏବଂ ବିଧାୟକଙ୍କ ମୋଟ ସମ୍ପତ୍ତି ୧୦,୪୧୭ କୋଟି ହୋଇଥିବା ବେଳେ ପ୍ରତି ମହିଳା ଜନ ପ୍ରତିନିଧିଙ୍କର ହାରାହାରି ସମ୍ପତ୍ତି ହେଉଛି ୨୦.୩୪ କୋଟି। ଆନ୍ଧ୍ରପ୍ରଦେଶର ମହିଳା ବିଧାୟକଙ୍କର ହାରାହାରି ସମ୍ପତ୍ତି ୭୪.୨୨ କୋଟି ରହିଛି, ଯାହା ସାରା ଦେଶରେ ସର୍ବାଧିକ। ସେହିପରି ଭାରତର ସମୁଦାୟ ମହିଳା ଜନପ୍ରତିନିଧିଙ୍କ ମଧ୍ୟରୁ ୭୧% ସ୍ନାତକ କିମ୍ବା ଉଚ୍ଚ ଡିଗ୍ରୀଧାରୀ ହୋଇଥିବାବେଳେ ୨୪% ମହିଳା ଏମ୍‌ପି ଏବଂ ବିଧାୟକଙ୍କର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅନ୍ୟପକ୍ଷରେ ଦେଶରେ ମହିଳା ଜନପ୍ରତିନିଧିଙ୍କ ହାରାହାରି ବୟସ ୪୯ ବର୍ଷ ଥିବା ଏହି ରିପୋର୍ଟ କହିଛି। ଲୋକ ସଭାରେ ମହିଳା ଏମ୍‌ପିଙ୍କ ହାରାହାରି ବୟସ ୫୫.୬ ହୋଇଥିବାବେଳେ ରାଜ୍ୟ ସଭାରେ ଏହା ୬୩ ବର୍ଷ ରହିଛି।

## ଝିଅର ପ୍ରେମିକଙ୍କୁ ଗୁଳିକରି ହତ୍ୟା

ଇଟାୱା, ୩୦।୪

ଉତ୍ତରପ୍ରଦେଶର ଇଟାୱା ଜିଲା ଖେଡାହେଲ ନିବାସୀ ଅନିଲ କୁମାର ନିଜ ଝିଅର ପ୍ରେମିକ ଲବ୍‌କୁଶ(୧୮)ଙ୍କୁ ସୋମବାର ବିଳମ୍ବିତ ରାତିରେ ଗୁଳିକରି ହତ୍ୟା କରିଛନ୍ତି। ଏନେଇ ସ୍ଥାନୀୟ ଚୌବ୍ୟା ଥାନା ଏସ୍‌ଏଚ୍‌ଓ ବିପିନ କୁମାର ସୂଚନା ଦେଇଛନ୍ତି। ସୋମବାର ରାତିରେ ଲବ୍‌କୁଶ୍ ତାଙ୍କ ପ୍ରେମିକାଙ୍କୁ ଦେଖା କରିବା ପାଇଁ ତାଙ୍କ ଘରେ ଲୁଚି ପ୍ରବେଶ କରିଥିଲେ। ଏହି ସମୟରେ ଅନିଲ ଲବ୍‌କୁଶଙ୍କୁ ଗୁଳି କରିଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅନିଲଙ୍କୁ ଗିରଫ କରିଛି।

# ଭାରତୀୟ ଏୟାରଲାଇନ୍ସ ଉପରେ ସପ୍ତାହକୁ ୭୭ କୋଟି ବୋଝ

## ପାକ୍ ବାୟୁସୀମା ବନ୍ଦ ପରେ

ମୁମ୍ବାଇ/ନୂଆଦିଲ୍ଲୀ, ୩୦।୪

ପହଲଗାମ୍ ଆକ୍ରମଣ ପରେ ତିକ୍ତତା ବୃଦ୍ଧି ଯୋଗୁ ପାକିସ୍ତାନ ଭାରତୀୟ ଏୟାରଲାଇନ୍ସ ପାଇଁ ନିଜ ବାୟୁସୀମା ବନ୍ଦ କରିଦେଇଛି। ଏଥିଯୋଗୁ ଭାରତୀୟ ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ ଅତିରିକ୍ତ ୭୭ କୋଟି ଟଙ୍କାର ବୋଝ ସହିବାକୁ ପଡ଼ିବ ବୋଲି ଏକ ବିଶ୍ଳେଷଣରୁ ଜଣାପଡ଼ିଛି। ପାକିସ୍ତାନ ଗୁରୁବାରଠାରୁ ନିଜ ବାୟୁସୀମାକୁ ଭାରତ ପାଇଁ ବନ୍ଦ କରିଦେଇଥିବାରୁ ଏଣିକି ଭାରତୀୟ ଏୟାରଲାଇନ୍‌ଗୁଡ଼ିକୁ ରୁଟ୍ ପରିବର୍ତ୍ତନ କରି ନିଜ ବିମାନ ଚଳାଇବାକୁ ପଡ଼ିବ। ଅଧିକ ବାୟୁପଥ ଦେଇ ଯାତ୍ରା କଲେ ଇନ୍ଧନ ମଧ୍ୟ ଅଧିକ ଖର୍ଚ୍ଚ ହେବ। ଫଳରେ ମାସକୁ ପୂର୍ବାପେକ୍ଷା ୩୦୬ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ। ଦିଲ୍ଲୀ ଓ ଉତ୍ତର ଭାରତୀୟ ସହରଗୁଡ଼ିକରୁ ବିକଳ୍ପ ଆକାଶମାର୍ଗ ଦେଇ ଅନ୍ତର୍ଜାତୀୟ ବିମାନଗୁଡ଼ିକ ଯାତ୍ରା କଲେ ଦେଢ଼ ଘଣ୍ଟା ବିଳମ୍ବିତ ହେବ। ବିମାନ ଚଳାଚଳ ଶିଳ୍ପର




ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉତ୍ତର ଆମେରିକାକୁ ଯାଉଥିବା ବିମାନକୁ ପୂର୍ବରୁ ୧୬ ଘଣ୍ଟା ଲାଗୁଥିଲା। ଏବେ ଆହୁରି ୧.୫ ଘଣ୍ଟା ଅଧିକ ସମୟ ଲାଗିବ। ଏଥିପାଇଁ ଅତିରିକ୍ତ ୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ୟୁରୋପକୁ ଯାଉଥିବା ବିମାନଗୁଡ଼ିକୁ ୯ ଘଣ୍ଟା ଲାଗୁଥିବାବେଳେ ଆହୁରି ଦେଢ଼ଘଣ୍ଟା ବିଳମ୍ବିତ ହେଲେ ଅତିରିକ୍ତ ୨୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ବଢ଼ିବ।

## ଏନ୍‌ଏସ୍‌ଏବି ପୁନର୍ଗଠିତ, ଆଲୋକ ଜୋଷୀ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୩୦।୪

କେନ୍ଦ୍ର ସରକାର ଗୁରୁବାର ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ (ଏନ୍‌ଏସ୍‌ଏବି)ର ପୁନର୍ଗଠନ କରିଛନ୍ତି। ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର)ର ପୂର୍ବତନ ମୁଖ୍ୟ ଆଲୋକ ଜୋଷୀଙ୍କୁ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ୱେଷ୍ଟର୍ନ ଏୟାର କମାଣ୍ଡର ଏୟାର ମାର୍ଶଲ ପି.ଏମ୍. ସିହ୍ନା, ପୂର୍ବତନ ସଦର୍ନ ଆର୍ମି କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.କେ. ସିଂ ଏବଂ ରିୟର ଆଡମିରାଲ (ଅବସରପ୍ରାପ୍ତ) ମୋଣ୍ଟି ଖାନ୍ନାଙ୍କୁ ଏଥିରେ ସଦସ୍ୟ ରୂପେ ନିଯୁକ୍ତି ଦିଆଯାଇଛି। ପୂର୍ବତନ କୂଟନୀତିଜ୍ଞ ବି. ଭେଙ୍କଟେଶ ବର୍ମା ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ରାଜୀବ ରଞ୍ଜନ ବର୍ମାଙ୍କୁ ମଧ୍ୟ ଏନ୍‌ଏସ୍‌ଏବି ସଦସ୍ୟ ରଖାଯାଇଥିବା ଜଣାପଡ଼ିଛି। ଜାତୀୟ ସୁରକ୍ଷା ପରିଷଦ ସେକ୍ରେଟାରିଏଟ୍‌କୁ ତଥ୍ୟ ପ୍ରଦାନକାରୀ ପରାମର୍ଶଦାତା ସଂସ୍ଥା ଏନ୍‌ଏସ୍‌ଏବିର ପୁନର୍ଗଠନ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପର ସ୍ଥିତିକୁ ଦୃଷ୍ଟିରେ ରଖି କରାଯାଇଥିବା କୁହାଯାଉଛି।

# ଭାରତ ଛାଡ଼ିଲେଣି ୭୮୬ ପାକିସ୍ତାନୀ



ସ୍ୱାମୀ ଔରଙ୍ଗଜେବ ଭାରତୀୟ ନାଗରିକ। ତାଙ୍କୁ ଅମୃତସରରେ ଛାଡ଼ି ନିଜ ୧୪ ଦିନର ଶିଶୁକୁ ଧରି ପାକିସ୍ତାନୀ ମହିଳା ସାରା ଖାନ୍ ପାକିସ୍ତାନକୁ ଚାଲିଯାଉଛନ୍ତି। ଅଟ୍ଟାରୀ-ୱାଘା ବର୍ଡରରେ ମହିଳା ପୋଲିସ କର୍ମୀମାନେ ତାଙ୍କୁ ସୀମା ପାର କରାଉଛନ୍ତି।

ନୂଆଦିଲ୍ଲୀ, ୩୦।୪

ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମେ ଗତ ୨୪ରୁ ଅଦ୍ୟାବଧି ୫୫ କୂଟନୀତିଜ୍ଞଙ୍କ ସମେତ ୭୮୬ ପାକିସ୍ତାନୀ ନାଗରିକ ଭାରତ ଛାଡ଼ି ନିଜ ଦେଶକୁ ଫେରିଥିବା ଜଣାପଡ଼ିଛି। ସେହିପରି ଗତ ୬ ଦିନ ଭିତରେ ୨୫ କୂଟନୀତିଜ୍ଞଙ୍କ ସମେତ ମୋଟ ୧,୪୬୫ ଭାରତୀୟ ଭାରତକୁ ଫେରିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନୀ ନାଗରିକଙ୍କୁ 'ଲିଭ୍ ଇଣ୍ଡିଆ' ନୋଟିସ ଦିଆଯାଇଛି। ପାକିସ୍ତାନ ମଧ୍ୟ ଭାରତୀୟଙ୍କ ବିରୋଧରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନେଇଛି।

## ଫୁରସତ୍



ନେହା ମଲିକ

# ଅଭିନେତ୍ରୀ ନେହା ମଲିକଙ୍କ ଘରୁ ଚୋରି

ମୁମ୍ବାଇ

ଅଭିନେତ୍ରୀ ତଥା ମଡେଲ ନେହା ମଲିକଙ୍କ ମୁମ୍ବାଇସ୍ଥିତ ବାସଭବନରୁ ୩୪.୪୯ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଯାଇଛି। ଏହି ଚୋରି ନେଇ ନେହାଙ୍କ ମା' ମଞ୍ଜୁ ମଲିକ ମଙ୍ଗଳବାର ମୁମ୍ବାଇର ଅମ୍ବୋଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ସେ ତାଙ୍କ ଘରୋଇ ସହାୟକ ଶାହନାଜ ମୁସ୍ତଫା ଶେଖ୍‌ଙ୍କ ବିରୋଧରେ ସନ୍ଦେହ ପ୍ରକଟ କରିଥିଲେ। ମଞ୍ଜୁ କହିଛନ୍ତି, ସୋମବାର ସେ ତାଙ୍କ ଘରକୁ ନିଜ ଘରୋଇ ସହାୟକଙ୍କ ଭରସାରେ ଛାଡ଼ି ଗୁରୁଦ୍ୱାରା ଯାଇଥିଲେ। ଏହାର ପରଦିନ ତାଙ୍କ ଘରୋଇ ସହାୟକ ଆଉ କାମକୁ ଆସି ନ ଥିଲେ। ସେହିପରି ସେ ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଫଳରେ ସନ୍ଦେହ ହେବାରୁ ମଞ୍ଜୁ ଘରର ଆଲମାରୀ ଯାଞ୍ଚ କରିଥିଲେ ଏବଂ ତାଙ୍କର ସମସ୍ତ ଗହଣା ଚୋରି ହୋଇଯାଇଥିବା ନେଇ ଜାଣିବାକୁ ପାଇଥିଲେ। ପୋଲିସ ବିଏନ୍‌ଏସ୍‌ର ଧାରା ୩୦୬ରେ ମାମଲା ରୁଜୁ କରିବା ସହ ନେହାଙ୍କ ଘରୋଇ ସହାୟକ ଶାହନାଜଙ୍କୁ ଖୋଜିବା ଆରମ୍ଭ କରିଥିଲା। ବୁଧବାର ପୋଲିସ ଶାହନାଜଙ୍କୁ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ସମସ୍ତ ଚୋରି ଅଳଙ୍କାରକୁ ଜବତ କରିଛି।

# ୨୫ ଫୁଟ ଲମ୍ବର ସବୁଠୁ ବଡ଼ ସାପ

କୁଇଟୋ

ବୈଜ୍ଞାନିକମାନେ ଇକ୍ୱେଡରସ୍ଥିତ ଆମାଜନ ରେନ୍‌ଫରେଷ୍ଟରେ 'ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା' ନାମରେ ଏକ ସାପ ପ୍ରଜାତିର ଆବିଷ୍କାର କରିଛନ୍ତି। ଏହି ଆନାକୋଣ୍ଡା ପ୍ରଜାତିର ସାପ ବିଶ୍ୱର ସବୁଠାରୁ ବଡ଼ ଏବଂ ଭାରୀ ସାପ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ବିଶାଳ ସାପର ଲମ୍ବ ୭.୫ ମିଟର (୨୪.୬ ଫୁଟ) ହୋଇଥିବା ବେଳେ ଏହାର ଓଜନ ୫୦୦ କେ.ଜି. (୧୧୦୦ ପାଉଣ୍ଡ) ରହିଛି। ବୈଜ୍ଞାନିକଙ୍କ ଦ୍ୱାରା ଏହି ସାପ ଆବିଷ୍କାର କରାଯିବା ପୂର୍ବରୁ 'ଗ୍ରୀନ୍ ଆନାକୋଣ୍ଡା' ପ୍ରଜାତିର ସାପକୁ ବିଶ୍ୱର ସବୁଠାରୁ ବଡ଼ ସାପ ଭାବେ ଧରାଯାଉଥିଲା। ତେବେ ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ସାପ ଗ୍ରୀନ୍ ଆନାକୋଣ୍ଡାଠାରୁ ଆହୁରି ବଡ଼ ହୋଇଥିବା ଜଣାପଡ଼ିଛି। ଏହି ପ୍ରଜାତିର ସାପ କାର୍ ଟାୟାର ପରି ମୋଟା ହେବା ସହ ବଡ଼ ବଡ଼ ପ୍ରାଣୀଙ୍କୁ ମଧ୍ୟ ଗିଳି ଦେଇପାରନ୍ତି।



ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ଏକ ବିପଜ୍ଜନକ ଶିକାରୀ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ପ୍ରଜାତିର ସାପଗୁଡ଼ିକୁ ଆମାଜନ ରେନ୍ ଫରେଷ୍ଟର ନଦୀ ଏବଂ ହ୍ରଦରେ ଦେଖିବାକୁ ମିଳିଥାଏ। ଏହି ସାପ ପ୍ରାୟତଃ ହରିଣ, କ୍ୟାପିବାରା, କାଇମାନ, ଜାଗୁଆର ପରି ପ୍ରାଣୀଙ୍କୁ ଶିକାର କରିଥାନ୍ତି। ଶିକାରକୁ ଧରିବା ପାଇଁ ଏହି ସାପ ମୁଖ୍ୟତଃ କାଦୁଅ ପାଣିରେ ଲୁଚି ରହିଥାନ୍ତି। ଶିକାର ପାଖକୁ ଆସିବାମାତ୍ରେ ଏହି ସାପ ଅତର୍କିତ ଆକ୍ରମଣ କରିଥାଏ। ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ପ୍ରଜାତିର ସାପ ନିଜ ଶିକାରକୁ ସଂପୂର୍ଣ୍ଣ ଗିଳିପାରିଥାଏ। ତେବେ ଏହି ସାପ ଶିକାର କରିବା ସମୟରେ ବିଷ ଉପରେ ନୁହେଁ ବରଂ ନିଜର ଶକ୍ତିଶାଳୀ ଶରୀର ଉପରେ ଅଧିକ ନିର୍ଭର କରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି।

ଇକ୍ୱେଡରସ୍ଥିତ ଆମାଜନ ରେନ୍‌ଫରେଷ୍ଟର ଭିତର ଭାଗରେ ଥିବା ବେହୁଏରି ୱରାନିର ବାମେନୋ ଅଞ୍ଚଳରେ ଏହାର ଆବିଷ୍କାର କରାଯାଇଛି। ନିକଟରେ କୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଡ. ବ୍ରାଏନ୍ ଫ୍ରାଇଙ୍କ ନେତୃତ୍ୱରେ ବୈଜ୍ଞାନିକଙ୍କ ଗୋଟିଏ ଟିମ୍ ଏକ ୧୦ ଦିନିଆ ଅଭିଯାନରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ପ୍ରଜାତିର ସାପ ସମ୍ପର୍କରେ ଅଧିକ ତଥ୍ୟ ନେଇଥିଲେ। ଏହି ୧୦ ଦିନିଆ ଅଭିଯାନକୁ ନ୍ୟାଶନାଲ୍ ଜିଓଗ୍ରାଫିକ୍ ଡକ୍ୟୁମେଣ୍ଟାରୀ ସିରିଜ 'ପୋଲ୍ ଟୁ ପୋଲ୍ ୱିଥ୍ ୱିଲ୍ ସ୍ମିଥ୍' ପାଇଁ ଶୁଟ୍ କରାଯାଇଥିଲା। ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ସାପଗୁଡ଼ିକର ଆକାର ଅବିଶ୍ୱସନୀୟ ଭାବେ ବଡ଼ ହୋଇଥିବା ଡ. ଫ୍ରାଇ କହିଛନ୍ତି।




# ୫୧ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୧୦୨୫ କୋଟିର ସିଏମ୍ କିଷାନ ଟଙ୍କା

## ପାରମ୍ପରିକ ହଳଲଙ୍ଗଳ ଧରି ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦।୪ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧୀକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର, ୪୯,୪୮୨ ଜଣ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହିପରି ମୋଟ୍ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଛନ୍ତି। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀମାନଙ୍କ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। ବର୍ତ୍ତମାନ କିନ୍ତୁ ଆମ ଦେଶ ଖାଦ୍ୟଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ କୃଷିଜାତ ସାମଗ୍ରୀ ରପ୍ତାନି ମଧ୍ୟ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ଓଡ଼ିଶାର ୬୦%ରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨% କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ଆସିଥାଏ। ଚାଷ କଠିନ ପରିଶ୍ରମର କାର୍ଯ୍ୟ। ଓଡ଼ିଶାକୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଉଦ୍ୟମ ଜାରି ରହିଛି। ପୂର୍ବ ସରକାର ଏମ୍ଏସ୍‌ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁଶନ ଆଣି ଚୁପ୍ ରହିଗଲେ। ଭାଜପା ସରକାର ୩,୧୦୦ ଟଙ୍କା ଏମ୍ଏସ୍‌ପି ଦେଇଛି। ଆସନ୍ତା ୫ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମଠାରେ ଓଡ଼ିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଏହାସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ରେ ରଚିତ 'କୃଷକ ସଙ୍ଗୀତ ପୁସ୍ତକ' ମଧ୍ୟ ଉନ୍ମୋଚନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡ଼ାହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଛନ୍ତି। କୃଷି ସଚିବ ଅରବିନ୍ଦ ପାଢ଼ୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନ୍ ପାସ୍ ହାର ସର୍ବାଧିକ, ଆଇଏସ୍‌ସି ଦ୍ୱାଦଶରେ ଫରେନ୍ ରିଜିଅନ୍ ୧୦୦%

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ସିଆଇଏସ୍‌ସିଇ ଦ୍ୱାରା ପରିଚାଳିତ ଆଇସିଏସ୍‌ଇ-ଦଶମ ଏବଂ ଆଇଏସ୍‌ସି-ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ୬ ରିଜିଅନ୍ ମଧ୍ୟରୁ ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନ୍‌ରେ ପାସ୍ ହାର ସର୍ବାଧିକ ୯୯.୮୩ ପ୍ରତିଶତ ରହିଛି। ଏହା ତଳକୁ ସାଉଥ୍ ରିଜିଅନ୍‌ରେ ୯୯.୭୩ ପ୍ରତିଶତ, ନର୍ଥ ରିଜିଅନରେ ୯୮.୭୮ ପ୍ରତିଶତ, ଇଷ୍ଟ ରିଜିଅନର ୯୮.୭୦ ପ୍ରତିଶତ, ଫରେନ ରିଜିଅନ୍‌ରେ ୯୩.୩୯ ପ୍ରତିଶତ ଏବଂ ନର୍ଥ ଇଷ୍ଟରେ ୯୮.୬୭% ପାସ୍ ହାର ରହିଛି। ତେବେ ସାଉଥ୍ ରିଜିଅନରେ ସର୍ବାଧିକ ୪୯.୫୮ପ୍ରତିଶତ ଝିଅ ପରୀକ୍ଷା ଦେଇଥିବା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଆଇଏସ୍‌ସି ଦ୍ୱାଦଶରେ ଫରେନ ରିଜିଅନରେ ପାସ୍ ହାର ଶତ(୧୦୦%)ପ୍ରତିଶତ ରହିଛି। ଏହାପଛକୁ ସାଉଥ୍ ରିଜିଅନ୍‌ରେ ପାସ୍ ହାର ୯୯.୭୬ ପ୍ରତିଶତ ରହିଥିବା ବେଳେ ୱେଷ୍ଟ ରିଜିଅନର ୯୯.୭୨%, ନର୍ଥ ରିଜିଅନରେ ୯୮.୯୭%, ଇଷ୍ଟ ରିଜିଅନ୍‌ରେ ୯୮.୭୬ପ୍ରତିଶତ ଏବଂ ନର୍ଥ ଇଷ୍ଟ ରିଜିଅନରେ ୯୭.୯୬ ପ୍ରତିଶତ ରହିଛି। ତେବେ ଦ୍ୱାଦଶରେ ସାଉଥ୍ ରିଜିଅନରେ ସର୍ବାଧିକ ୫୦.୧୧ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ।

ଅନ୍ୟପକ୍ଷରେ ଏହି ଦୁଇ ପରୀକ୍ଷାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ର ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ଆଇସିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଅନୁସୂଚିତ ଜାତିର ୯୮.୭୧% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନୁସୂଚିତ ଜନଜାତିରେ ୯୭.୨୮ପ୍ରତିଶତ ଏବଂ ଓବିସିରେ ୯୯.୧୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଦ୍ୱାଦଶରେ ଅନୁସୂଚିତ ଜାତିରେ ପାସ୍ ହାର ୯୮.୫୭ ପ୍ରତିଶତ ରହିଥିବା ବେଳେ ଅନୁସୂଚିତ ଜନଜାତିର ୯୮.୭୬ ପ୍ରତିଶତ ଏବଂ ଓବିସିର ୯୯.୦୬ ପ୍ରତିଶତ ରହିଛି।

# ଶୀତଳଷଷ୍ଠୀ ପାଇଁ ଥାଳ ଉଠିଲା

## ଦେବ ଦମ୍ପତିଙ୍କ ବିବାହ ପାଇଁ କନ୍ୟା ମାତାପିତା ଚୟନ



ସମ୍ବଲପୁର ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ଥାଳ ଉଠା କାର୍ଯ୍ୟକ୍ରମ।

ସମ୍ବଲପୁର,୩୦।୪(ବି.ଶଙ୍କର)

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଥାଳଉଠା ପର୍ବ ପରମ୍ପରା ଓ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ବୁଧବାର ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଥାଳଉଠା ପର୍ବ ସହ ଶୈବପୀଠଗୁଡିକରେ ଶୀତଳଷଷ୍ଠୀ ଯାତ୍ରା ଲାଗି କାର୍ଯ୍ୟକ୍ରମ ଅନୁକୂଳ କରାଯାଇଛି। ସକାଳ ୮ଟାରୁ ବିଭିନ୍ନ ଶିବାଳୟରେ ରୁଦ୍ରାଭିଷେକ ଏବଂ ସ୍ୱତନ୍ତ୍ର ଜଳଶାୟୀ ସହ ପୂଜାର୍ଚ୍ଚନା ହୋଇଥିଲା। ରୌପ୍ୟ, ପିତଳ ଓ ତମ୍ବା ଥାଳରେ ବେଲପତ୍ର, ପଦ୍ମଫୁଲ ଓ ପ୍ରସାଦ ରଖାଯାଇ ଦେବଦେବ ମହାଦେବଙ୍କ ସମ୍ମୁଖରେ ରଖାଯାଇଥିଲା। ଥାଳଗୁଡିକ ଉପରେ ଲାଲ ପାଟବସ୍ତ୍ର ଘୋଡ଼ାଯାଇଥିଲା। ଗୋଧୂଳି ଲଗ୍ନରେ ଶିବ ପଞ୍ଚାକ୍ଷରୀ ମନ୍ତ୍ର ପାଠ ସହ ଥାଳ ଉଠା ପର୍ବ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଶବ୍ଦ ସହ ପଣ୍ଡିତମାନଙ୍କ ଶିବ ସ୍ତୁତି ଉଚ୍ଚାରଣରେ ଶୈବପୀଠଗୁଡ଼ିକ ମୁଖରିତ ହୋଇଥିଲା। ଏହି ଆଧ୍ୟାତ୍ମିକ ପରିବେଶରେ ମନ୍ଦିର ପୂଜକମାନେ ଲଗ୍ନାନୁସାର ଥାଳଉଠା ପର୍ବ କରିଥିଲେ। ଏଥିସହ ଦେବ ବିବାହ ଲାଗି ପାର୍ବତୀଙ୍କ କନ୍ୟା ମାତାପିତା ଚୟନ କରାଯାଇଥିଲା। ସର୍ବପୁରାତନ ନନ୍ଦପଡ଼ା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧା ଶ୍ରୀଶ୍ରୀ ସୋମନାଥ ବାବା, ବୁଢ଼ାରଜା ମହାଦେବ, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପୀଠ ସମେତ ଐତିହାସିକ ସମ୍ବଲପୁର ସହର ସ୍ଥିତ ଛୋଟ ବଡ଼ ଶିବମନ୍ଦିରରେ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି।

# ମେ ୧୪ରେ ହେବ ଆନ୍ଥ୍ରୋପୋଲୋଜି ପରୀକ୍ଷା

## ବାତିଲହେଲା ୨୭ ତାରିଖ ପରୀକ୍ଷା

କଟକ,୩୦।୪(କାର୍ତ୍ତିକ ସାହୁ)

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ ମେନ୍(ଲିଖିତ) ପରୀକ୍ଷାର ଆନ୍ଥ୍ରୋପୋଲୋଜି ବିଷୟରେ ସାନି ପରୀକ୍ଷା କରିବାକୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଗତ ୨୭ ତାରିଖରେ ହୋଇଥିବା ଆନ୍ଥ୍ରୋପୋଲୋଜି ପରୀକ୍ଷାକୁ ବାତିଲ କରାଯାଇଛି। ସେହିଦିନର ଉତ୍ତର ଫର୍ଦ୍ଦଗୁଡ଼ିକର ମୂଲ୍ୟାୟନ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ ମେ ୧୪ ତାରିଖ (ବୁଧବାର) ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ ଏ ସଂକ୍ରାନ୍ତୀୟ ଆଡ୍‌ମିଶନ ସାର୍ଟିଫିକେଟ ଓ ନିର୍ଦ୍ଦେଶାବଳୀ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ମେ ୮ରୁ ଡାଉନଲୋଡ୍ କରିପାରିବେ। ଗତ ୨୭ ତାରିଖରେ ଅନୁଷ୍ଠିତ ଆନ୍ଥ୍ରୋପୋଲୋଜି ପେପର-୧ ଓ ପେପର-୨ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ଅଭିଯୋଗଗୁଡ଼ିକୁ ବିବେଚନା କରି ଓପିଏସ୍‌ସି ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ବଜ୍ରପାତ ନେଲା ଖୁଡ଼ୀ ଓ ପୁତୁରାଙ୍କ ଜୀବନ

ପଦ୍ମପୁର,୩୦।୪(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅନ୍ତର୍ଗତ ଲଖମରା ଗ୍ରାମରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଆଶିଷ ମେହେର (୧୪) ଓ ମମତା ମେହେର(୪୦)। ମୃତକମାନେ ସମ୍ପର୍କରେ ଖୁଡ଼ୀ ଓ ପୁତୁରା। ଉଭୟେ ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ୍ ଝଡ଼ବର୍ଷା ହୋଇଥିଲା। ଫଳରେ ଖୁଡୀ, ପୁତୁରା ବିଲ ନିକଟ ଅସ୍ଥାୟୀ କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେହିସମୟରେ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ପରିବାରବର୍ଗ ସେମାନଙ୍କୁ ଉଦ୍ଧାରକରି ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଗଦଲପୁର ପୋଲିସ ୨ଟି ଅପମୃତ୍ୟୁ ମାମଲା (ନଂ-୧, ୨/୨୫) ରୁଜୁ କରି ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏହି ଘଟଣାକୁ ନେଇ ଲଖମରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଜେଜେବିରେ ନାବାଳକ

ଜୟପୁର,୩୦।୪ (ପବନ ପାଣିଗ୍ରାହୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ହୋଇଥିବା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନାବାଳକଙ୍କୁ ଜେଜେବିରେ ହାଜର କରିଛି।

ପୋଲିସ ସୂଚନା ଅନୁଯାୟୀ, କୋଟପାଡ ଅଞ୍ଚଳ ନାବାଳିକା ଛାତ୍ରୀଙ୍କୁ ପ୍ରୋଲୋଭନ ଦେଖାଇ ନାବାଳକ ଜଣକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଜୟପୁର ମହିଳା ଥାନା ପୋଲିସ ନଂ.୫୮/୨୫ ମାମଲା ରୁଜୁକରି ତଦନ୍ତ କରୁଛି। ପୋଲିସ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିବା ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ପ୍ରଭାସିନୀ,ଦେବୀଙ୍କୁ ହୋମ୍‌ଗାର୍ଡ ଚାକିରି ସହ ୧୦ଲକ୍ଷ ଲେଖାଏ ଦେଲେ ମୁଖ୍ୟମନ୍ତ୍ରୀ

## କଟକରେ କାର୍ଯ୍ୟରତ ଥିବାବେଳେ ୨ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣା





ଭୁବନେଶ୍ୱର,୩୦।୪ (ସୁନିତ୍ ମିଶ୍ର)

କଟକରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀ ଜଗବନ୍ଧୁ ମାହାଲି ଏବଂ ଲୋକନାଥ ଶବର ଗତ ୨୨ ତାରିଖରେ ପିସିଆର୍ ଭ୍ୟାନ୍‌ରେ ଯିବା ସମୟରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିଲେ। ଡ୍ୟୁଟିରେ ଥିବା ସମୟରେ ଉଭୟଙ୍କ ମୃତ୍ୟୁ ଘଟିଥିବାରୁ ସେମାନଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜଣାଇଛନ୍ତି। ଜଗବନ୍ଧୁଙ୍କ ସ୍ତ୍ରୀ ପ୍ରଭାସିନୀ ବେହେରା ଓ ଲୋକନାଥଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ମୁଖ୍ୟମନ୍ତ୍ରୀ ବୁଧବାର ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦୁଃଖ ସମୟରେ ସେମାନଙ୍କୁ ସହାୟତାର ହାତ ବଢ଼ାଇ ମୁଖ୍ୟମନ୍ତ୍ରୀ ନିଜର ସହୃଦୟତାର ପରିଚୟ ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଉଭୟେ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମ୍‌ଗାର୍ଡ ପଦବୀ ପାଇଁ ନିଯୁକ୍ତିପତ୍ର ସହ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଭଲମନ୍ଦ ପଚାରିବା ସହ ଅଧୈର୍ଯ୍ୟ ନ ହେବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ସେମାନଙ୍କ ସହ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ସରକାରଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟେ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ପିସିଆର୍ ଭ୍ୟାନ୍‌ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ହୋମ୍‌ଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


# ଦାମୀ ଔଷଧ ଲେଖିବା ଆପରାଧିକ କାର୍ଯ୍ୟ ନୁହେଁ: ହାଇକୋର୍ଟ

କଟକ,୩୦।୪(କାର୍ତ୍ତିକ ସାହୁ)

ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀର ଔଷଧ ଅଥବା ଦାମୀ ଔଷଧ ରୋଗୀଙ୍କ ପାଇଁ ଲେଖିବା ଆପରାଧିକ କାର୍ଯ୍ୟ ନୁହେଁ। ଯେ ପର୍ଯ୍ୟନ୍ତ କୌଣସି ଔଷଧ ବିପଜ୍ଜନକ, ନିମ୍ନମାନର ଅଥବା ସରକାର ତାହାକୁ ନିଷେଧ କରିଛନ୍ତି ବୋଲି ପ୍ରମାଣ ନାହିଁ ତାହା ରୋଗୀଙ୍କ ପାଇଁ ଗ୍ରହଣୀୟ। ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ବିରୋଧରେ ଅପରାଧିକ ମାମଲା କରି ଦାୟୀ କରାଯାଇପାରିବ ନାହିଁ। ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ଡାକ୍ତର ରବୀନ୍ଦ୍ର କୁମାର ଜେନାଙ୍କୁ ଏଭଳି ଆପରାଧିକ ମାମଲାରୁ ମୁକ୍ତ କରିଛନ୍ତି ଓଡ଼ିଶା ହାଇକୋର୍ଟ। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏଭଳି ମାମଲାର ବିଚାରକରି ଏଭଳି ରାୟ ପ୍ରଦାନ କରିବା ସହ ଡା. ଜେନାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୨୦୧୭ ଡିସେମ୍ବର ୧୨ରେ ଡା. ଜେନାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଡା. ଜେନା ରୋଗୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀର ଔଷଧ ଲେଖୁଛନ୍ତି। ସେ କର୍କଟ ପୀଡ଼ିତ ଗରିବ ରୋଗୀଙ୍କ ପାଇଁ ଦାମୀ ଔଷଧ ଲେଖୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ଫାର୍ମା କମ୍ପାନୀ ଲାଭବାନ ହେଉଛି। ଏହାଦ୍ୱାରା ଓଡ଼ିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡର ଗାଇଡ୍ ଲାଇନକୁ ଉଲ୍ଲଂଘନ ହେଉଛି। ତେଣୁ ଡା. ଜେନାଙ୍କ ବିରୋଧରେ ଆପରାଧିକ ମାମଲାରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଭିଜିଲାନ୍ସ ଏପରି କାର୍ଯ୍ୟ ବିରୋଧରେ ଡା. ଜେନା ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବେଳେ କୌଣସି ରୋଗୀ ପାଇଁ ଦାମୀ ଔଷଧର ଆବଶ୍ୟକତା ଥିଲେ ତାହାଦ୍ୱାରା ସରକାରୀ ଗାଇଡ୍ ଲାଇନ୍‌ର କୌଣସି ଉଲ୍ଲଂଘନ ହେଉ ନାହିଁ ବୋଲି କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଲାଲ ପତାକା ଉତ୍ତୋଳନ, ସ୍ଥାନ: ବିଭିନ୍ନ ୟୁନିୟନ ଆସୋସିଏଶନ ଫକ୍ଟୋରୀ ଅଫିସ ଦପ୍ତରରେ, ସମୟ: ସକାଳ ୮ଟା। ଏବଂ ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୫ଟା।
- ନ୍ୟାଶନାଲ ଓମେନ୍‌ସ ବିଜିନେସ ମେଳା ୨.୦, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ଦୈନିକ ହିନ୍ଦୀ ଖବରକାଗଜ ମହାନଦୀ ସୁପରଫାଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ୩୦।

ବିଶ୍ୱ ଶ୍ରମିକ ଦିବସ ଅବସରରେ ହିନ୍ଦ ମଜଦୁର ସଭା ପକ୍ଷରୁ ମଟର ସାଇକେଲ ରାଲି ଓ ସଭା, ସ୍ଥାନ: ପାଞ୍ଚଗାଁ ଶିବ ମନ୍ଦିରଠାରୁ ନୂଆପାଟଣା ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ହାତିମଶାହା ପୀରବାବାଙ୍କ ୭୬ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉତପଡ଼ା ପୀରବାବାଙ୍କ ପୀଠସ୍ଥଳୀ, ରୁପସା, ସମୟ: ଦିବସବ୍ୟାପୀ।
- ଖୋଟକଳ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ଶ୍ରମିକ ସଂଘ କାର୍ଯ୍ୟାଳୟ, ରୁପସା, ସମୟ: ସକାଳ ୬ଟା ୧୫।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓୟୁଜେ ବାଲେଶ୍ୱର ଶାଖା ତରଫରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ଉତ୍ତରେଶ୍ୱର, ସୋର, ସମୟ: ସକାଳ: ପୂର୍ବାହ୍ନ ୧୦ଟା।
- ୫୮ତମ ଚାର୍ଟାର୍ଡ଼ ଡ଼େ ସମାରୋହ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ରାତି ୭ଟା ୩୦।

## ଭଦ୍ରକ

- ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନହଲ, ଭଦ୍ରକ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ତିହିଡି ଥାନା ପରିସର, ସମୟ: ସକାଳ ୯ଟା।
- ପ୍ରତାପ ପଣ୍ଡାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ମୂଳଗାଁ, ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂଜା ଓ ପୂର୍ଣ୍ଣାହୂତୀ, ସ୍ଥାନ:ସାନକେରକୋ, ବଡ଼ସାହି,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: କଳିଆପଦା ଶିବ ମନ୍ଦିର ପ୍ରାଙ୍ଗଣ,ସାଇଁକୁଳା ଗ୍ରାମପଞ୍ଚାୟତ, ଗୋପବନ୍ଧୁ ନଗର, ସମୟ:ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ୟୁନିକ ପ୍ରେସକ୍ଲବ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ଆଶୀର୍ବାଦ ଧର୍ମଶାଳା, ଉଦଳା-କପ୍ତିପଦା ରୋଡ୍, ସମୟ:ସକାଳ ୯ଟା।
- ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ପ୍ଲମ୍ବର ଆସୋସିଏଶନ ପକ୍ଷରୁ ଶ୍ରମିକ ଦିବସ ପାଳନ,ସ୍ଥାନ: ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରୀୟ ସଂଗଠନ ପକ୍ଷରୁ ସାଧାରଣ ସଭା,ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା
- ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପୁଲକ, ସ୍ଥାନ: ଡିଆଇଇଟି ପରିସର, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୫ଟା।

## ଜଗତ୍‌ସିଂହପୁର

- ତାରକା ହୋଟେଲ ଲା ଫ୍ରାଙ୍କଲିନ୍ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବେଳାଭୂମି ରାସ୍ତା ପାଖ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ୟୁନିୟନ ପରିସର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ବିତରକ ସଂଘର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୋର୍ଟ ଶ୍ରମିକ ସଂଘ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ୟୁନିୟନ ପରିସର, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ ଟା।

## ଯାଜପୁର

- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ, ସମୟ-ସକାଳ ୮ଟା।

## ନୟାଗଡ଼

- ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୦ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସାଂସ୍କୃତିକ ଆସର, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ର ଉଦ୍‌ଯାପନୀ ଉତ୍ସବରେ ବାଦି ଦୁଆରୀ, ସ୍ଥାନ:ନୟାଗଡ ବ୍ଲକ ମୁକ୍ତାପୁରର ମା ଆରାଧ୍ୟ ଦେବୀ ଶାଳଭଞ୍ଜି ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୦ଟା।
- ବୈଷ୍ଣବ ଦେବୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୭ଟା।
- ଅକ୍ଷୟ ତୃତୀୟାରେ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ:ଭାପୁର ବ୍ଲକ ମାଧପୁର ଯଜ୍ଞପଦା, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ରଘୁନାଥଙ୍କ ଚନ୍ଦନଯାତ୍ରାର ୨ୟ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ହନୁମାନ ଜୀଉଙ୍କ ବିଗ୍ରହ ପ୍ରତଷ୍ଠା ଉତ୍ସବର ଉଦ୍‌ଯାପନ ଉତ୍ସବରେ ନାଟକ ହନୁମାନ ଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକ କୁରାଳ ବେଙ୍ଗେଇସାହି, ସମୟ:ରାତି ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ୨ୟ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା ।
- ମୁଖ୍ୟମନ୍ତ୍ରୀଙ୍କର ଗଣିଆ ଗସ୍ତ, ସ୍ଥାନ: ପତଣ୍ଡା, ସମୟ ଅପରାହ୍ନ ୧ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଛକ, ସମୟ: ସକାଳ ୭ଟା ।

## ରାୟଗଡ଼ା

- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: ରାୟଗଡା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଝରିଗାଁ, ସମୟ: ସନ୍ଧ୍ୟା ୬ଟା ।

## କୋରାପୁଟ

- ଶନି ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦାମନଯୋଡ଼ି ମାଥାଲପୁଟ, ସମୟ: ସକାଳ ୭ଟା।
- ବିଦ୍ୟୁତ ମହାସଂଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ : କୋଟସ୍ ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କୋରାପୁଟର ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ : ପୂଜାରୀପୁଟ, କୋରାପୁଟ, ସମୟ : ମଧ୍ୟାହ୍ନ ୧୨ ଟା।
- ଛିଣ୍ଡାନଇ ସାହିତ୍ୟ ସଂସଦ ବାର୍ଷିକୋତ୍ସବ, ସ୍ଥାନ: ଲୋକେଶ୍ୱରୀ କମ୍ୟୁନିଟି ହଲ ବ୍ୟାଙ୍କ କଲୋନୀ, ଜୟପୁର, ସମୟ: ଅପରାହ୍ନ ୪ଟା ୩୦।

## ମାଲକାନଗିରି

- ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ:ସଂସ୍କୃତି ଭବନ, ମାଲକାନଗିରି, ପୂର୍ବାହ୍ନ: ୧୦ ଟା।
- ପଞ୍ଚାୟତସ୍ତରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଗୋରାଖଣ୍ଟା ପଞ୍ଚାୟତ,ସମୟ:ପୂର୍ବାହ୍ନ ୧୧ ଟା।
- ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର କର୍ମଚାରୀ ସଂଘର ଶ୍ରମିକ ଦିବସ, ସ୍ଥାନ: ବାଲିମେଳା, ସମୟ: ସନ୍ଧ୍ୟା ୬ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ସମ୍ବଲପୁର ଶ୍ରମିକ ସମନ୍ୱୟ ସମିତି ପକ୍ଷରୁ ଶମିକ ଦିବସ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ : ହୀରଖଣ୍ଡ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପରିସର, ସମୟ : ସକାଳ ୮ଟା।
- ବିଭିନ୍ନ ଶ୍ରମିକ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ଶୋଭାଯାତ୍ରା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ମାର୍ଗ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସଭା ସାଂସଦ ପାଣ୍ଠିରୁ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ବଲାଙ୍ଗୀର ସିଭିଲ କୋର୍ଟ ପରିସର ଏଡିଆର କୋଠା, ବଲାଙ୍ଗୀର, ସମୟ: ୧୨ଟା ୪୦ ମିନିଟ।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୬ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ସେକ୍ଟର-୧୮, ସମୟ: ପୂର୍ବାହ୍ନ ୧୧ଟା।
- ଇଏସ୍‌ଆଇସି ହସ୍ପିଟାଲ ପାଇଁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।
- ବିଏମ୍‌ଏସ୍ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ସେକ୍ଟର-୪, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ଆନ୍ତର୍ଜାତୀୟ ଶ୍ରମିକ ଦିବସ,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ଔଷଧୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଓ ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଆର୍ନ୍ତଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗରକୀର୍ତ୍ତନ,ସ୍ଥାନ:ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ,ସ୍ଥାନ: ଦେବଗଡ଼ ସିଭିଲ କୋର୍ଟ ସମ୍ମିଳନୀ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆରତୀ,ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଅନ୍ତର୍ଡା ଗ୍ରାମରେ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା ପାଇଁ ହରିନାମ ଆରମ୍ଭ ଓ ରାମାୟଣ ପୁରାଣ ପଠନ, ସ୍ଥାନ: ଅନ୍ତର୍ଡା କୀର୍ତ୍ତନ୍ୟ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ସକାଳ ୯ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞ ନାମ ଧାରଣ ଓ ଠାକୁରଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ବନ୍ଧାପାଟ ଗ୍ରାମର ଧନିଆପଡା, ସମୟ: ସକାଳ ୭ଟା ୩୦।
- ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ଖଳିଆପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତିର ଅଦ୍ଭୁତ ଯୋଗ ପ୍ରଭାବରେ ସମ୍ମାନଜନକ ପଦମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିପାରିବେ। ଶୁକ୍ର ନକ୍ଷତ୍ରସ୍ଥ ରବି ପ୍ରତ୍ୟେକ ସମସ୍ୟାକୁ ହାଲୁକା ଭାବେ ନେବାରେ ଅନୁପ୍ରେରିତ କରିବ। ରାହୁ ଓ ଶନିଙ୍କ କୁପ୍ରଭାବଜନିତ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ ନାହିଁ। ନିଜର ଅଧିକାରକୁ ଅନ୍ୟ ଉପରେ ଲଦିଲେ ସମାଲୋଚିତ ହେବେ।

**ବୃଷ** ଚନ୍ଦ୍ରଙ୍କ ପ୍ରଭାବରୁ କିଛି ଫାଇଦା ହାସଲ କରିବାର ଅଭିଳାଷ ରଖି କୌଣସି ବ୍ୟକ୍ତି ଅଯଥାରେ ଆପଣଙ୍କୁ ପ୍ରଶଂସା କରିପାରେ। ଲାଗିରହିଥିବା ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଚିନ୍ତା ବଢ଼ିଯାଇ ପାରେ । ପାରିବାରିକ ସ୍ଥିତି, ବାଣିଜ୍ୟ, ପରିବହନ ଓ ଚେଷ୍ଟା କରୁଥିବା କାମ ଉଠାପକା ମଧ୍ୟଦେଇ ଚାଲିବ।

**ମିଥୁନ** ତୃତୀୟାଧିପ ଉଚ୍ଚସ୍ଥ ହେତୁ ଭାଇ, ବନ୍ଧୁ, ପରିଜନ, ସହକର୍ମୀଙ୍କ ସୌଜନ୍ୟତାରେ ମନ ପ୍ରଫୁଲ୍ଲିତ ରହିବ। ସହଜରେ ଅଭିଳାଷ ପୂରଣ କରିବା ସାଙ୍ଗକୁ ମନ ଭଲ ରହିଥିବାରୁ ଅନ୍ୟମାନଙ୍କ ପାଇଁ ପ୍ରେରଣା ପ୍ରଦାୟକ ରହିବେ। ନିଜ କାମକୁ ପଛକୁ ରଖି ଅନ୍ୟମାନଙ୍କ ପାଇଁ କିଛି କରିବା ପାଇଁ ମାନସିକ ସ୍ତରରେ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** ରାଶି ପାଇଁ ରାଜଯୋଗ କାରକ ଗ୍ରହ ମଙ୍ଗଳଙ୍କ ବଳହୀନତା ଆପଣଙ୍କ ସୁସ୍ଥ ଚିନ୍ତାଧାରାକୁ ବିଗାଡିଦେବ। ସବୁ କାମ ଗୋଳମାଳିଆ ରହିବ ଓ ଏବଂ ବ୍ୟସ୍ତତା ବୃଦ୍ଧି ପାଇବ। ମନରେ ପୂର୍ବଭଳି ଆଗ୍ରହ ନଥାଇ ମଧ୍ୟ ହାତକୁ ନେଇଥିବା କାମରେ ପଛେଇ ଯାଇପାରନ୍ତି। ନିର୍ମାଣାଧୀନ କାମ ଆଗେଇ ଚାଲିବ ଏବଂ ଅଦାଲତରୁ ସୁଫଳ ପାଇବେ।

**ସିଂହ** ବଳହୀନ ଧନାଧିପ ହେତୁ ଆଶାନୁଯାୟୀ ଅର୍ଥ ଓ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବାର ଅନୁଭବ ଆସିପାରେ।

**କନ୍ୟା** ଭାଗ୍ୟଭାବସ୍ଥ ବୃହସ୍ପତି ଯୋଗୁ ଆଜି ପରିବାରର କୌଣସି ଗୁରୁତ୍ୱପୂର୍ଣ୍ଣ କଥା ନେଇ ଆଲୋଚନା କରିପାରନ୍ତି। ବିଶ୍ୱାସର ସହ ମିତ୍ରଙ୍କ ଉପରେ ସବୁ ଦାୟିତ୍ୱ ଲଦି ଦେଇ ନିଜେ ଚୁପ୍‌ଚାପ୍ ବସିବା ଠିକ୍ ହେବନି। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହେବେ। ବ୍ୟବସାୟ ଓ ପରିବହନରେ ବିବାଦୀୟ ସ୍ଥିତି ଦେଖାଦେଇପାରେ।

**ତୁଳା** ଯୋଜନାକାରକ ଗ୍ରହ ବୃହସ୍ପତି ଦୁଃସ୍ଥାନସ୍ଥ ଯୋଗୁ ପରିକଳ୍ପିତ ଯୋଜନା ଫସର ଫାଟିଯିବ। ଅନ୍ୟମାନଙ୍କୁ କାମରେ ଲଗାଇ ନିଜର ଫାଇଦା ହାସଲ କରିବେ। ବ୍ୟୟ ଭାର କମିବା ବଦଳରେ ବଢ଼ି ଚାଲିବ। ପରିବାରରେ ଭୁଲ୍ ବୁଝାମଣା ହେତୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ବିଛା** ମଙ୍ଗଳ ମନ୍ଦଗ୍ରହଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ କରିବାର ସ୍ପୃହା ଥିଲେ ମଧ୍ୟ ପାରିବେଶିକ ଅସ୍ଥିରତା ତାହା କରାଇ ଦେଇ ନ ପାରେ। ତର୍କବିତର୍କ ଓ ବାଦାନୁବାଦ ମଧ୍ୟରେ ପରିବାରରେ ସମସ୍ୟାଗୁଡ଼ିକର ସମାଧାନ କରିପାରନ୍ତି। ଅର୍ଥନୈତିକ ପ୍ରଗତି ସହ ସାମାଜିକ, ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ଧନୁ** ଭାଗ୍ୟାଧିପ କୋଣଭାବସ୍ଥ ଯୋଗୁ ନିଜେ କିଛି ନ କରି ପିଲାଙ୍କ ଦ୍ୱାରା କାମ ହାସଲ କରିବେ। ପ୍ରତିକୂଳ ବାତାବରଣ ଲାଗି ରହିଥିଲେ ମଧ୍ୟ ଆନ୍ତରିକ ପ୍ରଚେଷ୍ଟାରୁ ଲକ୍ଷ୍ୟ ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ ପାଇଁ ଦିନଟି ବହୁତ ଭଲ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବା ସକାଶେ ସଂଘର୍ଷ କରିବାକୁ ପଡ଼ିବ।

**ମକର** ରାଶ୍ୟାଧିପ ଉପଚୟସ୍ଥାନରେ ଥିବାରୁ ସଦାସର୍ବଦା ଅନ୍ୟମନସ୍କ ରହିବା ସାଙ୍ଗକୁ କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବନାହିଁ। ଆର୍ଥିକସ୍ଥିତି ମନ୍ଦ ନ ଥିଲେ ମଧ୍ୟ ଆଜି ଏକ ଭିନ୍ନ ପରିସ୍ଥିତିରେ ପଡି ଋଣ କରିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କ କଥାକୁ ଉପେକ୍ଷା ନ କରିପାରି ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ** ଆଂଶିକ କାଳସର୍ପଯୋଗ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହିନପାରେ। ବିଭିନ୍ନ ଅସଜଡ଼ା ପରିସ୍ଥିତି ସୁଧୁରି ଆସୁଥିଲେ ମଧ୍ୟ ବୃଥାଶଙ୍କାରୁ ବିଚଳିତ ରହିପାରନ୍ତି। ଶିଳ୍ପ, ବ୍ୟବସାୟ, ଦୂରଯାତ୍ରା କ୍ଷେତ୍ରରେ ଅନୁକୂଳ ପରିବେଶ ପାଇବେ ନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟସିଦ୍ଧି ଘଟିପାରେ।

**ମୀନ** ରାଶିରେ ଏକାଧିକଗ୍ରହ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ । ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦୂରଭ୍ରମଣ, ସାହିତ୍ୟ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ସ୍ୱାସ୍ଥ୍ୟହାନି, ଯୋଜନା ଭଗ୍ନ ସାଙ୍ଗକୁ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟ ସାମୟିକ ବ୍ୟାହତ ହୋଇପାରେ।

ଆଜି ମେ ୧ ତାରିଖ, ଶ୍ରମିକ ଦିବସ, ବୈଶାଖ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ, ଗୁରୁବାର, ରାଶି ନକ୍ଷତ୍ର-ଦିବା ଘ.୦୨।୨୧ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୦୫।୨୧ ଗତେ ଘ. ୦୭।୦୩ ମଧ୍ୟେ ଘ.୧୦।୨୭ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୧।୧୯ ଗତେ ଘ.୦୨।୫୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୁବ ଦୁଆରୀ, ପନସ ତାଟି**
**ଚନ୍ଦ୍ର ସୂର୍ଯ୍ୟଙ୍କର ଘର**
**ଖୁଦ ଦେବତା ଡାକୁ ଅଛନ୍ତି**
**ମଣିମା ବିଜେ କର।**

ଅଭାବ ଅନଟନରେ ରହିଥିବା ବ୍ୟକ୍ତି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରିଥାନ୍ତି। ରହିବାକୁ ସେମାନଙ୍କ ପାଖରେ ଭଲ ଘର ଖଣ୍ଡିଏ ନ ଥାଏ କି ଖାଇବାକୁ ମୁଠେ ଦାନା ନ ଥାଏ। ଭଙ୍ଗା ଦଦରା ଘରେ ଭୋକ ଉପାସରେ ପଡ଼ି ରହିଥିବା ଦରିଦ୍ର ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଆ ଘରର ପେଜ ପିଇ**
**ଉଘା ଘରର ଭାତ ନ ଛୁଇଁ।**

ସ୍ୱଚ୍ଛ ମନରେ ଦେବା ଲୋକଠାରୁ ପେଜ ପିଇବା ବରଂ ଶ୍ରେୟସ୍କର, ମାତ୍ର ଉଘେଇବା ଲୋକଠାରୁ ଖିରି ପୁରି ଖାଇବା ଉଚିତ ନୁହେଁ। କାରଣ ଏପରି ଲୋକଙ୍କ ଆଚରଣ ମନ୍ଦ ହୋଇଥିବାସ୍ଥଳେ ବେଳେବେଳେ ଅକାରଣରେ ନିନ୍ଦିତ ହେବାର ମଧ୍ୟ ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘୋଷଯାତ୍ରା ପାଇଁ ରଥକାର୍ଯ୍ୟ ଅନୁକୂଳ



ରଥ ନିର୍ମାଣ ପାଇଁ ପବିତ୍ର ଅକ୍ଷୟତୃତୀୟାରେ ବୁଧବାର ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତ ଆଣିଥିବା ୩ ଆଜ୍ଞାମାଳକୁ ରଥଖଳାରେ ୩ଟି ଧଉରା କାଠରେ ଲାଗି କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ଶ୍ରୀମନ୍ଦିର ପୁରୋହିତ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରୁଛନ୍ତି।

**ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ବୁଧବାର ପବିତ୍ର ଅକ୍ଷୟତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ହୋଇଛି। ଗୁରୁବାରଠାରୁ ରଥଖଳାରେ ରଥ ନିର୍ମାଣ ଆରମ୍ଭ ହେବ। ସେହିପରି ଅକ୍ଷୟତୃତୀୟା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି।

ବୁଧବାର ଭୋର ୪ଟାରେ ମନ୍ଦିର ଦ୍ୱାର ଫିଟାଯାଇ ୪ଟା ୩୫ରେ ଭିତରଶୋଧ ହୋଇଥିଲା। ୪ଟା ୪୦ରେ ମଙ୍ଗଳ ଆଳତି ବଢ଼ି ପରବର୍ତ୍ତୀ ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନ ୯ଟା ୨୫ରେ ମହାପ୍ରଭୁଙ୍କ ସକାଳ ଧୂପ ସରି ୧୦ଟା ୧୫ରେ ମଇଲମ ହୋଇ ୧୧ଟାରେ ଯାତ୍ରାଙ୍ଗୀ ମହାସ୍ନାନ ବଢ଼ିଥିଲା। ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭କିଲୋ ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରିଥିଲେ। ପାଣି ପଡ଼ି ଖଇକୋରା ଭୋଗ ସମାପନ ପରେ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ଛାମୁ ଖୁଣ୍ଟିଆଙ୍କ ମଣିମା ଡାକ ପୂର୍ବକ ସର୍ବାଙ୍ଗ ଚନ୍ଦନଲାଗି କରାଯାଇଥିଲା। ୬ ମୂର୍ତ୍ତି ଅଳଙ୍କାର, ଅଳକା, ଚଉସରା, ଗୁଣା, ଝୁମ୍ପା ସହ ବେଶ ଅନୁଷ୍ଠିତ ହୋଇଥିଲା। ତଳୁଛ, ପଧାନୀ ହାତମୁଦ ପଟୁଆର ସହ ଭୋଗ ଆଣିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ପରେ ଯାତଭୋଗ ସମ୍ପନ୍ନ ହୋଇଥିଲା। ନକ୍ଷତ୍ର ଓ ଭୋଗ ବନ୍ଦାପନା ପରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ। ସେହିପରି ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥିଲେ। ଅପରପକ୍ଷରେ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ଶୋତ୍ରୀୟ ବ୍ରାହ୍ମଣମାନେ ରଥଖଳାରେ ବନଯାଗ ପଦ୍ଧତିରେ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନ କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିବା ପରେ ପାଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମାପନ କରିଥିଲେ। ପରେ ରଥତ୍ରୟ ନିର୍ମାଣର ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି କରାଯାଇଥିଲା। ତିନିରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ଠାକୁରମାନେ ଚାପ ଖେଳିବାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ।

### ଆଜିଠୁ ରଥ ନିର୍ମାଣ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୩୦।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ଜାତୀୟ ରାଜପଥ ବାଟହରିଚନ୍ଦନପୁର ନିକଟରେ ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ଏକ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ଢେଙ୍କିକୋଟ ଗ୍ରାମ ଦଳେଇ ସାହିର ଚତୁର୍ଭୁଜ ଦାସଙ୍କ ସାନ ପୁଅ ସଞ୍ଜୟ ଦାସ (୪୨)। ସେ ଘଟଗାଁକୁ ଯାଉଥିବା ବେଳେ ଗାଈକୁ ଧକ୍କାଦେଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି।

### ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ରଥକାଠ ଅନୁକୂଳ

ଚମ୍ପୁଆ,୩୦।୪(ମହେଶ୍ୱର ଦାସ)

କୃଷି ଭିତ୍ତିକ ପର୍ବ ତଥା ପବିତ୍ର ଅକ୍ଷୟ ତୃତୀୟାରେ ଚମ୍ପୁଆସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କର ପବିତ୍ର ରଥକାଠ ଅନୁକୂଳ ହୋଇଯାଇଛି। ସକାଳ ୯ ଘଡ଼ିକାରେ ଚମ୍ପୁଆ ଜଗନ୍ନାଥ ମନ୍ଦିରଠାରେ ଉପଜିଲାପାଳ ଉମାକାନ୍ତ ପରିଡାଙ୍କ ପୌରହିତ୍ୟରେ ପୂଜକଙ୍କ ଦ୍ୱାରା ଚତୁର୍ଦ୍ଧାମୁରତିଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ଆଜ୍ଞାମାଳ ନେଇ ରଥକାଠ ପୂଜା କରାଯାଇଥିଲା।

### ଶନି ମନ୍ଦିରର ବାର୍ଷିକ ଉତ୍ସବ ପ୍ରସ୍ତୁତି

ବଂଚୋ,୩୦।୪(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଂଚୋ ଗ୍ରାମରେ ମେ ୩ରେ ଶନିଦେବଙ୍କ ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

### ପ୍ରଧାନ ଆଚାର୍ଯ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚମ୍ପୁଆ,୩୦।୪(ମହେଶ୍ୱର ଦାସ)

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କୁ ବୁଧବାର ସକାଳ ୧୦ଟାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାସ, ବିଦ୍ୟାଳୟ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ପୂର୍ବତନ ସମ୍ପାଦକ ଗଙ୍ଗାଧର କର, ବରିଷ୍ଠ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଶିଶୁ ମନ୍ଦିର ସମେତ ଉପଖଣ୍ଡର ବିଭିନ୍ନ ଶିଶୁ ମନ୍ଦିର, ପୁରାତନ ଛାତ୍ର, ବିଭିନ୍ନ ସଂଗଠନ ପକ୍ଷରୁ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଜାରି

ଆନନ୍ଦପୁର,୩୦।୪(ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ବ୍ଲକରେ ଠିକାକାମକୁ ନେଇ ସରକାରୀ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କର୍ମଚାରୀମାନେ ବୁଧବାର କଲମଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ଅଭିଯୋଗ ମୁତାବକ, ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ଗାଁରେ ଏମ୍‌ପି ପାଣ୍ଠିରୁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହେଉଛି। ଆନନ୍ଦପୁର ବ୍ଲକ୍‌ର ଏମ୍‌ପି ପ୍ରତିନିଧି ଟୁକୁନା ମହାନ୍ତଙ୍କ ସମେତ ନଗରପ୍ରତିନିଧି, ୩ ନମ୍ବର ଜିଲାପରିଷଦ ଅସୀମା ମିଶ୍ର ପ୍ରମୁଖ ସରକାରୀ ଯନ୍ତ୍ରୀ ଅନ୍ନପୂର୍ଣ୍ଣା ଘଡ଼େଇଙ୍କ ସରକାରୀ ବାସଭବନକୁ ଯାଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସହକାରୀ ଯନ୍ତ୍ରୀମାନେ ଆନ୍ଦୋଳନ କରୁଛନ୍ତି। ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା ଧାରଣା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସ ସୁଫଳ ମିଳି ନ ଥିଲା।

### ଶିକ୍ଷକଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା

ପାଟଣା,୩୦।୪(ବୀରକିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ବେଗୁନା ଖମଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀଶଙ୍କର ମହାନ୍ତ ବୁଧବାର ପୂର୍ବାହ୍ନ ୧୦ ଟାରେ ସରକାରୀ ଚାକିରିରୁ ଅବସରଗ୍ରହଣ କରିଛନ୍ତି। ପୂର୍ବତନ ଛାତ୍ରୀଛାତ୍ରଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ସମ୍ମାନିତ ଅତିଥିଭାବେ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଏବିଓ ବିଜୟ ଓଝା, ଅବସରପ୍ରାପ୍ତ ଏବିଓ ଧରଣୀଧର ଦାସ, କମଳାକାନ୍ତ ପତି, ପାର୍ଥ ସାରଥୀ ବେଜ୍, ଶୈଳେନ୍ଦ୍ର ମହାନ୍ତ, ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗଦେଇ ଶିକ୍ଷକ ଭବାନୀଶଙ୍କର ମହାନ୍ତ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟ ନିଷ୍ଠ ଶିକ୍ଷକ ଥିଲେ ବୋଲି କହିଥିଲେ। ସିଆରସିସି ଯୁଧିଷ୍ଠିର ମହାନ୍ତ ସଂଯୋଜନା କରିଥିଲେ।

# 'କୃଷି, କୃଷକର ଉନ୍ନତି ପାଇଁ ସରକାର କାମ କରୁଛନ୍ତି'



ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ପାଟଣା ଓ ତେଲକୋଇ ବିଧାୟକ ପୂଜାରେ ବସିଛନ୍ତି।

## ଜିଲାସ୍ତରୀୟ ଅକ୍ଷୟ ତୃତୀୟା ସମାରୋହ

କେନ୍ଦୁଝର,୩୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜୁଡ଼ିଆସ୍ଥିତ ଓୟୁଏଟି ଫାର୍ମଠାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପର୍ବ ପାଳିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। କୃଷକଙ୍କ ଉନ୍ନତି କାମନା କରିଥିଲେ।

ମନ୍ତ୍ରୀ ଅଭିଭାଷଣରେ କହିଥିଲେ, କୃଷି ଓ କୃଷକର ଉନ୍ନତି ନିମନ୍ତେ ଆମ ସରକାର କାମ କରୁଛନ୍ତି। ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯାଉଛି। ମାଟି ମାଆର ସ୍ୱାସ୍ଥ୍ୟ ରକ୍ଷା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ପ୍ରଚଳନ କରାଯାଇଛି। ଚାଷ କାର୍ଯ୍ୟକ୍ରମରେ ଆବଶ୍ୟକ କୃଷି ସାମଗ୍ରୀ ଯଥା ବୀହନ, ରାସାୟନିକ ସାର, ଅଣୁସାର, ଜୀବାଣୁ ସାର, କୀଟନାଶକ ଔଷଧ ଆଦିରେ ସହାୟତା ରାଶି ପ୍ରଦାନ କରାଯାଉଛି। ଚାଷ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ କୃଷି ଯନ୍ତ୍ରପାତ ଓ ଫସଲ ଚାଷ ପାଇଁ ଋଣ ସୁବିଧା ସହ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉତ୍ପାଦିତ ଦ୍ରବ୍ୟର ସଂରକ୍ଷଣ ଓ ପ୍ରକ୍ରିୟା କରଣ ପାଇଁ ଉଦ୍ୟୋଗ, ବିଭିନ୍ନ କୃଷି ଫାର୍ମ ଓ ସମନ୍ୱିତ କୃଷି ଫାର୍ମ ପ୍ରତିଷ୍ଠା ନିମନ୍ତେ ସହାୟତା କରୁଛନ୍ତି ବୋଲି କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ୨୦୨୫ ଖରିଫ ଫସଲ ପାଇଁ ୫୦, ୧୬, ୯୩୮ ଜଣ ନାମମାତ୍ର ଓ କ୍ଷୁଦ୍ର ଚାଷୀ ଏବଂ ୪୯,୪୮୨ ଜଣ ଭୂମିହୀନ ଚାଷୀଙ୍କୁ ସିଏମ କିଶାନ ଯୋଜନା ଅନ୍ତର୍ଗତ କିସ୍ତି ପ୍ରଦାନ କରିବେ। କେନ୍ଦୁଝରର ୨, ୪୨, ୪୪୯ ଜଣ ନାମମାତ୍ର ଓ କ୍ଷୁଦ୍ର ଚାଷୀ ଏବଂ ୧୦୦୧ଜଣ ଭୂମିହୀନ ଚାଷୀ ଏହି କିସ୍ତି ପାଇବାକୁ ଯାଉଥିବା କହିଥିଲେ। ବିଶେଷ ଭାବେ ପ୍ରତିକୂଳ ଜନଜାତି ଗୋଷ୍ଠୀର ୧୯୫୮ ହିତାଧିକାରୀ ମଧ୍ୟ ସହାୟତା ପାଇବାକୁ ଯାଉଛନ୍ତି ବୋଲି କହିବା ସହ ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟରେ ପରିଗଣିତ କରିବା ପାଇଁ ସମସ୍ତଙ୍କ ସାମଗ୍ରିକ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଜିଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି ଓ ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଉପସ୍ଥିତ ଥିଲେ।

# ଅଖିମୁଠି ଅନୁକୂଳକଲେ ବିଧାୟକ



ପାଟଣା ବିଧାୟକ ଅଖିମୁଠି ଅନୁକୂଳ କରୁଛନ୍ତି।

ପାଟଣା,୩୦।୪(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପୋଷି ଗ୍ରାମର ବନବିହାରୀ ଦାସଙ୍କ କ୍ଷେତରେ ଅକ୍ଷୟ ତୃତୀୟା ଓ କୃଷକ ଦିବସ ବୁଧବାର ସକାଳ ୮ଟାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଚାଷୀକୁଳଙ୍କ ଶୁଭ ମନାସି ଅଖିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବଡ଼ ପାଟଣା ସରପଞ୍ଚ ବିନତି ବାନରା, ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ପଲାଶ ଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ, ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷି ଅଧିକାରୀ ପରେଶ ଦାଶ, ଭାଜପା ନେତା ସୁବ୍ରତ ଦ୍ୱିବେଦୀ, ନିରଞ୍ଜନ ମହାନ୍ତ, ପ୍ରମୋଦ ବାରିକ, କପିଳ ବାରିକ, କୃଷି ଅଧିଦର୍ଶକ ଦୁର୍ଗାଚରଣ ତ୍ରିପାଠୀ, ଅଭୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ କୃଷି କର୍ମଚାରୀ ଧରଣୀଧର କିଶାନ ଓ ଇନ୍ଦ୍ରଜିତ ପୁହାଣ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଭାଜପା ପକ୍ଷରୁ କୃଷକଙ୍କୁ ନେଇ ଏକ ସଭା ଗୁଲୁଦି ପୋଷି ସ୍କାଇଲାବ କ୍ଲବ୍ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା।

# ମେଶିନ ଲଗାଇ ପୋଖରୀ ଖନନ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା

ଛେନାପଦି,୩୦।୪(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଞ୍ଚଳର ଗତ ୨ ବର୍ଷ ଧରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଭୁକ୍ତ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଚଳିତବର୍ଷ ଏହିଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ହାଟଡ଼ିହୀ ବ୍ଲକ ଆମ୍ବୋ ପଞ୍ଚାୟତ ଅଣତୀରା ଗ୍ରାମରେ କାର୍ଯ୍ୟର କୋଡ଼ (ନଂ. ୧୦୯୫୨୨୬୩) ଅନୁସାରେ ଦନ୍ତଗଡ଼ ପୋଖରୀର ଉନ୍ନତିକରଣ କାର୍ଯ୍ୟ ମେଶିନ ସହାୟତାରେ କରାଯାଉଛି। ଫଳରେ ଶ୍ରମିକମାନେ କାମ ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ୩ ଦିନ ପୂର୍ବେ ରାତି ଅଧରେ ମେଶିନ ସହାୟତାରେ ପୋଖରୀ ଖନନ




ଆରମ୍ଭ ହୋଇଛି। ପ୍ରକଳ୍ପ କାର୍ଯ୍ୟର ୩ ଭାଗ ମେଶିନ ସାହାଯ୍ୟରେ ସରିଲାଣି। ତେବେ ଦନ୍ତଗଡ଼ିଆ ପୋଖରୀର ଉନ୍ନତିକରଣ କାର୍ଯ୍ୟ ଅଧାରୁ ଅଧିକ ସରିବାକୁ ବସିଥିବା ବେଳେ ନାମ ଫଳକରେ ୨୯ ଏପ୍ରିଲ ୨୦୨୫ରୁ ଆରମ୍ଭ ହୋଇଥିବା ନେଇ ଉଲ୍ଲେଖ କରାଯାଇଛି। କାର୍ଯ୍ୟଟି ଗତ ୨୦୨୪–୨୫ ଆର୍ଥିକ ବର୍ଷର ଏବଂ ଏହାର ଅଟକଳ ପରିମାଣ ରାଶି ୪, ୯୯, ୯୯୯ ଟଙ୍କା ବୋଲି ଫଳକରେ ଲେଖା ହୋଇଛି। ମେଶିନ ଯୋଗେ କାମ ହେଉଥିବାର ଖବର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯନ୍ତ୍ରୀ କ୍ଷେତ୍ରମୋହନ ମାରାଣ୍ଡି କହିଛନ୍ତି, ଏ ଅଞ୍ଚଳରେ ଲେବରଙ୍କୁ ନେଇ ପଙ୍କ ଉଠିବା କଷ୍ଟ, ତେଣୁ ମେଶିନରେ କରିଦେଇଛନ୍ତି। କାମ ସରିବାକୁ ବସିଥିବା ବେଳେ ନାମ ଫଳକରେ କାର୍ଯ୍ୟ ଆରମ୍ଭ ତାରିଖକୁ ନେଇ କହିଛନ୍ତି, ଅଫିସିଆଲ ପ୍ରୋସେସିଂ ଆରମ୍ଭ ହୋଇନାହିଁ। ତେଣୁ ୨୯ ଲେଖା ହୋଇଛି।

# ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟର କର୍ମକର୍ତ୍ତା ଚୟନ

ବଉଳା,୩୦।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସୁରେଶ୍ୱରୀ ଜେନା ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟର ପ୍ରତିଷ୍ଠାତା ଥିବାବେଳେ ସଭାପତି ଭାବେ ଅଭିନାଶ ତ୍ରିପାଠୀ, ଉପସଭାପତି ଧର୍ମେନ୍ଦ୍ର ମଲ୍ଲିକ, ସମ୍ପାଦକ ଦିବ୍ୟ ରଞ୍ଜନ ରାଉତ, ସାଧାରଣ ସମ୍ପାଦକ ମିହିରି ରଞ୍ଜନ ପଣ୍ଡା, ଯୁଗ୍ମ ସମ୍ପାଦକ ଅଜୟ ଜେନା, କୋଷାଦକ୍ଷ ଶକ୍ତିକାନ୍ତ ରାଉତ, ସଂଯୋଜକ ରାକେଶ ଜେନାଙ୍କୁ ନେଇ ଚୟନ କରାଯାଇଥିବା ଟ୍ରଷ୍ଟର ପ୍ରତିଷ୍ଠାତା ସୁରେଶ୍ୱରୀ ଜେନା ଘୋଷଣା କରିଥିଲେ।

# ଚାଷକାର୍ଯ୍ୟର ଶୁଭାରମ୍ଭକଲେ ଏମ୍‌ପି

ବଉଳା/ହାଟଡ଼ିହୀ,୩୦।୪(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହୀ ବ୍ଲକ୍ ବଡ଼ରମ୍ପାସ ଗ୍ରାମର ଅକ୍ଷୟ ତୃତିୟା ବୁଧବାର ସକାଳ ୮ଟାରେ ପାଳିତ ହୋଇଯାଇଛି। ଏମ୍‌ପି ଅନନ୍ତ ନାୟକ ଅଖିମୁଠି ଅନୁକୂଳ କରିବା ସହିତ ହଳକରି ଚାଷ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ବରିଷ୍ଠ ଭାଜପା ନେତା ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ତୃପ୍ତିମୟୀ ଜେନା, ଦିପ୍ତିମୟୀ ଖୁଣ୍ଟିଆ, ମିନତି ମହାପାତ୍ର, ପ୍ରଦୀପ ଜେନା, ଶଙ୍କର୍ଷଣ ରାଉତ, ଯୁଧିଷ୍ଠିର ମଲ୍ଲିକଙ୍କ ସମେତ୍ ଗ୍ରାମର ବହୁ ଚାଷୀ ଉପସ୍ଥିତ ରହିଥିଲେ। ଅନୁକୂଳ ପରେ ୧୦ଜଣ ଚାଷୀଙ୍କୁ ଏମ୍‌ପି ସମ୍ବର୍ଦ୍ଧିତ କରିଥିଲେ।

# ସ୍କ୍ରାପ୍ ବୋଝେଇ ପିକ୍‌ଅପ୍ ଜବତ

ଯୋଡ଼ା,୩୦।୪(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ସହରର ଗଣେଶ ଭବନ ନିକଟରୁ ଏକ ସ୍କ୍ରାପ୍ ବୋଝେଇ ପିକ୍‌ଅପ୍ ଜବତ ହୋଇଛି। ଘଟଣାସ୍ଥଳରୁ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟ ମୁଷାବଣୀ ଅଞ୍ଚଳର ରଞ୍ଜିତ ଦାସ। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ପିକ୍‌ଅପ୍‌ରେ ପ୍ରାୟ ୧୫ କୁଇଣ୍ଟାଲ ସ୍କ୍ରାପ୍ ବୋଝେଇ କରି ଚୋରାଚାଲାଣ ହେଉଥିଲା। ପୋଲିସ ଖବର ପାଇ ଗଣେଶ ଭବନ ନିକଟରେ ଅଟକାଇ ଯାଞ୍ଚ କରିଥିଲା। ଚୋରା ସ୍କ୍ରାପ୍ ବୋଝେଇ ପିକ୍‌ଅପ୍‌କୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ପୋଲିସ ଏକ ମାମଲା(ନଂ.୧୦୪/୨୦୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ଗ୍ରୀନ୍ ଜୋନ୍‌ରେ ବେଆଇନ ଭାବେ କିସମ ପରିବର୍ତ୍ତନ

## କେନ୍ଦୁଝର ମାଷ୍ଟରପ୍ଲାନ୍ ଅଞ୍ଚଳରେ କମୁଛି ଚାଷଜମି

କେନ୍ଦୁଝର,୩୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମାଷ୍ଟରପ୍ଲାନ୍ ଅଞ୍ଚଳରେ ଦିନକୁ ଦିନ ଚାଷଜମି କମିବାରେ ଲାଗିଛି। ଅନେକ ଶହ ଏକର ଚାଷଜମିକୁ ବେଆଇନ ଭାବେ ଜମି ବ୍ୟବସାୟୀ ବିଭିନ୍ନ ଉପାୟରେ ଜମି ମାଲିକଙ୍କଠାରୁ ଚୁକ୍ତିକରି କିଣାବିକା କରୁଛନ୍ତି। ପରେ ପ୍ଲଟିଂ ସହ ବିକ୍ରିକରିବା ପାଇଁ କିସମ ପରିବର୍ତ୍ତନକରି ଘରବାଡ଼ି କରି ଲାଭ କମାଉଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସଦର ତହସିଲ ମଣ୍ଡୁଆ ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ବାଁପାର ମୌଜାରେ ଗ୍ରୀନ୍ ଜୋନ୍‌ରେ ୨୦୨୩ରେ ପାର୍ଟ ପ୍ଲଟ୍ ହୋଇ ଜମି ବିକ୍ରି ହୋଇଥିଲା। ଏଠାରେ ନୀତିନିୟମ ଉଲ୍ଲଂଘନ କରାଯାଇ ଘରବାରିରେ କିସମ ପରିବର୍ତ୍ତନ କରାଯାଇଛି। ଖାତା ନଂ. ୧୨୩/୫୪୦, ପ୍ଲଟ୍ ନଂ. ୧୪୪/୧୦୦୭, ଖାତା ନଂ. ୧୨୩/୬୧୫, ପ୍ଲଟ୍ ନଂ. ୧୪୪/୧୦୯୪, ଖାତା ନଂ. ୧୨୩/୫୩୮, ପ୍ଲଟ୍ ନଂ. ୧୪୪/୧୦୦୫, ଖାତା ନଂ. ୧୨୩/୫୩୧, ପ୍ଲଟ୍ ନଂ. ୧୪୪/୯୯୮, ଖାତା ନଂ. ୧୨୩/୫୨୬, ପ୍ଲଟ୍ ନଂ. ୧୪୪/୯୯୪ରେ ଓଏଲ୍‌ଆର କେସ୍ କରି କିସମ ପରିବର୍ତ୍ତନ କରାଯାଇ ଘରବାରିରେ ପରିବର୍ତ୍ତନ କରାଯାଇଛି। ସେହିପରି ଖାତା ନଂ. ୧୨୩/୬୫୬, ପ୍ଲଟ୍ ନଂ. ୧୪୪/୧୧୬୬, ଖାତା ନଂ. ୧୨୩/୬୦୫, ପ୍ଲଟ ନଂ.୧୪୪/୧୦୮୫, ଖାତା ନଂ. ୧୨୩/୬୨୩, ପ୍ଲଟ୍ ନଂ. ୧୪୪/୧୧୨୫, ଖାତା ନଂ. ୧୨୩/୬୧୬, ପ୍ଲଟ୍ ନଂ. ୧୪୪/୧୦୯୫ରେ ଗ୍ରୀନ୍ ଜୋନ୍‌ରେ ଥିବା ଶାରଦ ଜଳ ଦୁଇ ଜମିକୁ ଓଏଲ୍‌ଆର୍ କେସ୍ କରି ଘରବାରିରେ କିସମ ପରିବର୍ତ୍ତନ କରାଯାଇଛି। ଏହି ମୌଜାର ୧୦ଟି ପ୍ଲଟ୍‌କୁ ମ୍ୟୁଟେସନ କେସ୍ କରି ଘରବାରିରେ କିସମ ପରିବର୍ତ୍ତନ କରାଯାଇଛି। ୧୦ଟି କେସ୍‌ର ୨୮ ଫେବୃଆରୀ ୨୦୨୫ରେ ତହସିଲଦାର ଯାଞ୍ଚ କରିବା ପରେ ରେକର୍ଡ ରୁମ୍‌କୁ ପଟ୍ଟାରେ ସଂଶୋଧନ ପାଇଁ ୬ ମାର୍ଚ୍ଚ ୨୦୨୫ରେ ପଠାଇଥିବା ଜଣାପଡ଼ିଛି। କେନ୍ଦୁଝର ଟାଉନ୍ ପ୍ଲାନିଂ କାର୍ଯ୍ୟାଳୟରୁ ରିପୋର୍ଟ ନ ଯାଇ ତହସିଲ ପକ୍ଷରୁ ଶାରଦ ଜଳ ଦୁଇ ଜମିକୁ ଘରବାରିରେ ପରିବର୍ତ୍ତନ କରାଯାଇଛି। ମାଷ୍ଟରପ୍ଲାନ ଅଞ୍ଚଳରେ ଚାଷଜମିରେ ବେଆଇନ ଭାବରେ ବଡ଼ ଅଟ୍ଟାଳିକା, ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ଫଳରେ ଜଳ ନିଷ୍କାସନ ଏବଂ ଜମିକୁ ଜଳସେଚନରେ ସମସ୍ୟା ହେଉଛି। ପ୍ରତିକାର କରା ନ ଗଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ନାଗରିକ ମଞ୍ଚର ସଦସ୍ୟ ଦିଲୀପ କୁମାର ସାହୁ କହିଛନ୍ତି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଚାଷଜମିର କିସମ ପରିବର୍ତ୍ତନ ନ କରିବା ପାଇଁ ଚାଷୀ ଜିଲାପାଳଙ୍କ ନିକଟରେ ଦାବି ରଖିଛନ୍ତି। ଏପରିକି ଟାଉନ ପ୍ଲାନିଂ ଅଧିକାରୀଙ୍କ ମତାମତ ନିଆ ନ ଯାଇ ଘରବାରି କରାଯାଇଛି। ଏହାର ତଦନ୍ତ କରିବାକୁ ସାମାଜିକ କର୍ମୀ ପ୍ରଦୀପ ମହାନ୍ତି ଦାବି କରିଛନ୍ତି। ଟାଉନ୍ ପ୍ଲାନିଂ ଅଧିକାରୀ ଦାୟିତ୍ୱରେ ଥିବା କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାୟକ କହିଛନ୍ତି, ବିକ୍ରି ହୋଇଥିବା ଜମିରେ କିସମ ପରିବର୍ତ୍ତନ ହୋଇପାରିବ କି ନାହିଁ, ସେ ସମ୍ପର୍କରେ ତହସିଲ ପକ୍ଷରୁ ରିପୋର୍ଟ ମଗାଯାଉଛି।

# ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

ଯୋଡ଼ା,୩୦।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଶାସ୍ତ୍ରୀ ନଗରରେ ତ୍ରିନାଥ ଦେବ, ଶନି ଦେବଙ୍କ ବାର୍ଷିକ ଉତ୍ସବ ସହିତ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହେଉଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କଳସଯାତ୍ରା, ନାମ ସଙ୍କୀର୍ତ୍ତନ, ସୂର୍ଯ୍ୟପୂଜା, ଗୋପୂଜା, ଶନିଦେବଙ୍କ ଶୋଡ଼ଷ ଉପଚାର ପୂଜା, ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ପ୍ରଭୃତି ରୀତିନୀତି ଅନୁଯାୟୀ କରାଯାଉଛି। ଗୁରୁବାର ଶ୍ରୀ ହନୁମାନଙ୍କ ମନ୍ଦିର ପ୍ରବେଶ, ନବ ଯୌବନ ଦର୍ଶନ, ଆରତୀ ସହିତ ପୂର୍ଣ୍ଣାହୁତି ଦିଆଯିବ ବୋଲି ମନ୍ଦିରର ପଣ୍ଡିତ ସୁଧାଂଶୁ ମିଶ୍ର ସୂଚନା ଦେଇଛନ୍ତି। ବନେଇକଳା, କଳାପାହାଡ଼, ଶାସ୍ତ୍ରୀ ନଗର, ତଳକ ହଟିଂର ଶତାଧିକ ମହିଳା, ପୁରୁଷ କଳସଯାତ୍ରାରେ ସାମିଲ ହେବା ସହିତ ହରିନାମ ସଙ୍କୀର୍ତ୍ତନରେ ଯୋଗଦେଇଥିଲେ। ଶାସ୍ତ୍ରୀ ନଗର କ୍ଲବ୍ ଓ ଅଞ୍ଚଳବାସୀ ଶ୍ରଦ୍ଧାଳୁଙ୍କ ପାଇଁ ୩ ଦିନ ଧରି ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ସଭାପତି ଗୋପାଳ ଚନ୍ଦ୍ର ସାହୁ, ସମ୍ପାଦକ ବିମଳ ପଟ୍ଟନାୟକ କହିଛନ୍ତି।

# ବିଶ୍ୱ ଟିକାକରଣ ସପ୍ତାହ

କେନ୍ଦୁଝର,୩୦।୪(ଦୀପକ ମିଶ୍ର)

କେନ୍ଦୁଝର ହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ପୂର୍ବାହ୍ନ ୧୧ ଟାରେ ବିଶ୍ୱ ଟିକାକରଣ ସପ୍ତାହ ପାଳିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଣୋଦିନୀ ନାୟକ ଅଧ୍ୟକ୍ଷତା କରିଥିଲେ। ଡା. ଅଶୋକ ନାୟକ ଏ ବର୍ଷର ବାର୍ତ୍ତା ସମସ୍ତଙ୍କ ପାଇଁ ଟିକାକରଣ ମାନବ ଚେଷ୍ଟାରେ ସମ୍ଭବ ବିଷୟ ଉପରେ ଆଲୋଚନାକୁ ଆଗେଇ ନେଇଥିଲେ। ଜିଲା ଟୀକା ପରିଚାଳକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଟୀକାକରଣର ସୂଚୀ ଉପରେ ଆଲୋଚନା କରିଥିଲେ। ଚିତ୍ତରଞ୍ଜନ ଜେନା ଶିଶୁ ନେଉଥିବା ଟୀକାଗୁଡ଼ିକୁ ୟୁ–ଉଇନ ପୋର୍ଟାଲରେ ଅପଡେଟ୍ କରିବା ବାବଦରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ପାରା ମେଡିକାଲ କର୍ମଚାରୀ, ଆଶାକର୍ମୀ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭରତ ସାହୁ ଓ ଏସଏ ବୃନ୍ଦାବନ ସାହୁ ସଂଚାଳନା କରିଥିଲେ।

# ହାତୀ ଆକ୍ରମଣରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର



ଧାରଣାରେ ବସିଥିବା ଗ୍ରାମବାସୀ।

## ବନାଞ୍ଚଳ କାର୍ଯ୍ୟାଳୟ ଘେରିଲେ ଉତ୍ତ୍ୟକ୍ତ ଲୋକେ

କେନ୍ଦୁଝର,୩୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଦୁବୁଲାପାଲ ବିଟ୍ ଅନ୍ତର୍ଗତ ବାଦିରିଝରା ଗ୍ରାମରେ ବୁଧବାର ସକାଳ ୬ଟାରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ତେଲକୋଇ ଥାନା ଅନ୍ତର୍ଗତ ଉଦୟଗିରି ଗ୍ରାମର ଲାବଣ୍ୟ ପଲେଇ(୪୫)। ଗୁରୁତର ଜଣଙ୍କ ତାଙ୍କ ସ୍ୱାମୀ ଯଦୁ ପଲେଇ(୫୦)। ବନ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ନିରୀହ ଲୋକଙ୍କ ଜୀବନଗଲା ବୋଲି ଅଭିଯୋଗକରି ଗ୍ରାମବାସୀ ତେଲକୋଇ ବନାଞ୍ଚଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ସୂଚନା ଅନୁଯାୟୀ, ଗାଁ ପାଖ ଜଙ୍ଗଲରେ ୨ଟି ଦଳରେ ମୋଟ ୩୬ଟି ହାତୀ ଚଳପ୍ରଚଳ କରୁଛନ୍ତି। ସକାଳ ସମୟରେ ଦମ୍ପତି କାଜୁ ସଂଗ୍ରହ କରିବାକୁ ଯାଇଥିବା ବେଳେ ଉଦୟଗିରି–କନ୍ତଲେଇ ରାସ୍ତାରେ ଉକ୍ତ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଗୋଟିଏ ହାତୀ ଲାବଣ୍ୟକୁ ଶୁଣ୍ଢରେ ଉଠାଇ କଚାଡିବା ସହ ଦଳି ଦେଇଥିଲା। ଯଦୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ହାତୀଟି ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ବନ ଅଧିକାରୀମାନେ ପହଞ୍ଚି ଉଭୟଙ୍କୁ ସ୍ଥାନୀୟ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜିଲା ମୁଖ୍ୟାଳୟ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରୁ ଲାବଣ୍ୟଙ୍କୁ କଟକ ସ୍ଥାନାନ୍ତର ବେଳେ ଘଷିପୁରା ନିକଟରେ ମୃତ୍ୟୁ ହୋଇଥିଲା। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଉକ୍ତ ଅଞ୍ଚଳରେ ୩ ଦିନ ହେବ ହାତୀ ବୁଲୁଥିଲେ ହେଁ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇ ନ ଥିଲା। ହାତୀ ସ୍କ୍ୱାଡ ଏବଂ ବନ ବିଭାଗ ପାଟ୍ରୋଲିଂ ଷ୍ଟାଫ୍ ରାତିରେ ଠିକ ଭାବେ ଡ୍ୟୁଟି ନ କରି ଭୁଲ୍ ରିପୋର୍ଟ ଦେଉଛନ୍ତି ବୋଲି ଗ୍ରାମର ବାଳାମଣୀ ନାୟକ, କମାଲୁ ମହାକୁଡ, ଚିତ୍ରସେନ ସାହୁ, ହୃଷୀ ସାହୁ, ବିନୋଦ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରଥିଲେ। ତେଲକୋଇ ବନାଞ୍ଚଳ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଦୁବୁଲାପାଲ ବିଟ୍‌ର ବନରକ୍ଷୀ ଏବଂ ହାତୀସ୍କ୍ୱାଡ୍ ମଙ୍ଗଳବାର ରାତି, ବୁଧବାର ସକାଳେ ମାଇକିଂ କରିଥିଲେ। ମୃତ ମହିଳାଙ୍କ ପରିବାର ଲୋକଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଆହତଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ହାତୀକୁ ଟ୍ରାକ୍ କରିବା ଏବଂ ଗ୍ରାମବାସୀଙ୍କୁ ସତର୍କ କରିବା ପାଇଁ ହାତୀ ଡ୍ରାଇଭିଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି।

# ରଥଚକରେ ଲାଗି ହେଲା ଅଖ

ଉଦଳା, ୩୦।୪ (ସନ୍ତୋଷ କୁମାର ବାଛିନୀ)

ଅକ୍ଷୟ ତୃତୀୟା ଅବସରରେ ବୁଧବାର ଉଦଳା, କପ୍ତିପଦା ଏବଂ ଉଦଳା ବ୍ଲକ ଅଧୀନରେ ଥିବା ଡିହିରାକୁଳ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉଙ୍କର ନୀତିକାନ୍ତି ପୂଜାର୍ଚ୍ଚନା ପରେ ରଥଖଳାରେ ରଥ ଅନୁକୂଳ କରାଯାଇଛି । ଉଦଳା ଜଗନ୍ନାଥ ମନ୍ଦିରରେ ଭୋର ସାଢେ ୪ ଟା ସମୟରେ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ସଂପନ୍ନ ହୋଇଥିଲା । ପରେ ନାମ ସଙ୍କୀର୍ତ୍ତନ, ଘଂଟା, ଶଙ୍ଖ ଶୋଭାଯାତ୍ରାରେ ଶ୍ରୀ ଜୀଉଙ୍କର ଆଜ୍ଞାମାଳ ରଥଖଳାକୁ ନିଆଯାଇଥିଲା। ରଥଖଳାରେ ଘଟସ୍ଥାପନ କରାଯାଇ ମନ୍ଦିରର ମୁଖ୍ୟ ପୂଜକ ରତିକାନ୍ତ ଦାଶଙ୍କ ସହଯୋଗରେ ରଥ କାର୍ଯ୍ୟରେ ନିୟୋଜିତ ମହାରଣାଙ୍କ ସହାୟତାରେ ରଥ ଚକରେ ଅଖ ସଂଲଗ୍ନ କରାଯାଇଥିଲା । ମୁଖ୍ୟ କର୍ତ୍ତା ଭାବେ ଆନନ୍ଦ କୁମାର ଦାସ ପୂଜା ସଂପାଦନ କରିଥିଲେ। ରଥ ପରିଚାଳନା କମିଟିର ସଭାପତି ଯଜ୍ଞ ନାରାୟଣ ମହାନ୍ତି, ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପରିଚାଳନା କମିଟି ସଂପାଦକ ଲକ୍ଷ୍ମଣ ନାୟକଙ୍କ ସମେତ ଶତାଧିକ ଜଗନ୍ନାଥ ପ୍ରେମୀ ରଥଖଳାରେ ଉପସ୍ଥିତ ରହି ରଥ ଅଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ସେହିଭଳି ଭାବେ କପ୍ତିପଦା ଜଗନ୍ନାଥ ମନ୍ଦିର, ଉଦଳା ବ୍ଲକ ଅଧୀନରେ ଥିବା ଡିହିରାକୁଳ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ସକାଳେ ଶ୍ରୀ ଜୀଉଙ୍କ ନୀତିକାନ୍ତି ପରେ ରଥଚକରେ ଅଖ ଲାଗି କରାଯାଇଥିଲା ।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

# ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ



ଦେବଦତ୍ତ ପଟ୍ଟନାୟକ

ଅନେକ ତୀର୍ଥସ୍ଥଳକୁ ଶାକାହାର କ୍ଷେତ୍ରରେ ପରିଣତ କରାଯାଉଛି। ପ୍ରଥମେ ଜୈନ ତୀର୍ଥସ୍ଥଳୀକୁ ଏଭଳି କରାଯିବା ପରେ ଏବେ ଏହା ହିନ୍ଦୁ ତୀର୍ଥସ୍ଥଳୀରେ କରାଯାଉଛି। ଆମର ଧାରଣା ରହିଛି ଯେ, ଶାକାହାର ଖାଦ୍ୟ ଅହିଂସକ (ଏହା ପ୍ରକୃତରେ ନୁହେଁ) ଏବଂ ଅଣ୍ଡା, ମାଛ ଓ ମାଂସ ଅଶୁଦ୍ଧ ଓ ଦୂଷିତ (ବାସ୍ତବରେ ତାହା ନୁହେଁ)। ଆମର ଆଉ ମଧ୍ୟ ଧାରଣା ଅଛି ଯେ, ଶାକାହାର ଖାଦ୍ୟକୁ ଈଶ୍ୱର ପସନ୍ଦ କରନ୍ତି (କେବେଠାରୁ କାହାକୁ ଜଣାନାହିଁ) । ଦେଖିବାକୁ ଗଲେ ବିଶ୍ୱାସ ଯୁକ୍ତିଯୁକ୍ତ କିମ୍ବା ବିଜ୍ଞାନସମ୍ମତ ନୁହେଁ। ବିଶ୍ୱାସ ହେଉଛି ସେହି ସିଦ୍ଧାନ୍ତ ଯାହା ସମାଜରେ ଲୋକଙ୍କୁ ବାନ୍ଧି ରଖେ। ସମାଜରେ ଏବେ ସୁଦ୍ଧା ବିଶ୍ୱାସ ରହିଛି , ବ୍ରାହ୍ମଣ ଖାଦ୍ୟାଭ୍ୟାସ ହେଉଛି 'ଠିକ୍' ହିନ୍ଦୁଙ୍କ ଖାଦ୍ୟାଭ୍ୟାସ। ଏହା ହେଉଛି ପୂରା ମିଛ, ଯାହାକୁ ଏକ ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଲାଗି ରାଜନୈତିକ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚାର କରାଯାଉଛି । ଭାରତକୁ ଏକାଠି କରିବାକୁ ଚାହୁଁଥିବା ଅନେକ ରାଜନୈତିକ ଗୋଷ୍ଠୀ ପାର୍ଟି ମୁଖ୍ୟାଳୟ, ସରକାରୀ ସ୍କୁଲ, କଲେଜ, କାର୍ଯ୍ୟାଳୟ ଏବଂ ଜେଲଗୁଡ଼ିକରେ ଶାକାହାର କ୍ୟାଣ୍ଟିନ ପାଇଁ ଜୋର୍ ଦେଉଛନ୍ତି। କିନ୍ତୁ ଭାରତରେ ୮୦ ପ୍ରତିଶତ ଲୋକ ମାଂସ ଖାଆନ୍ତି ବୋଲି ସେମାନେ କେବେ ବି ଚିନ୍ତା କରୁନାହାନ୍ତି । କଶ୍ମୀର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବ୍ରାହ୍ମଣ ସମ୍ପ୍ରଦାୟର ଲୋକେ ମାଂସ ଖାଇଥାନ୍ତି। ହେଲେ ମାଂସ ଖାଉଥିବା ଦେବତାଙ୍କ ବାସ୍ତବତାକୁ ଅସ୍ୱୀକାର କରାଯାଉଛି। ଆମ ପାର୍ଲାମେଣ୍ଟ କ୍ୟାଣ୍ଟିନରେ କେବେବି ଆଦିବାସୀ ଖାଦ୍ୟ ଦିବସ ପାଳନ ହୁଏ ନାହିଁ। ଏପରିକି ମ୍ୟୁଜିୟମରେ ଥିବା ହରପ୍ପା ସଭ୍ୟତାର ଖାଦ୍ୟ ସଂସ୍କୃତିର ଛବିରେ ମାଂସ ଭକ୍ଷଣ ପରମ୍ପରା ଦେଖିବାକୁ ମିଳେ ନାହିଁ।

ଭାରତରେ ଅନେକ ସମ୍ପ୍ରଦାୟର ଲୋକ ଦୀର୍ଘ ଶତାବ୍ଦୀ ଧରି ଗାଁରେ ହେଉଥିବା ଉତ୍ସବରେ ବଳୁଥିବା ଖାଦ୍ୟ ଖାଇ ଆସିଛନ୍ତି ଏବଂ ମଲାପଶୁଙ୍କ ମାଂସ ମଧ୍ୟ ଖାଇ ଆସିଛନ୍ତି। ଏହା କେବେ ବି ସେମାନଙ୍କ ପସନ୍ଦ ନ ଥିଲା। ଏହାକୁ ବ୍ରାହ୍ମଣମାନେ ଜନ୍ମ ନିର୍ଦ୍ଧାରିତ ସ୍ୱଧର୍ମ ବୋଲି କହନ୍ତି। କିନ୍ତୁ ଏବେ ଏକ ଜାତି ବିହୀନ ସମାଜ ଗଠନ କରିବା ପାଇଁ ଏହିସବୁ ସମ୍ପ୍ରଦାୟଗୁଡ଼ିକୁ କୁହାଯାଉଛି ଯେ, ଭାରତର ଧନୀ ବ୍ୟବସାୟୀ ଗୋଷ୍ଠୀଙ୍କ ଶାକାହାର ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ଉତ୍ଥାନ ସହଜରେ ହୋଇପାରିବ। ଏହି ଧନିକ ବଣିକ ଗୋଷ୍ଠୀ ଭାରତରେ ଅଧିକାଂଶ ସଂସାଧନ ନିୟନ୍ତ୍ରଣ କରିବା ସହ ରାଜନୈତିକ ଦଳଗୁଡ଼ିକ ପାଇଁ ପ୍ରମୁଖ ପାଣ୍ଠି ଯୋଗାଡ଼ିଆ ପାଲଟିଛନ୍ତି। ତେବେ ପବିତ୍ରତାର ମଡେଲ ଶିଖ ସମ୍ପ୍ରଦାୟର ସମ୍ପୂର୍ଣ୍ଣ ଶାକାହାର ରୋଷଘରେ ଦେଖିବାକୁ ମିଳେ। ଶିଖ ସମ୍ପ୍ରଦାୟର ନେତାମାନଙ୍କ ଅନୁଯାୟୀ, ଏଥିରେ ଜାତିର କୌଣସି ସମ୍ପର୍କ ନାହିଁ। ଏବେ ମାଝାବି ଶିଖ( ଯେଉଁମାନେ ପରିମଳ କାର୍ଯ୍ୟରେ ଜଡ଼ିତ)ଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ଶିଖ ନେତାମାନେ ବିପଦରେ ପଡ଼ିଛନ୍ତି। କାରଣ ମାଝାବି ଶିଖମାନେ କୌଣସି କଟକଣା ନ ଥିବା ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟଧର୍ମ ପ୍ରତି ଆକର୍ଷିତ ହେଉଛନ୍ତି।



ରଣଭୂମିରେ ଏକ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଖାଦ୍ୟ ସମ୍ପର୍କିତ ଉପଦେଶ ଦିଆଯାଇଥିବା ଦେଖାଯାଏ। ମହାଭାରତ ଯୁଦ୍ଧରେ ଅଧିକାର ଛଡ଼ାଇନେଇଥିବା ସମ୍ପର୍କୀୟ ଭାଇମାନଙ୍କ ବିରୋଧରେ ଅସ୍ତ୍ର ଧରିବାକୁ ଅର୍ଜୁନଙ୍କୁ କୃଷ୍ଣ ବୁଝାଇଥିଲେ। ଏହି ସମୟରେ କୃଷ୍ଣ ବିଭିନ୍ନ ଭାଗରେ ବିଭକ୍ତ ଖାଦ୍ୟ ଯଥା ସାତ୍ତ୍ୱିକ, ରାଜସିକ ଓ ତାମସିକ ଖାଦ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଥିଲେ। ଖାଦ୍ୟ ଜାତି ଗଢ଼ିଛି। ତିନି ପ୍ରକାର ଖାଦ୍ୟ ଚାରି ପ୍ରକାରର ଜାତିକୁ ଜନ୍ମ ଦେଇଛି ଏବଂ ପ୍ରତ୍ୟେକ ଜାତିର କର୍ତ୍ତବ୍ୟ ରହିଛି। ତେବେ ମହାଭାରତର ଖାଦ୍ୟ ବର୍ଗୀକରଣ ପରଠାରୁ ବଡ଼ ପରିବର୍ତ୍ତନ ହୋଇଥିବା ଜଣାପଡ଼େ। ଗୃହପାଳିତ ଏବଂ ବନ୍ୟପ୍ରାଣୀ ମାଂସ ରାଜା ଓ ସେମାନଙ୍କ ପୂଜକମାନେ ଅତ୍ୟଧିକ ଖାଇବା ଦେଖାଯାଏ। ରନ୍ତିଦେବଙ୍କ ରୋଷଘରେ ଅତ୍ୟଧିକ ମାଂସ ପରଷାଯାଉଥିବା ବେଶ୍ ଜଣାଶୁଣା। ପ୍ରସିଦ୍ଧ ରାଜ ରୋଷେୟା ଭାବେ ନଳ ରୋଷେଇ ସମ୍ପର୍କରେ 'ପାକଦର୍ଶନ' ନାମକ ଏକ ବହି ଲେଖିଥିବା କୁହାଯାଏ। ଅନ୍ନ ଓ ମାଂସରେ ପ୍ରସ୍ତୁତ ବିରିଆନୀ ଭଳି ଖାଦ୍ୟ 'ମନସୋଦନ' ସମ୍ପର୍କରେ ସେଥିରେ ବର୍ଣ୍ଣନା ରହିଛି। କିନ୍ତୁ ମହାଭାରତ ମହାକାବ୍ୟକୁ ହିନ୍ଦୀରେ ଅନୁବାଦ କରିବା ପରେ ସେଥିରେ ମାଂସ ପରିବର୍ତ୍ତେ କଖାରୁ ଓ ଲାଉ ଉଲ୍ଲେଖ କରାଯାଇଛି। ଅନେକ ସଂସ୍କୃତ ବିଦ୍ୱାନ ଯୁକ୍ତି ଦର୍ଶାନ୍ତି ଯେ, ସଂସ୍କୃତରେ ମାଂସ ଶବ୍ଦକୁ ଫଳର ରସାଳ ଅଂଶ ତଥା ପଶୁର ମାଂସ ଭାବେ ଲେଖାଯାଇପାରିବ। ଏଭଳି ଯୁକ୍ତିକୁ ଦେଖିଲେ ବୈଦିକ ବୀରମାନଙ୍କୁ ଶାକାହାରୀ କିମ୍ବା ମାଂସାହାରୀ ଭାବେ ବିଚାର କରାଯାଇପାରେ।

କୃଷ୍ଣଙ୍କ ତଥାକଥିତ ଖାଦ୍ୟ ସମ୍ପର୍କିତ ଉପଦେଶକୁ ଆଧାରକରି ତାଙ୍କର ଅନେକ ଅନୁଗାମୀ ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନରେ ଅଣ୍ଡା ଦେବାକୁ ମନା କରନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଭଳି କରିବାକୁ କହିଥାନ୍ତି। ବୈଷ୍ଣବ ବ୍ରାହ୍ମଣମାନଙ୍କ ମତରେ ସାତ୍ତ୍ୱିକ ଖାଦ୍ୟ ହେଉଛି ଏକ ବିଜ୍ଞାନସମ୍ମତ ସନ୍ତୁଳିତ ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବୈଷ୍ଣବ ବ୍ରାହ୍ମଣଙ୍କ ଖାଦ୍ୟାଭ୍ୟାସ ସହ ଜୈନ ପ୍ରତିଷ୍ଠାତା ଏକମତ ଥିବା ଦେଖାଯାଏ। ଜୈନ କାହାଣୀଗୁଡ଼ିକରେ ବର୍ଣ୍ଣନା ଅଛି ଯେ, ବାହାଘର ଭୋଜି ପାଇଁ ହତ୍ୟା କରାଯିବା ଲାଗି ଏକାଠି କରାଯାଇଥିବା ପଶୁମାନଙ୍କ ବିକଳ ରଡ଼ି ଶୁଣି ନେମିନାଥ ଶାକାହାରୀ ହୋଇଯାଇଥିଲେ। ଭାରତର ଅଧିକାଂଶ ବ୍ୟବସାୟୀ ଗୋଷ୍ଠୀ ଖାଦ୍ୟ ବିଷୟରେ ଅହିଂସାକୁ ଗ୍ରହଣ କରନ୍ତି ନାହିଁ। ବିଶେଷକରି ବଡ଼ ବଡ଼ ଉତ୍ସବ କିମ୍ବା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରେ ଅହଂସା ବା ପଶୁହତ୍ୟାକୁ ଗ୍ରହଣ କରାଯାଉଛି।

କଶ୍ମୀର ପଣ୍ଡିତମାନେ ହେରଥ (ହର-ରାତି, ଶିବ-ରାତି) ପର୍ବରେ ଶିବ ଓ ଶକ୍ତିଙ୍କ ଉପାସନାରେ ମାଂସ ଅର୍ପଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମହାରାଷ୍ଟ୍ରରେ କୈବର୍ତ୍ତମାନେ ଗୌରୀଙ୍କୁ ମାଛ ଅର୍ପଣ କରିଥାନ୍ତି। ଏହି ସମୟରେ ତାଙ୍କୁ ଭୋଗ ଆକାରରେ ଦିଆଯାଇଥିବା ମାଛ ଯେଭଳି ତାଙ୍କ ପୁତ୍ର ଗଣେଶଙ୍କୁ ଅସନ୍ତୁଷ୍ଟ ନ କରେ ସେଥିପାଇଁ ଏକ ପରଦା ଢାଙ୍କି ଦିଆଯାଏ। ଅବଶ୍ୟ ଗଣେଶ ହେଉଛନ୍ତି ସମ୍ପୂର୍ଣ୍ଣ ଶାକାହାରୀ। ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିରରେ, ବିରାଟକାୟ ରୋଷଘରେ ଶାକାହାର ପ୍ରସ୍ତୁତ କରାଯାଏ। କିନ୍ତୁ ମା' ବିମଳାଙ୍କୁ ରାତିରେ ଗୁପ୍ତରେ ଛାଗବଳି ଦିଆଯିବା କଥା ଆଲୋଚନା ହୁଏ। ଗୋଦାବରୀ ଅବବାହିକାର ବିଭିନ୍ନ ଅଞ୍ଚଳରେ ମାଟିର ଉର୍ବରତା ବଢ଼ାଇବା ପାଇଁ ଗ୍ରାମଦେବତୀଙ୍କୁ ମଇଁଷି ବଳି ଦିଆଯାଏ। ତାମିଲର ପେରିୟା ପୁରାଣମ୍‌ରେ ବର୍ଣ୍ଣନା ରହିଛି ଯେ, ଆଦିବାସୀମାନେ ଶ୍ରଦ୍ଧାରେ ଅର୍ପଣ କରୁଥିବା ମାଂସକୁ ଶିବ ଗ୍ରହଣ କରନ୍ତି। ଭାରତରେ ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ଦେବଦେବୀ ରହିଛନ୍ତି। ସେମାନଙ୍କର ମଧ୍ୟ ନିଜସ୍ୱ କାହାଣୀ , ପ୍ରତୀକ, ପରମ୍ପରା ଓ ରୀତିନୀତି ଅଛି। ଭାରତକୁ ଏକାଠି କରିବା ପାଇଁ ଅନେକେ ଗୋଟିଏ ଭାଷା, ଗୋଟିଏ ରଙ୍ଗ ଏବଂ ଅଧିକୋତ୍ତର ଭାବେ ଗୋଟିଏ ଖାଦ୍ୟକୁ ଉତ୍ସାହିତ କରୁଥିବା ମନେହେଉଛି। ବିବିଧତାକୁ ବିଭାଜନ ଭାବେ ଉପସ୍ଥାପନ କରାଯାଉଛି। ଏଭଳି ରଣନୀତି ନାସ୍ତିକ ରୋମାନ ସାମ୍ରାଜ୍ୟକୁ ଖ୍ରୀଷ୍ଟିଆନ ରୋମାନ ସାମ୍ରାଜ୍ୟରେ ପରିଣତ କରିଥିଲା। ଏହା କ'ଣ ଭାରତରେ ସଫଳ ହେବ ?

-devduttofficial@gmail.com

# ଭାବରେ ଭଗବାନ



ଅଞ୍ଜନ ଚାନ୍ଦ

ବନ୍ଧୁ ପଚାରିଲେ - ଏବେ ପୁରୀ ଗଲେଣି ? କାହିଁକି ? କ'ଣ ହୋଇଛି ? ସେ କହିଲେ - ପୁରୀର ରୂପ ବଦଳିଯାଇଛି। ମୁଁ କହିଲି ନାହିଁ, କିଛିଦିନ ତଳେ ସେଠାକୁ ଯାଇଥିଲି। ସହରର ଚାକଚକ୍ୟ ଦେଖିଲି। କିନ୍ତୁ ବଡ଼ଦେଉଳରେ ଜଗନ୍ନାଥଙ୍କୁ ପାଇଲିନାହିଁ।୧୯୮୪ରେ ପ୍ରଥମେ ଯାଇଥିଲି ପୁରୀ। ଗାଁ କଲେଜରୁ ସାର୍ଟିଫିକେଟ କାଟିନେଇଥିଲି। ଇଚ୍ଛା ଥିଲା ସେଠାରେ ରହି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ପଢ଼ିବି। ଯାଇ ଶୁଣିଲି ଆଡମିସନ ଡେଟ୍ ଚାଲିଯାଇଛି। ଏବେ କ'ଣ ହେବ ? ବିଭିନ୍ନ ବିଭାଗରେ ସିଟ୍ ଖାଲି ଅଛି। ଡେଟ୍ ହୁଏତ ବଢ଼ିପାରେ। ସେଦିନ ରାତିରେ ହଷ୍ଟେଲରେ ରହିଲି। ଜଣେ ବଡ଼ଭାଇ ସପଟିଏ ଦେଇ କହିଲେ, ଛାତ ଉପରେ ଶୋଇଯାଅ। ଭଲ ପବନ ଲାଗିବ। ଉପରକୁ ଯାଇ ଦେଖେ ତ କି ଚମତ୍କାର ଦୃଶ୍ୟ। ତାରା ଖଚିତ ଆକାଶ ଭିତରକୁ ନୀଳଚକ୍ର ପୂରାଇ ଶ୍ରୀମନ୍ଦିର ଉଲ୍ଲାସରେ ପତିତପାବନ ଉଡ଼ାଉଛି। ସେଇ ମୁହୂର୍ତ୍ତରେ ମନେହେଲା ମୋ ଜୀବନ ସତରେ ଧନ୍ୟ ହୋଇଛି। ଜଗନ୍ନାଥଙ୍କ କୃପା ହେଲେ ଏଇଠି ରହି ଆଚାର୍ଯ୍ୟ ପଢ଼ିବି। ସବୁଦିନ ଏ ଦୃଶ୍ୟ ଦେଖୁଥିବି।

ସକାଳେ ନିତ୍ୟକର୍ମ ସାରି ମନ୍ଦିରକୁ ଗଲି। ଜଗନ୍ନାଥଙ୍କୁ ଦେଖିଲି। ନୀରବରେ ମନୋବାଞ୍ଛା ଜଣାଇଲି। ବୋଧହୁଏ କହୁଥିଲେ, ମୁଁ ଅଛି। ଯା, ଥରେ ଚେଷ୍ଟା କର। ମୁଁ ଡିପାର୍ଟମେଣ୍ଟକୁ ଯାଇ ବ୍ୟାକରଣ ବିଭାଗର ମୁଖ୍ୟ ବନମାଳୀ ସାର୍‌ଙ୍କୁ ଦେଖାକଲି। ସେ ମୋ ସାର୍ଟିଫିକେଟ ଦେଖିଲେ। ପଚାରିଲେ - ତୁମେ ଗୌରାଙ୍ଗର ଛାତ୍ର ? ମଧ୍ୟମାରୁ ବ୍ୟାକରଣ ପଢ଼ିଛ ? ଆମ ଅଧ୍ୟାପକ ଗୌରାଙ୍ଗ ସାର୍ ତାଙ୍କର ଛାତ୍ର ଥିଲେ। ମୋତେ ସାଥିରେ ନେଇ ସେ ଅଫିସକୁ ଗଲେ। ଭିସିଙ୍କୁ କହିଲେ - ମୋ ବିଭାଗରେ ଏଇ ପିଲାଟି ନିହାତି ଦରକାର ଏବଂ ସେଇ ଦିନ ହିଁ ଡେଟ୍ ଗୋଟିଏ ମାସ ବଢ଼ିଗଲା। ଅପେକ୍ଷାରେ ଥିବା ସବୁ ପିଲା ଆଡମିସନ ନେଇଗଲେ।

ପଶ୍ଚିମଦ୍ୱାର ପାଖରେ ରାସ୍ତା ସେପଟେ ତିନିମହଲା କୋଠାଘରଟି ଆମ ୟୁନିଭର୍ସିଟିର ବଏଜ ହଷ୍ଟେଲ ଥିଲା। ଦ୍ୱିତୀୟ ମହଲାର ରାସ୍ତା ପାଖ କୋଠରିରେ ମୁଁ ରହିଲି। ଝର୍କାଦେଇ ଚାହିଁଲେ ନୀଳଚକ୍ର ଓ ପତିତପାବନ ଦିଶେ। ନିତିଦିନ ସକାଳ ସଞ୍ଜରେ ଆମେ ମନ୍ଦିର ଯାଉ। ଜଗନ୍ନାଥଙ୍କୁ ଦର୍ଶନ କରୁ। ମୁଁ ଆଶ୍ଚର୍ଯ୍ୟରେ ଦେଖେ ଲୋକମାନେ ତାଙ୍କ ସହ କଥା ହେଉଛନ୍ତି। ହସୁଛନ୍ତି, କାନ୍ଦୁଛନ୍ତି। ବାହା ଟେକି ନାଚୁଛନ୍ତି। ମୋତେ କେମିତି ଅଡୁଆ ଲାଗେ। ଅଥଚ କିଛିଦିନ ପରେ ମୋ ଭିତରେ ବି ସେଇ ଭାବନା ଆସିଲା। ଜଗନ୍ନାଥ ନିଜର କେହି ଖୁବ୍ ଅନ୍ତରଙ୍ଗ ମନେହେଲେ।

ପୁରୀ ସହର ଓ ବଡ଼ଦେଉଳ ପରିସର ରୂପାନ୍ତରିତ ହେବା ପରେ ଯେବେ ଏକ କୌତୂହଳରେ ପୁଣି ସେଠାକୁ ଗଲି କାହିଁକି କେଜାଣି ପୂର୍ବ ପରି ଦିବ୍ୟ ଆନନ୍ଦ ପାଇପାରିଲି ନାହିଁ। ମନେହେଲା ଯେମିତି ଜଗନ୍ନାଥ ଏବେ ବଡ଼ଲୋକଙ୍କର ହୋଇଯାଇଛନ୍ତି। ସାଧାରଣ ଲୋକ ସହ ଦୁଃଖ ସୁଖ ହେବା ପାଇଁ ତାଙ୍କ ପାଖରେ ଅବସର ନାହିଁ। ସବୁଆଡ଼େ ଜନଗହଳି। ଗହଳି ନିୟନ୍ତ୍ରଣ ପାଇଁ ଅନେକ କଟକଣା। ଭକ୍ତଙ୍କ ମନରୁ ଅନୁରକ୍ତି ଦୂରହୋଇ ବିରକ୍ତି ଭାବ ସୃଷ୍ଟି ହେଉଛି। ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆହୋଇ ଠେଲାପେଲା ଭିତରେ ବିଚରା ଲୋକଟିଏ ଭକ୍ତିଭାବ ହରାଇ ବସୁଛି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି କେବଳ ଦେଖିଦେଇ ସେଠାରୁ ଫେରିଯାଉଛି।

ଅମୁକ ଦିନଟି ଖୁବ୍ ଶୁଭ। ସେଦିନ ସମୁକ ଦେବତାଙ୍କୁ ଦର୍ଶନକଲେ ପୁଣ୍ୟଫଳ ମିଳେ। ମନସ୍କାମନା ପୂରଣ ହୁଏ। ଏମିତି ଅନେକ ପ୍ରଚଳିତ ବିଶ୍ୱାସ ଆମକୁ ଧର୍ମପୀଠକୁ ଆକର୍ଷଣ କରୁଛି। ଯେକୌଣସି ପ୍ରକାରେ ଦେବତାଙ୍କୁ ଦେଖିବାର ବ୍ୟଗ୍ରତା କାରଣରୁ ସେଠାରେ ଗହଳି ସୃଷ୍ଟି ହେଉଛି। ଗହଳିକୁ ନିୟନ୍ତ୍ରଣ କରିବାପାଇଁ ବ୍ୟବସ୍ଥା ନାମରେ ଯେଉଁ ଅବ୍ୟବସ୍ଥା ହେଉଛି ତାହା ପୀଠସ୍ଥଳର ପାରିବେଶିକ ପ୍ରଭାବକୁ ନଷ୍ଟ କରିଦେଉଛି।

ବାହ୍ୟ ସଂସାରକୁ ଛାଡ଼ ନିଜ ଭିତରକୁ ପ୍ରବେଶ କରିବା ପାଇଁ ଆମେ ଆଖି ବନ୍ଦ କରିଦେଉ। ଦେବତାଙ୍କ ସମ୍ମୁଖରେ ଠିଆହୋଇ ତାଙ୍କୁ କିଛି ଜଣାଇବା ସମୟରେ ଆମ ପଲକ ପଡ଼ିଯାଏ। ଅର୍ଥାତ୍ ସେ ଆମ ନିଜ ଭିତରେ ହିଁ ଅଛନ୍ତି। ଅନ୍ତର୍ମୁଖୀ ହେଲେ ତାଙ୍କୁ ଦେଖିହେବ। ଭାବ ବିନିମୟ କରିହେବ। ଅନ୍ୟ ବିଚାରରେ ସେ ତ ସର୍ବବ୍ୟାପ୍ତ। ବିଶ୍ୱ ବ୍ରହ୍ମାଣ୍ଡରେ ସର୍ବତ୍ର ସେ ବିଦ୍ୟମାନ। ସେ ଭାବର ଠାକୁର। ମନରେ ଭାବନା ଥିଲେ ଯେ କୌଣସି ସ୍ଥାନରେ ତାଙ୍କୁ ପାଇହେବ। ଭାବନା ନ ଥିଲେ ଧର୍ମପୀଠ ମଧ୍ୟ ଦେବତାଶୂନ୍ୟ ହୋଇଯିବ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜ ସ୍ୱାର୍ଥକୁ ପଛରେ ପକାଇ ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। ସେ ନିଜର ସବୁକିଛି ଦାନ କରିବା ପାଇଁ ବି ପଛାଇନାହାନ୍ତି। ଡ. ମିଶ୍ରା ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାରକରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ଚାକିରିକାଳର ସମସ୍ତ ରୋଜଗାରକୁ ସେ ସମାଜସେବାର ବିଭିନ୍ନ କାମରେ ଖର୍ଚ୍ଚ କରି ଦେଉଛନ୍ତି। ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି ଓ ସେମାନଙ୍କୁ ନିଜ ଖର୍ଚ୍ଚରେ ବିବାହ ମଧ୍ୟ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଯୁବତୀଙ୍କୁ ସେ ବିବାହ ଦେଇଛନ୍ତି। ଏହାସହ ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରି ସାରିଲେଣି। ଏହା ବ୍ୟତୀତ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ୍ୟ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି। ବିଭିନ୍ନ ରାଲି ଆୟୋଜନ କରି ସେ ଲୋକଙ୍କୁ ସଚେତନ କରୁଛନ୍ତି। ତାଙ୍କ ମତରେ ସମାଜ ଓ ପରିବେଶ ଭଲ ରହିଲେ ହିଁ ସମସ୍ତଙ୍କ ଜୀବନ ସୁଖଶାନ୍ତିରେ କଟିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୧ ମେ ୧୯୭୬

- ବେଆଇନ ଭାବେ ବା ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ନ ହୋଇ କୋଇଲା ଖଣି କରିବା ନିଷିଦ୍ଧ କରାଯାଇ ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ନୂଆ ଅର୍ଡିନାନ୍ସ ଜାରି କରାଯାଇଛି।
- ଦିମିତ୍ରୀ ଉସ୍ତିନୋଭ୍‌ଙ୍କୁ ସୋଭିଏଟ ରୁଷିଆର ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୂପେ ନିଯୁକ୍ତି ପ୍ରଦାନ।
- ବେରୁଟର ବିଭିନ୍ନ ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀମାନଙ୍କ ମଧ୍ୟରେ ପ୍ରବଳ ଲଢ଼େଇ ଲାଗି ୭୫ ଜଣ ବ୍ୟକ୍ତି ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 6 | | | | 2 | 5 | |
| 5 | | | | 6 | | | 8 | |
| | | 4 | | | | | | |
| | | | 1 | 9 | | | | |
| | 2 | 8 | | | | | | |
| 4 | | | | | | | | 7 |
| 8 | | 3 | | | 7 | | | 4 |
| | | 2 | | 4 | 5 | 9 | | |
| | | 5 | | | 8 | | | 1 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 2 | 6 | 1 | 3 | 7 | 9 | 5 |
| 9 | 5 | 3 | 2 | 7 | 4 | 1 | 8 | 6 |
| 6 | 7 | 1 | 5 | 8 | 9 | 3 | 2 | 4 |
| 2 | 1 | 6 | 8 | 3 | 5 | 4 | 7 | 9 |
| 4 | 3 | 5 | 9 | 6 | 7 | 2 | 1 | 8 |
| 7 | 9 | 8 | 4 | 2 | 1 | 5 | 6 | 3 |
| 1 | 8 | 7 | 3 | 4 | 6 | 9 | 5 | 2 |
| 3 | 2 | 9 | 7 | 5 | 8 | 6 | 4 | 1 |
| 5 | 6 | 4 | 1 | 9 | 2 | 8 | 3 | 7 |

ଗତକାଲିର ଉତ୍ତର

# ଓଡ଼ିଶା ଓ ଓଡ଼ିଶୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗୋଟିଏ ଜାତିର ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଆଦି ଉପରେ ନିର୍ଭର କରେ ତା'ର ପରିଚୟ ଓ ପ୍ରତିଷ୍ଠା। ଆଦିମ କାଳରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କଳାର ନିଦର୍ଶନ ଦେଇ ଆସିଥିବାରୁ ତା'ର ନାମ ଉତ୍କଳ। ଏହା ଏମିତି ଏକ ରାଜ୍ୟ ଯିଏ ବିଶ୍ୱ ସଭ୍ୟତାକୁ ପ୍ରଦାନ କରିଛି ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ ଆଦି ତିନୋଟି ଅମୂଲ୍ୟ ରତ୍ନ। ଗଲା ଶତାବ୍ଦୀରେ (୧୯୬୪)ଓଡ଼ିଆ ଅସ୍ମିତାକୁ ପଲ୍ଲବିତ କରିଥିଲା ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ମାନ୍ୟତା। ଚଳିତ ଶତାବ୍ଦୀରେ ତାକୁ ପୁଷ୍ପିତ ଓ ସୁରଭିତ କଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱୀକୃତି। ଦୁର୍ଭାଗ୍ୟର ବିଷୟ ଭାଷା ଓ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ହାସଲ କରିଥିବା ବେଳେ ଅଦ୍ୟାବଧି ସେହି ସୁଯୋଗରୁ ବଞ୍ଚିତ ରହିଛି ଓଡ଼ିଶୀ ସଙ୍ଗୀତ। ଓଡ଼ିଶୀନୃତ୍ୟ ୬ ଦଶନ୍ଧି ପୂର୍ବରୁ ଶାସ୍ତ୍ରୀୟ ମାନ୍ୟତା ପାଇସାରିଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଅଦ୍ୟାବଧି ସେଥିରୁ ବଞ୍ଚିତ କାହିଁକି?

ସଙ୍ଗୀତ ହେଉଛି ବ୍ରହ୍ମାଣ୍ଡ ଧ୍ୱନିର ବିଶୁଦ୍ଧ ରୂପ। ଏହା ଏକ ସୀମାହୀନ ବିଶାଳ ମହାସାଗର,ଯା'ର ସ୍ରଷ୍ଟା ହେଉଛନ୍ତି ସ୍ୱୟଂ ବିଧାତା। ଦେବତାମାନେ ସଙ୍ଗୀତ କଳାରେ ଖୁବ୍ ପାରଙ୍ଗମ ଥିଲେ ଏବଂ ସେଥିପାଇଁ ଶିବଙ୍କ ହାତରେ ଡମ୍ବରୁ,ନାରଦଙ୍କ କରତାଳ, ସରସ୍ୱତୀଙ୍କ ବୀଣା ଓ ଶ୍ରୀକୃଷ୍ଣଙ୍କ ହାତରେ ରହିଛି ବେଣୁ । ସାତଟି ମୌଳିକ ସ୍ୱର( ସା ରେ ଗା ମା ପା ଧା ନି) ଭିତରେ ରହିଛି ଦୁନିଆ ସାରା ସଙ୍ଗୀତର ଭାଷ୍ୟ। ଏହି ସ୍ୱରକୁ ଆଧାରକରି ବାଙ୍ମୟ ହୁଏ ସଙ୍ଗୀତ। ଆଦିମ କାଳରୁ ମଣିଷ ପ୍ରକୃତିର ସଙ୍ଗୀତରେ ବିଭୋର ହୋଇଛି ଏବଂ ତାକୁ ଅନୁକରଣକରି ସୃଷ୍ଟି କରିଛି ରାଶି ରାଶି ସଙ୍ଗୀତ।

ଇତିହାସ କହେ ଦଶମ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ମଧ୍ୟରେ ଭାରତୀୟ ସଙ୍ଗୀତ ଧାରାରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଦେଶ ଦେଶାନ୍ତରୀ ଭେଦରେ ସୃଷ୍ଟି ହୋଇଛି ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଏବଂ ଓଡ଼ିଶୀ ଆଦି ସଙ୍ଗୀତର ଏକ ଏକ ସ୍ୱତନ୍ତ୍ର ଧାରା। ପରିବର୍ତ୍ତନ କ୍ରମରେ ସଙ୍ଗୀତର ମୂର୍ଚ୍ଛନା ପଦ୍ଧତୀୟ ଗ୍ରହସ୍ୱର ବିଧି ବିବର୍ଜିତ ହୋଇପଡ଼ିଛି ଏବଂ ସେହି ସ୍ଥାନରେ ପ୍ରଚଳିତ ହୋଇଛି ଥାଟମେଳ ପ୍ରଥା। ଏକ ସହଜ ବ୍ୟାବହାରିକ ଏବଂ ସର୍ବସମ୍ମତ ସାଙ୍ଗୀତିକ ସିଦ୍ଧାନ୍ତ ଅନୁସାରେ ଥାଟମେଳକୁ ଭିତ୍ତିକରି ସୃଷ୍ଟି ହୋଇଛି ଶାସ୍ତ୍ରୀୟ ସଙ୍ଗୀତର ରାଗ ନିର୍ମାଣ ପଦ୍ଧତି। ନିର୍ମାଣ ତତ୍ତ୍ୱ ଆଧାରରେ ଓ ପ୍ରାଚୀନ ଓ ନୂତନ ଭାବେ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତରେ ତିଆରି ହୋଇଛି ଶହ ଶହ ରାଗ। ଶାସ୍ତ୍ରୀୟ ରାଗ ସମୃଦ୍ଧ ଉଭୟ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ଅଥଚ ରାଗରାଗିଣୀ କ୍ଷେତ୍ରରେ ଏକ ସୁଦୀର୍ଘ ଓ ଗୌରବୋଜ୍ଜ୍ୱଳ ପରମ୍ପରା ଥାଇ ବି ଶାସ୍ତ୍ରୀୟ ମାନ୍ୟତାରୁ ବଞ୍ଚିତ ହୋଇଛି ସମକାଳୀନ ଓ ସମସ୍ତରୀୟ ଓଡ଼ିଶୀ ସଙ୍ଗୀତ। କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଭଳି ଓଡ଼ିଶୀ ସଙ୍ଗୀତରେ ରହିଛି ସ୍ୱତନ୍ତ୍ର ରାଗ,ତାଳ ପଦ୍ଧତି। ପାର୍ଥକ୍ୟ କେବଳ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସ୍ୱର ଏବଂ ଭାବ ପ୍ରଧାନ ହୋଇଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଭାଷା ପ୍ରଧାନ। ଏବେ ବି ଉତ୍କଳୀୟ ଗୀତ ଭଣ୍ଡାରରେ ସାଇତା ହୋଇ ରହିଛି ଶହ ଶହ ସଂଖ୍ୟାର ରାଗରାଗିଣୀ ଓ ହଜାର ହଜାର ବର୍ଷର ସାଙ୍ଗୀତିକ ପରମ୍ପରା। ପ୍ରାଚୀନ ସାହିତ୍ୟରୁ ମିଳେ ଓଡ଼ିଶୀ ସଙ୍ଗୀତର ଅସ୍ତିତ୍ୱ ଓ ଉନ୍ମେଷ ସମ୍ପର୍କରେ ସୂଚନା। ପରବର୍ତ୍ତୀ ସମୟରେ



(ଦ୍ୱାଦଶ ଶତାବ୍ଦୀ) ତାକୁ ସୁସ୍ପଷ୍ଟକରି ଗଢ଼ିତୋଳିଛି ବିଶ୍ୱ ପ୍ରସିଦ୍ଧ ଉତ୍କଳୀୟ କବି ଶ୍ରୀଜୟଦେବଙ୍କ କାଳଜୟୀ କାବ୍ୟ ଗୀତଗୋବିନ୍ଦ। ଏହି ଗୀତିକାବ୍ୟରେ ନିର୍ଦ୍ଦେଶିତ ମଙ୍ଗଳ ଗୁଜ୍ଜରୀ ଓ ଦେଶ ବରାଡି ଆଦି ଆମ ଗୌରବମୟ ଓଡ଼ିଶୀ (ଉଡ୍ର) ସଙ୍ଗୀତ ପରମ୍ପରାର ଅମୂଲ୍ୟ ବିଭବ। ଏତଦ୍ ଭିନ୍ନ ବିଚିତ୍ର ଦେଶାକ୍ଷ, ନାଗବଲ୍ଲୀ, ଚକ୍ରକେଳି, ଆନନ୍ଦ କେଦାର ଓ ମେଘପର୍ଣ୍ଣ ଆଦି ଅନେକ ରାଗ ଅଛି, ଯାହା ଉତ୍କଳୀୟ ସଙ୍ଗୀତ ପରମ୍ପରାର ଏକାନ୍ତ ନିଜସ୍ୱ।

ଓଡ଼ିଶୀ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସଙ୍ଗୀତ ଶୈଳୀ। ପ୍ରାଚୀନ ପରମ୍ପରା, ନିର୍ଦ୍ଦିଷ୍ଟ ରାଗ ପଦ୍ଧତି ତଥା ମାଧୁର୍ଯ୍ୟପୂର୍ଣ୍ଣ ଗାୟନ ଶୈଳୀ ଓଡ଼ିଶୀ ସଙ୍ଗୀତକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ପାଲା, ଦାସକାଠିଆ ଓ ସଖୀନାଟ ଇତ୍ୟାଦିର ଅନୁପମ ଶାସ୍ତ୍ରୀୟ ଛଟାରେ ତାହା ସମୃଦ୍ଧ ଓ ସୁଶୋଭିତ। ଚଉତିଶା,ଚମ୍ପୂ, ଛାନ୍ଦ,ଭଜନ, ଜଣାଣ ଓ କୀର୍ତ୍ତନ ଆଦି ଓଡ଼ିଶୀ ସଙ୍ଗୀତର ଏକ ଏକ ଧାରା, ଯାହାର ସ୍ପଷ୍ଟ ନିଦର୍ଶନ ହେଉଛି କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ। ଚମ୍ପୂ ପରମ୍ପରାରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ଗାୟନ ସର୍ବଭାରତୀୟ ସ୍ତରରେ ଅନନ୍ୟ। ଓଡ଼ିଶୀ ଛାନ୍ଦ ଗାୟନରେ ବ୍ୟବହୃତ ରାଗଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଓଡ଼ିଆ ମାଟିର, ଯାହା ରାଧାକୃଷ୍ଣ ଲୀଳା ଓ ଲୌକିକ ଶୃଙ୍ଗାର ରସ ଆଧାରିତ। ବିଭିନ୍ନ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଏହାର ଅଙ୍ଗଭୂଷଣ। ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ମର୍ଦ୍ଦଳ ମଧ୍ୟ ଓଡ଼ିଶାର ନିଜସ୍ୱ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟ।

ଓଡ଼ିଆ ଅସ୍ମିତାର ପ୍ରତୀକ ଓଡ଼ିଶୀ ସଙ୍ଗୀତ। ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କ ସହ ଏହା ଏଭଳି ଭାବେ ଜଡ଼ିତ ଯେ ଗୀତଗୋବିନ୍ଦ ନ ଶୁଣିଲେ ନିଦ୍ରା ଯାଆନ୍ତିନି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ କୁହାଯାଏ ଗୀତଗୋବିନ୍ଦ ଗାୟନ ବିନା ଓଡ଼ିଶୀ ସଙ୍ଗୀତ ଅସମ୍ପୂର୍ଣ୍ଣ। ଓଡ଼ିଶୀ ସଙ୍ଗୀତ ତା'ର ଉନ୍ମେଷ କାଳରୁ ବିବର୍ତ୍ତନ ପଥରେ ସମ୍ପ୍ରସାରିତ ହୋଇ ସମ୍ପ୍ରତି ନିଜର ଅନନ୍ୟ ପ୍ରାଚୀନ ଶୈଳୀ ଦ୍ୱାରା ସମୃଦ୍ଧ ଓ ଦେଶ ବିଦେଶରେ ଆଦୃତ। ଓଡ଼ିଶାର ଛାନ୍ଦ,ଚମ୍ପୂ, ଚଉପଦୀ,ଚଉତିଶା ଓ ଭଜନ ଜଣାଣ ପରିବେଷଣ କ୍ଷେତ୍ରରେ ଖୁବ୍ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ସିଂହାରୀ ଶ୍ୟାମସୁନ୍ଦର କର,ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ,ବାଳକୃଷ୍ଣ ଦାସ, ଗୋପାଳ ଚନ୍ଦ୍ର ପଣ୍ଡା, ରାମହରି ଦାସ, ଭିକାରୀ ବଳ ଓ ଶ୍ୟାମାମଣି ଦେବୀ ପ୍ରମୁଖ ଅନେକ ସଙ୍ଗୀତ ବିଶାରଦ। ଅଶୀ ଦଶକରୁ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଛି ଓଡ଼ିଶୀ ଗବେଷଣା କେନ୍ଦ୍ର। ଗବେଷଣା ନିମନ୍ତେ ଖର୍ଚ୍ଚ ହେଉଛି ପର୍ଯ୍ୟାପ୍ତ ଅର୍ଥ। ମାତ୍ର ଓଡ଼ିଶୀ ସଙ୍ଗୀତ ତା'ର ଶାସ୍ତ୍ରୀୟତା ପ୍ରତିପାଦନ କରିବା କ୍ଷେତ୍ରରେ ଲାଗିରହିଛି କ୍ରମାଗତ ବିଫଳତା। ତାତ୍ତ୍ୱିକ ଭାବେ ଓଡ଼ିଶୀ ସଙ୍ଗୀତ ସପକ୍ଷରେ ଯଥାର୍ଥ ଯୁକ୍ତି ଥାଇ ବି ମାନଦଣ୍ଡ ଆଧାରରେ ତାକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେବାକୁ କୁଣ୍ଠିତ ହେଉଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ।

ଦେଶ ସ୍ୱାଧୀନ ହେଲା ପରେ ବି ଓଡ଼ିଶୀ ସଙ୍ଗୀତ ଉପରେ ସେତେ ବେଶି ଗବେଷଣା ହୋଇ ପାରିନାହିଁ କି ସର୍ବଭାରତୀୟ ସ୍ତରରେ ସମୁଚିତ ଭାବେ ପ୍ରତିପାଦିତ ହୋଇପାରିନି ତା'ର ବିଭିନ୍ନ ରାଗରାଗିଣୀ ଓ ତାଳମେଳ ଆଦିର ପ୍ରାଚୁର୍ଯ୍ୟ। ଓଡ଼ିଶୀ ସଙ୍ଗୀତ ବିଶାରଦମାନେ ଓଡ଼ିଶୀ ସଙ୍ଗୀତର ସଂସ୍କାର ପାଇଁ ଏକ ବିଧିବଦ୍ଧ ଶୁଦ୍ଧ ବ୍ୟାକରଣ ପ୍ରସ୍ତୁତ କରିବା ଆବଶ୍ୟକ। ଏକ ସର୍ବସମ୍ମତ ବ୍ୟାକରଣକୁ ଅନୁସରଣକରି ଉଭୟ ଆଙ୍ଗିକ ଓ ଆତ୍ମିକ ସ୍ତରରେ ଓଡ଼ିଶୀ ସଙ୍ଗୀତର ରୂପରେଖରେ ବ୍ୟାପକ ସଂସ୍କାର ଆଣିପାରିଲେ ତା'ର ରାଗ ଓ ତାଳର ଶୁଦ୍ଧତା ଆସିବ ଏବଂ ଆଉ ରହିବନାହିଁ ଶାସ୍ତ୍ରୀୟ ସ୍ୱୀକୃତି ପାଇବା ଦିଗରେ ପ୍ରତିବନ୍ଧକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ଦାଣ୍ଡରେ ରେଡ୍‌କାର୍ପେଟ କାହିଁକି

ମହାଶୟ,
ଟିଭିରେ ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ ଯାତ୍ରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରେଡ୍‌କାର୍ପେଟ ପଡ଼ିବା ଦୃଶ୍ୟ ନଜରକୁ ଆସିଛି। ଯେକୌଣସି ତୀର୍ଥଯାତ୍ରୀ ହୁଅନ୍ତୁ କି ପର୍ଯ୍ୟଟକ ନୀଳାଦ୍ରି କନ୍ଦରରେ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ମନୋବାଞ୍ଛା ପୂରଣ ଆଶାରେ ବଡ଼ଦାଣ୍ଡରେ ପଦସ୍ପର୍ଶ କରିବା ମାତ୍ରେ ବଡ଼ଦାଣ୍ଡର ଧୂଳି ମଥାରେ ଲଗାଇବା ପ୍ରାୟତଃ ଦୃଷ୍ଟିଗୋଚର ହୁଏ। ବିଶ୍ୱାସ ରହିଛି, ବଡ଼ଦାଣ୍ଡରେ ବହୁ ପୁଣ୍ୟାତ୍ମାଙ୍କ ପଦରଜ ପଡ଼ିବା ଯୋଗୁ ଏହା ପବିତ୍ର ହୋଇଯାଇଛି। ବହୁବର୍ଷ ପୂର୍ବେ ଉତ୍ତର ଭାରତରୁ ବହୁ ତୀର୍ଥଯାତ୍ରୀ ପଦବ୍ରଜରେ ବହୁ କଷ୍ଟସାଧ୍ୟ ପଥ ଅତିକ୍ରମ କରି ବଡ଼ଦାଣ୍ଡରେ ପହଞ୍ଚି ନିଜକୁ ଧନ୍ୟ ମନେକରୁଥିଲେ। ଏବେ ତ ଶ୍ରଦ୍ଧାଳୁମାନେ ବିଭିନ୍ନ ଯାନବାହନରେ ସ୍ୱଚ୍ଛନ୍ଦରେ ଜୋତା ଚପଲ ଷ୍ଟାଣ୍ଡରେ ରଖି ଶ୍ରୀମନ୍ଦିର ପ୍ରବେଶ କରୁଛନ୍ତି। ଦର୍ଶନାଭିଳାଷୀ ଭକ୍ତଙ୍କ ଯାତ୍ରାଜନିତ କ୍ଲେଶ କ୍ଲାନ୍ତି ରହିବା ସ୍ୱାଭାବିକ। ତେଣୁ ରେଡ୍‌କାର୍ପେଟ ବିଛାଇ ପାଦକୁ ଆଶ୍ୱସ୍ତି ଦେବାର ମନୋବୃତ୍ତି ଧାର୍ମିକ ଭାବନାରେ ଅନ୍ତରାୟ ସୃଷ୍ଟିକରେ। ରେଡ୍‌କାର୍ପେଟ କେବଳ ଅତି ବିଶିଷ୍ଟ ଉପାଧିଧାରୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ବ୍ୟବହାର କରାଯାଏ। ଆଧ୍ୟାତ୍ମିକ ପରିବେଶ ଓ ଧାର୍ମିକ ଚିନ୍ତାଧାରାର ଏହା ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବନାହିଁ।

**-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚିତ୍ରଡ଼ା ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତି

ମୋରଡ଼ା,୩୦।୪(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଅକ୍ଷୟ ତୃତୀୟା ପାଳନ କରାଯାଇଛି। ସକାଳୁ ବ୍ଲକର ବିଭିନ୍ନ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଚିତ୍ରଡାରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ଚନ୍ଦନ ସେବା ଆରମ୍ଭ କରାଯାଇଛି। ପୂଜା ପାଠ ହେବା ସହିତ ରଥର ଶୁଭ ଅନୁକୂଳ ଆରମ୍ଭ ହୋଇଛି। ରଥଯାତ୍ରା ଉପଲକ୍ଷେ ରଥ ଅଖରେ ଚକ ଲଗାଯାଇଛି। ମୁଖ୍ୟ ପୂଜାରୀ ମଦନମୋହନ ପଣ୍ଡାଙ୍କ ଉପସ୍ଥିତିରେ ମନ୍ଦିର ସେବକମାନେ ଅଖ ସହିତ ଚକ ସଂଯୋଗ କରିଛନ୍ତି। ଛେରା ପହଁରା କରୁଥିବା ଜୟପ୍ରକାଶ ରାଉତଙ୍କ ସହିତ ମନ୍ଦିର ସେବକ, ଦଇତାପତି, ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବ୍ଲକର ଚାଷୀମାନେ ଅକ୍ଷିମୁଠି ଅନୁକୁଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। କ୍ଷେତରେ ଅକ୍ଷିମୁଠି ଅନୁକୁଳ କରାଯାଇଥିବା ଚାଷୀ ପୁରୁଷୋତ୍ତମ ମାଝୀ, କଟିଆ ମହାନ୍ତ, ଶୁଭ ମହାନ୍ତ ପ୍ରମୁଖ କହିଛନ୍ତି।

### ବଡ଼ାମ ଠାକୁରଙ୍କ ମନ୍ଦିର ନିର୍ମାଣ ଲାଗି ଭୂମିପୂଜନ

ଉଦଳା, ୩୦।୪
(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଖଳାଡି ପଞ୍ଚାୟତର ପାଟପୁର ଗ୍ରାମପଡିଆଠାରେ ବଡାମ ଠାକୁରଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ବୁଧବାର ପୂର୍ବାହ୍ନ ସାଢେ ୯ଟା ସମୟରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ଦିର ନିର୍ମାଣ ଏବଂ ସଭାଗୃହ ତଥା ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ୧ କୋଟି ୧୩ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର କରିଥିବା ନେଇ ବିଧାୟକ ଭାସ୍କର ମଢେଇ ସୂଚନା ଦେଇଛନ୍ତି। ଏହି ଭୂମିପୂଜା କାର୍ଯ୍ୟକ୍ରମରେ ବିଧାୟକ ମଢେଇ, ବାଥୁଡି ସାଂସ୍କୃତିକ ସମାଜର ମୁଖ୍ୟ ପୁରୋଧା ଦିବାକର ପଢିଆଳ, ବିଜୟ ସେନାପତି, ବ୍ରହ୍ମାନନ୍ଦ ଖଣ୍ଡେଇ, ବ୍ଲକ ଚେୟାରମ୍ୟାନ ମଞ୍ଜୁଲତା ବିଶ୍ୱାଳ, ଶତ୍ରୁଘ୍ନ ବିଶ୍ୱାଳ, ବସନ୍ତ ଦଣ୍ଡପାଟଙ୍କ ସମେତ ସମାଜର ବହୁ ବରିଷ୍ଠ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭାଜପା ପୂର୍ବ ଜିଲା ସାଙ୍ଗଠନିକ ସଭାପତି ନିହାର ରଞ୍ଜନ ମୋଦୀ, ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ବିଭୂତି ଭୂଷଣ ମହାନ୍ତ, ପ୍ରଭାତ ପରିଡାଙ୍କ ସମେତ ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଭାଜପା କର୍ମୀ ଏହି ଭୂମିପୂଜା କାର୍ଯ୍ୟକ୍ରମ ଉତ୍ସବରେ ଯୋଗ ଦେଇଥିଲେ।

# ରଥ ଅଖରେ ଲାଗିଲା ଚକ

ବାରିପଦା,୩୦।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ରଥ ଅଖରେ ଚକ ଲାଗି ସମୟରେ ପୂଜା କରାଯାଉଛି।

ଅକ୍ଷୟ ତୃତୀୟା ତିଥିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେକୁ ମନ୍ଦିରରେ ରଥ ଅଖରେ ଚକ ଲାଗି ହୋଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ବୁଧବାର ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ଶଙ୍ଖ,ଘଣ୍ଟ, ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳିରେ ରଥଖଳାରେ ଭକ୍ତିମୟ ପରିବେଶ ପାଲଟିଥିଲା। ଶତାଧିକ ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମନ୍ଦିରରେ ଠାକୁରଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହେବା ସହ ଅପରାହ୍ନରେ ଦହି ପଖାଳ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ମନ୍ଦିର ପରିଛା ଦୁର୍ଗା ଚରଣ ଜିଙ୍କବାରୁ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଗ୍ରହଣ କରିବା ପରେ ଚନ୍ଦନ ଓ ସୁବାସିତ ଜଳ ସିଞ୍ଚନ କରିଥିଲେ। ଏହାପରେ ସେବାୟତମାନଙ୍କ ଦ୍ୱାରା ମହାପ୍ରଭୁ ମଦନ ମୋହନ ଓ ବାସୁଦେବ (ବିଶ୍ୱକର୍ମା) ସହ ମାପଦଣ୍ଡ ପହଣ୍ଡି ବିଜେରେ ବାହାରିଥିଲେ। ପ୍ରଥମେ ମହାପ୍ରଭୁଙ୍କ ମଦନ ମୋହନ ମନ୍ଦିରର ମେଘନାଦ ପାଚେରୀରେ ଥିବା ଚାହାଣି ମଣ୍ଡପ ସିଂହାସନରେ ବସି ରଥ ଖଳାକୁ ଦେଖିବା ପରେ ଠାକୁର ବିଶ୍ୱକର୍ମା ସହ ମାପଦଣ୍ଡ ରଥଖଳା ବିଜେ କରିଥିଲେ। ମନ୍ଦିରର ମୁଖ୍ୟ ସେବାୟତ ଅରୁଣ କୁମାର ମିଶ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଅଖରେ ଚକ ଲାଗି କାର୍ଯ୍ୟ ପ୍ରଚଳିତ ରୀତିନୀତି ଓ ବିଧି ପରମ୍ପରା

ବାରିପଦା ଜଗନ୍ନାଥ ମନ୍ଦିର

ଅନୁସାରେ ସମ୍ପାଦନ କରାଇବା ପରେ ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହା ପରେ ରଥ ଖଳାରୁ ଠାକୁର ଓ ମାପଦଣ୍ଡ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତିନି ଠାକୁରଙ୍କ ସେବାୟତ କଂସା ଥାଳିଆରେ ଚନ୍ଦନ ଓ ଗାମୁଛା ନେଇ ବେଢ଼ା ପରିକ୍ରମା କରିଥିଲେ। ତିନି ରଥ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଖକୁ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ନିଆଯାଇଥିଲା। ବଳଭଦ୍ରଙ୍କ ରଥ, ସୁଭଦ୍ରାଙ୍କ ରଥ ଓ ଜଗନ୍ନାଥଙ୍କ ରଥ ପାଇଁ ଆଜ୍ଞାମାଳା ଆଣି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ଜିଲା ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଶୀର୍ଷା ଶୂନ୍ୟ ମାଧବ ଜୀଉଙ୍କ ରଥ ଅଖରେ ଚକ ଲାଗିଲା



ଖାରପୋଖରିଆ, ୩୦।୪
(ସୁଧନ କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଶୀର୍ଷା ଶୂନ୍ୟ ମାଧବ ଜୀଉଙ୍କ ୩୨ତମ ପବିତ୍ର ରଥ ଯାତ୍ରା ଉପଲକ୍ଷେ ଅଖରେ ଚକ ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ବୁଧବାର ଅକ୍ଷୟ ତୃତୀୟା ତିଥିରେ ଶାସ୍ତ୍ରୀୟ ପଣ୍ଡିତ ବସନ୍ତ କୁମାର ପଣ୍ଡାଙ୍କ ପୌରହିତ୍ୟରେ ବିଧି ଅନୁଯାୟୀ ଘଟ ସ୍ଥାପନା ସହ ପୂଜାର୍ଚ୍ଚନା କରାଯାଇଥିଲା। ଚଳିତ ବର୍ଷ ରଥ ଯାତ୍ରା ଉପଲକ୍ଷେ ନିର୍ମିତ ନୂତନ ଅଖ ସହିତ ରଥ ଚକର ପୂଜନ କରାଯାଇଥିଲା। ବିଶ୍ୱକର୍ମା କପୁନ ସିଂଙ୍କ ଦ୍ୱାରା ନବ ନିର୍ମିତ ଅଖକୁ ରଥ ଖଳାରେ ଚକ ମଧ୍ୟରେ ସଂଯୋଗ କରାଯାଇଥିଲା। ମନ୍ଦିର ପୂଜକ ରୂପେଶ କୁମାର ପଣ୍ଡା, ସେବକ ଶର୍କର୍ଷଣ ରଣାଙ୍କ ସହିତ ଶୂନ୍ୟ ମାଧବ ଟ୍ରଷ୍ଟ କମିଟି, ଶୂନ୍ୟ ମାଧବ ଜୀଉଙ୍କ ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ, ଜଗନ୍ନାଥ ପ୍ରେମୀ ଓ ରଥଯାତ୍ରା କମିଟିର ସଦସ୍ୟ ଗଣ ଉକ୍ତ ଧାର୍ମିକ କାର୍ଯ୍ୟରେ ଉପସ୍ଥିତ ଥିଲେ। ଭକ୍ତ ଗଣଙ୍କ ନିମନ୍ତେ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା।

# ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତା ଅବରୋଧ


ରାସ୍ତାରୋକୋ କରିଥିବା ଅଞ୍ଚଳବାସୀ।

ଉଦଳା,୩୦।୪(ସନ୍ତୋଷ କୁମାର ବାଛିନୀ)

ଗାଁ ହାଟରୁ ଜବରଦଖଲ ଉଚ୍ଛେଦ ଦାବିରେ ବୁଧବାର ଲୋକେ ଉଦଳା–ବାରିପଦା ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଉଦଳା – ବାରିପଦା ରାଜ୍ୟ ରାଜପଥର ବୃନ୍ଦାଗଡି ଛକ ନିକଟରେ ପାଟଶାଣିପୁର ପଞ୍ଚାୟତର ଶତାଧିକ ମହିଳା ପୁରୁଷ ରାସ୍ତାରେ ବାଉଁଶ ପକାଇ ରାସ୍ତା ଅବରୋଧ କରିଥିଲେ। ପାଟଶାଣିପୁର ପଞ୍ଚାୟତ ଜୁଗୁନି ଖୁଣ୍ଟା ହାଟକୁ ଦୀର୍ଘ ଦିନ ହେବ ଅନ୍ୟ ଅଞ୍ଚଳର ଲୋକେ ଜବରଦଖଲ କରି ରଖିଛନ୍ତି। ଯାହା ଫଳରେ ଦୀର୍ଘ

### ଉପ ଜିଲାପାଳଙ୍କ ଗାଡ଼ି ଅଟକାଇଲେ ମହିଳା

ମାସ ହେବ ହାଟ ଚାଲି ପାରୁନାହିଁ କିମ୍ବା କେହି ବ୍ୟବସାୟ କରି ପାରୁନାହାନ୍ତି। ଯାହାକୁନେଇ ବାରମ୍ବାର ତହସିଲଠାରୁ ଆରମ୍ଭ କରି ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଶେଷରେ ତାତିଛନ୍ତି ପଞ୍ଚାୟତବାସୀ। ରାସ୍ତା ଅବରୋଧ ଫଳରେ ଉଦଳା–ବାରିପଦା ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନ ଥିଲା। ପୂର୍ବାହ୍ନ ସାଢେ ୧୧ଟା ସମୟରେ କପ୍ତିପଦା ଉପଖଣ୍ଡ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ମଧ୍ୟ ଉପସ୍ଥିତ ଥିଲେ। ତେବେ କିଛି ସମୟ ମଧ୍ୟରେ ଆନ୍ଦୋଳନକାରୀମାନେ ବୁଝିଥିବା ବେଳେ ହଠାତ୍ କେତେଜଣ ଉତ୍ତ୍ୟକ୍ତ ମହିଳା ଉପଜିଲାପାଳଙ୍କୁ ଘେରି ଯାଇଥିଲେ ଏବଂ ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ ଦାବି କରିଥିଲେ। ଅନ୍ୟପଟେ ସମସ୍ତଙ୍କୁ ବୁଝାଶୁଝା କରିବା ପରେ ଉପଜିଲାପାଳ ନିଜ ଗାଡ଼ିରେ ବସି ଫେରି ଆସୁଥିବା ବେଳେ ମହିଳାମାନେ ତାଙ୍କ ଗାଡିକୁ ଅଟକାଇଥିଲେ। କିଛି ସମୟ ପାଇଁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଶେଷରେ ଆସନ୍ତା ମାସ ୩୦ ତାରିଖ ସୁଦ୍ଧା ଉକ୍ତ ଜବରଦଖଲ ସ୍ଥାନ ଉଚ୍ଛେଦ କରାଯିବା ବୋଲି ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକାରୀମାନେ ଧାରଣାରୁ ହଟିଥିଲେ।

## ଜିଲାସ୍ତରୀୟ କୃଷକ ଦିବସ

ବାରିପଦା,୩୦।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର–୧ ପରିସରରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲାପାଳ ହେମକାନ୍ତ ସୟ, କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷା ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଯୋଗଦେଇ ଅକ୍ଷିମୁଠିର ଶୁଭ ଅନୁକୁଳ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ମିଲେଟ ଜାତୀୟ ଶସ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିଡିଭିଓ କଳ୍ପତରୁ ସ୍ୱାଇଁ, ଉଦ୍ୟାନ କୃଷି ବିଭାଗ ଡେପୁଟି ଡାଇରେକ୍ଟର ଟଙ୍କଧର କାଲୋ ପ୍ରମୁଖଙ୍କ ସମେତ ବିଭିନ୍ନ ପଦାଧିକାରୀ, ବିଭିନ୍ନ ବର୍ଗର ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟ ରଞ୍ଜନ ମହାନ୍ତ,ଅର୍ଚ୍ଚନା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ଶିକାରୀ ଗିରଫ, ୨ ବନ୍ଧୁକ ଜବତ

ବାରିପଦା,୩୦।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ଶିକାରୀ ଓ ଜବତ ବନ୍ଧୁକ।

ବାରିପଦା ବନଖଣ୍ଡ ଉଦ୍ଭୁରା ରେଞ୍ଜ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଶିମିଳିପାଳ ଅଭୟାରଣ୍ୟରୁ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ବହଳଦା ଗ୍ରାମର ବାଷ୍ଟୁ ହାଁସଦା(୪୦)। ତାଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ସହିତ ଅନ୍ୟାନ୍ୟ ଶିକାର ସରଞ୍ଜାମ ଜବତ ହୋଇଥିବା ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ବନ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ୪ ଶିକାରୀଙ୍କୁ ଠାବ କରିଥିଲେ। ଅନ୍ଧାରର ସୁଯୋଗ ନେଇ ୩ ଜଣ ଖସି ପଳାଇଥିବା ବେଳେ ଜଣେ ଧରାପଡ଼ିଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୧୨, ତାରିଖ: ୨୯।୦୪।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ.ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନିଉ ଆଡ୍ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀରେ ଖୋଲା ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ୱେବସାଇଟ୍ www.ireps.gov.in ରେ ନିମ୍ନ ଅନୁଯାୟୀ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହୋଇଯିବ । କ୍ର.ସଂ. ଏବଂ ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ ଯଥାକ୍ରମେ: (୧) ଜିଇଏମ୍୨୦୨୫ବି୬୧୪୧୩୬୦; ୦୬।୦୫।୨୦୨୫; ମାଲ ପରିବହନ ସେବା – ମାସଭିତ୍ତିକ ସେବା – ରାଜ୍ୟ ବାହାର, ଭାରତୀୟ ରେଳପଥ ସ୍ପେୟାର୍ ସାମଗ୍ରୀ, ଓପନ୍ ବଡି ଏଲ୍‌ସିଭି ଟ୍ରକ୍; ୦୧ ଗୋଟି; ₹୧,୦୫,୮୪୦/– । (୨) ୩୮୨୫୩୮୮୩; ୦୫।୦୫।୨୦୨୫; ୭/୮" (୨୨.୨୨ ଏମ୍ଏମ୍ଏଫ୍) ଡାୟା ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜଡ୍ ଲକ୍ ବୋଲ୍ଟ କଲାର୍ ସହିତ ଆଦି; ୬୨୭୭୦ ଗୋଟି; ₹୧,୫୬,୭୧୦/– । (୩) ୩୮୨୫୧୫୨୪; ୨୦।୦୫।୨୦୨୫; କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲିୟୁରିଥେନ୍ ସାଇଡ୍ ବିୟରର୍ ଆସେମ୍ବ୍ଲି ଆଦି; ୪୬୭୦ ଗୋଟି; ₹୯,୭୪,୨୭୦/– । (୪) ୩୮୨୫୧୫୧୨; ୨୭।୦୫।୨୦୨୫; କ୍ୟାସନବ୍ ୨୨ ବଗି ପାଇଁ ମଡିଫାଏଡ୍ ସେଣ୍ଟର ପାଇଭଟ୍ ଟପ୍ (ଫ୍ଲାଟ୍ ଟାଇପ୍); ୩୧୧୦ ଗୋଟି; ₹୬,୩୧,୯୪୦/– । (୫) ୭୯୨୫୧୭୭୦; ୧୫।୦୫।୨୦୨୫; ପିଲୋ କଭର୍ ଆଦି; ୨୬୫୦୫୨ ଗୋଟି; ₹୨,୩୮,୯୭୦/– । (୬) ୬୦୨୫୦୦୪୦; ୧୫।୦୫।୨୦୨୫; ୬୦ କିଗ୍ରା ପାଇଁ ମେଟାଲ୍ ଲାଇନର୍‌ର ବିନିର୍ମାଣ ଓ ଯୋଗାଣ ଆଦି; ୩୦୦୦୦୦୦ ଗୋଟି; ₹୧୫,୫୪,୬୦୦/– । (୭) ୬୦୨୫୦୦୦୩ଏ; ୧୫।୦୫।୨୦୨୫; ଇଲାଷ୍ଟିକ୍ ରେଲ୍ କ୍ଲିପ୍ ଆଦିର ବିନିର୍ମାଣ ଓ ଯୋଗାଣ; ୭୫୦୦୦୦୦ ଗୋଟି; ₹୫୦,୦୦,୦୦୦/– । (୮) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୩୭୧; ୧୨।୦୫।୨୦୨୫; ଆଇଏସ୍ ୧୪୨୫୫ (କ୍ୟୁ୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୩୨୦୦୦ ମିଟର; ₹୧,୭୨,୧୮୬/– । (୯) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୬୬୭; ୨୦।୦୫।୨୦୨୫; ଆଇଏସ୍ ୧୪୨୫୫ (୦୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୬୫୦୦୦ ମିଟର; ₹୧,୮୧,୦୧୨/– । (୧୦) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୫୯୮୩୪; ୧୯।୦୫।୨୦୨୫; ଗ୍ରୀନ୍ ଏସି, ୱାଲ୍ ମାଉଣ୍ଟ ସହିତ ସ୍ପ୍ଲିଟ୍ ଏୟାର୍ କଣ୍ଡିସନର୍; ୨୪୦ ଗୋଟି; ₹୩,୩୮,୪୦୦/– । (୧୧) ଏଚ୍‌ବି୨୫୫୭୨୨; ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ସେଫ୍ଟାଜିଡାଇମ୍ ୨ ଗ୍ରାମ୍ + ଏଭିବାକ୍ଟାମ୍ ୦.୫ ଶିଶି ପ୍ୟାକିଂରେ; ୩୭୨୦ ଶିଶି; ₹୧,୩୨,୪୯୦/– । (୧୨) ଏଚ୍‌ବି୨୫୫୭୪୯; ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ଇନସୁଲିନ୍ ଡେଗ୍ଲୁଡେକ୍ ୧୦୦ ଆଇୟୁ/ଏମ୍ଏଲ୍, ୩ ଏମ୍ଏଲ୍ ଫ୍ଲେକ୍ସଟଚ୍; ୪୨୦୦ ଫ୍ଲେକ୍ସଟଚ୍; ₹୧,୩୭,୦୩୦/– । (୧୩) ୩୩୨୫୧୪୯୨; ୨୭।୦୫।୨୦୨୫; ସିବିସି ପାଇଁ ମାନୁଆଲ୍ ଅନକପଲିଂ ଡିଭାଇସ୍; ୮୦୦ ଗୋଟି; ₹୩,୩୭,୯୫୦/– । (୧୪) ୩୩୨୫୩୨୫୪; ୦୪।୦୬।୨୦୨୫; ହାଇ କାପାସିଟି ଇଣ୍ଟର୍ ଭେହିକଲ୍ କପ୍‌ଲର୍; ୩୦୭ ଗୋଟି; ₹୧୪,୭୩,୬୦୦/– । (୧୫) ୩୩୨୫୧୪୯୧; ୦୯।୦୬।୨୦୨୫; ହ୍ୱିଲ୍ ସେଟ୍ ଆର୍ଥିଂ ଇକ୍ୱିପମେଣ୍ଟ ଆଦି; ୨୨୩୨ ସେଟ୍; ₹୧୪,୩୧,୭୯୦/– । (୧୬) ୩୩୨୫୩୦୪୮; ୨୬।୦୫।୨୦୨୫; ଫିଆଟ୍ ଆଇଆର୍ ବଗି ନିମନ୍ତେ ୟ' ଡାମ୍ପର୍; ୩୯୧୮ ଗୋଟି; ₹୮,୬୬,୩୦୦/– । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ତଥା ଏହା ପରେ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-98)


# ରାମ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜନ

ମୋରଡ଼ା,୩୦।୪(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ସାତଭାୟାଠାରେ ମହାପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ନିମନ୍ତେ ବୁଧବାର ପୂର୍ବାହ୍ନ ୯ଟାରେ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ଟ୍ରଷ୍ଟ, ସାତଭାୟା ସଭାପତି ଚୁନାରାମ ଥୟାଳ, ସମ୍ପାଦକ ଅଷ୍ଟମୀ ମୁଖୀ, କୋଷାଧକ୍ଷ ମନହର ନାଏକ, ଉପସଭାପତି ରାଜେନ୍ଦ୍ର ପ୍ରସାଦ ନାଏକ, ସହ ସମ୍ପାଦକ ସସ୍ମିତା ଧୀର, ସଭ୍ୟା ମାଳତୀ ନାଏକ ଉପଦେଷ୍ଟା ସନାତନ ଦଳ ନାଏକ, ସୁରେନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ


ଭୂମିପୂଜନ କରାଯାଉଛି।

ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ଗୁରୁପ୍ରସାଦ ସିଂ ମଧ ଯୋଗ ଦେଇଥିଲେ। ସମସ୍ତ ସଦସ୍ୟ ଓ ଅତିଥିଙ୍କ ଉପସ୍ଥିତିରେ ପୂଜକ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବା ସହିତ ଭୂମି ପୂଜା କରାଯାଇଥିଲା।

### ଆରମ୍ଭ ହେଲା ରଥ ନିର୍ମାଣ

ରାଇରଙ୍ଗପୁର,୩୦।୪(ମାନସ ମହାନ୍ତି)

ଅକ୍ଷୟ ତୃତୀୟା ଅବସରରେ ବୁଧବାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ , କାରିଗର ନବ ନାୟକ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବରିଷ୍ଠ ସଦସ୍ୟ ମନୋରଞ୍ଜନ ମହାନ୍ତି, ନବୀନ କୁମାର ରାମ, କୃଷ୍ଣ ବିହାରୀ ମହାନ୍ତି ଏବଂ ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏନ୍ଏ ପରୀକ୍ଷା ପାଇଁ ପଠାଇଲା ପୋଲିସ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲା), ୩୦।୪

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ କୁସୁମଘାଟି ଜଙ୍ଗଲରୁ ମଙ୍ଗଳବାର ପୋଲିସ ଏକ ନର କଙ୍କାଳ ଜବତ କରିଛି। ମୃତକ ବଡ଼ଗାଁ ଗ୍ରାମର ସନିଆ ଦେହୁରୀ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଛନ୍ତି। ତେବେ ମୃତକଙ୍କ ପ୍ରକୃତ ପରିଚୟ ପାଇବା ଲାଗି ପୋଲିସ ଡିଏନ୍ଏ ପରୀକ୍ଷା ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୫) ରୁଜୁ ହୋଇଛି। ଏହି ଘଟଣାରେ ଗ୍ରାମବାସୀ ଓ ପରିବାର ଲୋକେ ବନବିଭାଗ ଉପରେ ଅଙ୍ଗୁଳି ଉଠାଇଛନ୍ତି। ଜଙ୍ଗଲକୁ ଯାଉଥିବା ମହିଳାମାନଙ୍କୁ ବନ କର୍ମଚାରୀ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିବା ଘଟଣାର ପ୍ରତିବାଦ କରିବାରୁ ସନିଆଙ୍କୁ ବନ କର୍ମଚାରୀ ହତ୍ୟା କରିଥିବା ନେଇ ଗ୍ରାମବାସୀ ବଡ଼ଗାଁ ରେଞ୍ଜରଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

### ଜଙ୍ଗଲରୁ ନରକଙ୍କାଳ ଜବତ ଘଟଣା

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ବଡ଼ଗାଁ ରେଞ୍ଜ କୁସୁମଘାଟି ଜଙ୍ଗଲ ମଧ୍ୟକୁ କିଛିଦିନ ପୂର୍ବେ ସନିଆ ଦେହୁରୀ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ ମଧ ଥାନାରେ ନିଖୋଜ ସମ୍ପର୍କିତ କୌଣସି ଅଭିଯୋଗ କରି ନ ଥିଲେ। ମଙ୍ଗଳବାର ଜଙ୍ଗଲ ମଧ୍ୟକୁ ମହିଳାମାନେ ପତ୍ର ତୋଳିବାକୁ ଯାଇ ଏକ ନରକଙ୍କାଳ ଦେଖିବା ପରେ ବନ କର୍ମଚାରୀଙ୍କୁ ଜଣାଇଥିଲେ। ବନ ବିଭାଗର ଲିଖିତ ଅଭିଯୋଗ କ୍ରମେ ସାଇଣ୍ଟିଫିକ ଟିମ୍ ଓ ପୋଲିସ ପହଞ୍ଚି ନର କଙ୍କାଳ ଜବତ କରି ତଦନ୍ତ ଜାରି ରଖିଛି।

ଏ ସଂକ୍ରାନ୍ତରେ ଥାନାଧିକାରୀ ବୀରେନ୍ଦ୍ର ସେନାପତିଙ୍କୁ ପଚାରିବାରୁ ନିଖୋଜ ସନିଆଙ୍କ ମୃତଦେହକୁ ତାଙ୍କ ବଡ଼ଭାଇ ଓ ଭାଉଜ ଚିହ୍ନଟ କରିଥିଲେ। ଗଳିତ ମୃତଦେହରେ କେବଳ ହାଡ଼ ଓ କଙ୍କାଳ ଥିବା ବେଳେ ଏହା ୩୦/୪୦ଦିନ ପୂର୍ବରେ ଘଟଣା ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ଓ ଡିଏନ୍ଏ ରିପୋର୍ଟ ଆସିବା ପରେ ମୃତକଙ୍କ ପରିଚୟ ସ୍ପଷ୍ଟ ହେବ। ଏ ସମ୍ପର୍କରେ ପରିବାର ଲୋକେ ଥାନାରେ କୌଣସି ଅଭିଯୋଗ କରି ନାହାନ୍ତି ବୋଲି ସେ କହିଛନ୍ତି। ତେବେ ବନ ବିଭାଗ କର୍ମଚାରୀଙ୍କ ବିରୋଧରେ ଉଠିଥିବା ଅଭିଯୋଗ ସଂକ୍ରାନ୍ତରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କୁ ପଚାରିବାରୁ ବନ କର୍ମଚାରୀ ମହିଳାମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସମ୍ପର୍କରେ ବିଭାଗ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ଭିନ୍ନ କାରଣ ପାଇଁ ଦୁଇ ବନ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା ବୋଲି ସେ କହିଛନ୍ତି।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

## ସୋନ ଡ୍ୟାମ୍‌ରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ଉଦଳା,୩୦।୪(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଥାନା ସୋନ ଡ୍ୟାମରେ ଭାସୁଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ବୁଧବାର ପୋଲିସ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ୪ ରୁ ୫ ଦିନ ପୂର୍ବରୁ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି।


## କେନ୍ଦ୍ରୀୟ ରେଶମ ପ୍ରଯୁକ୍ତିଗତ ଗବେଷଣା ଅନୁଷ୍ଠାନ
କେନ୍ଦ୍ରୀୟ ରେଶମ ବୋର୍ଡ
ବୟନ ମନ୍ତ୍ରଣାଳୟ, ଭାରତ ସରକାର
ବିଟିଏମ୍ ଲେ'ଆଉଟ୍, ମାଡିୱାଲା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ୍: ୦୮୦-୨୬୬୨୮୨୩୨୫/୨୩୨୬, ଫାକ୍ସ: ୦୮୦-୨୬୬୮୦୪୩୫, ଇ-ମେଲ୍: cstriban.csb@nic.in

ସିଏସ୍‌ବି/ସିଏସ୍‌ଟିଆର୍‌ଆଇ/୩୫(୪୨)/୨୦୨୪
ଷ୍ଟୋରସ/ଭିଏସ୍‌ଆରଡି/ଏଲ୍ଏସ୍ଏସ୍ଏମ୍ଏଲ୍

### ଇ-ଟେଣ୍ଡର ଅଧିସୂଚନା

ତାରିଖ: ୨୯।୦୪।୨୦୨୫

ବିଷୟ: ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ନିମନ୍ତେ "ଲାବୋରେଟୋରୀ ସ୍ୱନ୍ ସିଲ୍କ ମେଶିନେରୀ ଲାଇନ୍" ପାଇଁ ଯନ୍ତ୍ରପାତିର ଯୋଗାଣ – ବାବଦୀୟ ।

ସିଏସ୍‌ଟିଆର୍‌ଆଇ, କେନ୍ଦ୍ରୀୟ ରେଶମ ବୋର୍ଡ, ବେଙ୍ଗାଲୁରୁ ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ପାଇଁ "ଲାବୋରେଟୋରୀ ସ୍ୱନ୍ ସିଲ୍କ ମେଶିନେରୀ ଲାଇନ୍" ପ୍ରତିଷ୍ଠା ନିମନ୍ତେ ଯନ୍ତ୍ରପାତିଗୁଡ଼ିକର ଯୋଗାଣ ଲାଗି ଖ୍ୟାତନାମା ବିନିର୍ମାତା କିମ୍ବା ପ୍ରାଧିକୃତ ବିକ୍ରେତା/ଯୋଗାଣକାରୀଙ୍କଠାରୁ ଦୁଇ ବିଡ୍ ପ୍ରଣାଳୀ ଅଧୀନରେ ଇ-ସଂଗ୍ରହଣ ପୋର୍ଟାଲ୍ eprocure.gov.in ଜରିଆରେ ବିଡ୍ ଆହ୍ୱାନ କରୁଛି । (ଆନୁମାନିକ ଟେଣ୍ଡର ମୂଲ୍ୟ: ୧.୮୦ କୋଟି)
ଆଗ୍ରହୀ ପକ୍ଷମାନେ ୱେବ୍‌ସାଇଟ୍: eprocure.gov.in, www.cstri.res.in, csb.gov.in, eprocure.gov.in/epublish/app ରୁ ବୈଷୟିକ ବିନିର୍ଦ୍ଦିଷ୍ଟତା, ନିୟମ ଓ ସର୍ତ୍ତାବଳୀ ତଥା ଅନ୍ୟାନ୍ୟ ବିବରଣୀ ଡାଉନ୍‌ଲୋଡ୍ କରିପାରନ୍ତି ଏବଂ ଇ-ସଂଗ୍ରହଣ ପୋର୍ଟାଲ୍: eprocure.gov.in ମାଧ୍ୟମରେ ସେମାନଙ୍କର ବିଡ୍ ଅପ୍‌ଲୋଡ୍ କରିପାରନ୍ତି ।
ଦାଖଲର ଶେଷ ତାରିଖ: ୨୩।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା
ବିଡ୍ ଖୋଲାଯିବାର ତାରିଖ: ୨୪।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା
CBC: 41109/12/0003/2526
ନିର୍ଦ୍ଦେଶକ

## GOVERNMENT OF CHHATTISGARH, WATER RESOURCES DEPARTMENT
## OFFICE OF THE EXECUTIVE ENGINEER
## WATER RESOURCES DIVISION RAIGARH
## DIST-RAIGARH (C.G.)
### e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in

Online Tenders are invited for the following works upto 16.05.2025 at 17.30 Hours.

| System Tender No. | NIT No. & Date | Name of Work | Probable amount of contract (in lakhs) | Tender Call |
|---|---|---|---|---|
| 167601 | 01/SAC/2025-26 Dtd.29.04.2025 | IMPROVEMENT OF HEAD WORK, BUND & CANAL OF MADHUBAN TANK SCHEME | 216.76 | Fifth Call |
| 167602 | 02/SAC/2025-26 Dtd.29.04.2025 | CONSTRUCTION OF KHAIRPALI STOP DAM CUM ANICUT SCHEME IN RAIGARH DISTRICT | 519.49 | Second Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) **from Date 06.05.25 at 17.31 Hours. (IST) onwards.**

**NOTE:-** All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor / Supplier Registration in order to download the tender documents and participate in the subsequent bidding process.

Sd./- EXECUTIVE ENGINEER
WATER RESOURCES DIVISION RAIGARH
DISTT.- RAIGARH (C.G.)

G- 252600594/4

## OFFICE OF THE PANCHAYAT SAMITI, KHAIRA, BALASORE
### QUTATION CALL NOTICE

No. 1385 Date : 30.04.2025

Sealed quotations in duplicate are invited from the manufacturers/their authorized dealers/suppliers/reputed firms having GST/PAN/Registration No. quoting the rate for supply of the Shallow tube well spare parts having ISI mark where applicable as detailed below for office of the Panchayat Samiti, Khaira, At/Po./P.S.-Khaira, Dist.-Balasore, Pin-756048

| Sl. No. | Description of Items | Quantity | Unit | Rate | Last date of filling the quotation | Date of opening of quotation | EMD |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| 1 | Leather Bucket | 1 | Nos. | | 09.05.2025 At 10 A.M. | 09.05.2025 At 11 A.M. | Rs.5000/- in shape of NSC to be deposited in the Office of the undersigned |
| 2 | Leather Seat Valve | 1 | Nos. | | | | |
| 3 | C.I. Plunger | 1 | Nos. | | | | |
| 4 | M/S Plunger Rod | 1 | Nos. | | | | |
| 5 | ½" X 2½" N & B | 1 | K.G. | | | | |
| 6 | ½" X 3½" N & B | 1 | K.G. | | | | |
| 7 | 3/8" X 2" N & B | 1 | K.G. | | | | |
| 8 | 3/8" X 2½" N & B | 1 | K.G. | | | | |
| 9 | G.I. Screw | 1 | Nos. | | | | |
| 10 | C.I. Weight | 1 | Nos. | | | | |
| 11 | C.I. Head | 1 | Nos. | | | | |
| 12 | C.I. Handle | 1 | Nos. | | | | |
| 13 | C.I. Base | 1 | Nos. | | | | |
| 14 | C.I. Body | 1 | Nos. | | | | |
| 15 | G.I. 1½" X 4" Socket | 1 | Nos. | | | | |
| 16 | G.I. 1½" X 5" Socket | 1 | Nos. | | | | |
| 17 | 1½" X 6" G.I. Nipple | 1 | Nos. | | | | |
| 18 | 2½" X 12" G.I. Nipple | 1 | Nos. | | | | |
| 19 | 1½" X 2' G.I. Pipe | 1 | Nos. | | | | |
| 20 | 1½" X 3' G.I. Pipe | 1 | Nos. | | | | |
| 21 | 1½" X 4' G.I. Pipe | 1 | Nos. | | | | |
| 22 | 1½" X 5' G.I. Pipe | 1 | Nos. | | | | |
| 23 | R.E. Blade | 1 | Nos. | | | | |
| 24 | M.Seal (100gm) | 1 | K.G. | | | | |
| 25 | Grease (K.G.) | 1 | K.G. | | | | |
| 26 | 1½" X 2" R/S | 1 | Nos. | | | | |
| 27 | 1½" X 18" G.I. Nipple | 1 | Nos. | | | | |
| 28 | 1¼' X 6" Nipple | 1 | Nos. | | | | |
| 29 | 1½" X 1¼" R/S | 1 | Nos. | | | | |

N.B. -
- If the above days fall on holiday the next working day will be the corresponding effective date.
- It may also be changed as per the demand of the situation which will be communicated to all bidders properly. The terms and condition of the supply will be available at the office of the undersigned during office hour.

Sd./- Block Development Officer, Khaira

**ଶ୍ରମିକ ଦିବସ, ମେ’ ୧ ରେ ପାଳିତ ହେଉଛି ଏହି ଦିବସ। ଏହାକୁ ମେ’ ଦିବସ ବା ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ମଧ ପାଳନ କରାଯାଉଛି। ଊନବିଂଶ ଶତାବ୍ଦୀର ଶେଷଭାଗରେ ନିଜ ହକ୍ ପାଇଁ ଶିଳ୍ପପତିମାନଙ୍କ ଆକ୍ରୋଶର ଶିକାର ହୋଇଥିବା ଏବଂ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ସଂଘର୍ଷକୁ ଏହି ଦିବସ ମନେ ପକାଇ ଦେଉଛି। ଏବେ ବି ଶ୍ରମିକମାନଙ୍କ ସଂଘର୍ଷ ଶେଷ ହୋଇନାହିଁ। ଶୋଷଣ ବିରୋଧରେ ଏବଂ ନିଜ ଅଧିକାର ପାଇଁ ସେମାନଙ୍କ ଲଢ଼େଇ ଜାରି ରଖିଛନ୍ତି I**




ବିଶ୍ୱ ଶ୍ରମିକ ଦିବସ ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁଙ୍କ ଦ୍ୱାରା ଅଙ୍କିତ ବାଲୁକା କଳା। ଏଥିରେ ସେ ଜଣେ ଶ୍ରମିକ ଇଟା ଭାର ସହ ନିଜ ଛୋଟ ଶିଶୁକୁ ବୋହି ନେଉଥିବାର ଦୃଶ୍ୟକୁ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। **(ଫଟୋ:ପ୍ରଦୀପ କୁମାର ସାହୁ, କର୍ଲାମୁଣ୍ଡା।)**

# ଦିବସର ମହତ୍ତ୍ୱ

ମେ’୧ ଆନ୍ତର୍ଜାତିକ ଶ୍ରମିକ ଦିବସ, ଶ୍ରମିକମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ। ଏହି ଦିବସରେ ପ୍ରାୟ ୧୩୬ ବର୍ଷ ପୂର୍ବେ ଆମେରିକାର ଶ୍ରମିକମାନେ ବିଶ୍ୱର ଶ୍ରମିକଶ୍ରେଣୀ ପାଖରେ ଏକ ନୂତନ ସଂଗ୍ରାମର ଆହ୍ୱାନ ଦେଇଥିଲେ। ସେମାନଙ୍କର ଏହା ଥିଲା ରକ୍ତ ବିନିମୟରେ ସଂଗ୍ରାମର ଆହ୍ୱାନ। ସେଦିନ ଆମେରିକାର ହେ’ ମାର୍କେଟରେ ଶ୍ରମିକମାନେ ୮ ଘଣ୍ଟା କାମ ଦାବିରେ ଯେଉଁ ବିକ୍ଷୋଭ ପଟୁଆର ବାହାର କରିଥିଲେ ତା’ ଉପରେ ନଇଁ ଆସିଥିଲା ଆମେରିକା ସରକାରଙ୍କ ପୋଲିସ ବାହିନୀର ନୃଶଂସ ଆକ୍ରମଣ । ଫଳରେ ଘଟଣାସ୍ଥଳରେ ଅଗଣିତ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ସେହିସବୁ ଶ୍ରମିକଙ୍କ ରକ୍ତରଞ୍ଜିତ ପୋଷାକକୁ ଝଣ୍ଡା ରୂପେ ନେଇ ଯେଉଁ ପଟୁଆର ବାହାରିଥିଲା, ସେହି ପଟୁଆରର ଝଣ୍ଡା ହିଁ ହେଉଛି ଆଜିକାର ଲାଲ୍‌ଝଣ୍ଡା। ଫଳତଃ ଏହି ଦିବସଟି ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ହେ’ ମାର୍କେଟରେ ଏହି ଘଟଣା ପୂର୍ବରୁ ମଧ ବିଶ୍ୱର ବିଭିନ୍ନ ଦେଶର ଶ୍ରମିକଶ୍ରେଣୀ ତାଙ୍କର ଆଇନଗତ ଦାବିରେ ଆନ୍ଦୋଳନ କରିଛନ୍ତି, କିନ୍ତୁ ହେ’ ମାର୍କେଟର ଘଟଣା ଐତିହାସିକ ଘଟଣା ରୂପେ ପରିଚିତ ହେଲା । କାରଣ ହେ’ ମାର୍କେଟରେ ପ୍ରଥମେ ବିଶ୍ୱର ଶ୍ରମିକଶ୍ରେଣୀର ଐକ୍ୟ ଘୋଷିତ ହୋଇଥିଲା ଏବଂ ଶ୍ରମିକଙ୍କର ରକ୍ତରଞ୍ଜିତ ଲାଲ୍ ପତାକା ସୃଷ୍ଟି ହୋଇଥିଲା ତଥା ଶ୍ରମିକଶ୍ରେଣୀ ବିଜୟର ସହ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଶ୍ରମିକଶ୍ରେଣୀର ଶ୍ରେଷ୍ଠ ଚିନ୍ତାନାୟକ ମହାନ ନେତା କାର୍ଲମାର୍କ୍ସଙ୍କ ସାହାଯୋଦ୍ଧା ସାରବାହାର ଶ୍ରେଣୀର ମହାନ ନେତା ଫ୍ରେଡରିକ ଏଙ୍ଗେଲ୍‌ସ ଏହି ଦିବସଟିକୁ ଶ୍ରମିକ ଦିବସ ରୂପେ ଘୋଷଣା କରିଥିଲେ। ଇତିମଧ୍ୟରେ ୧୩୬ ବର୍ଷ ଅତିବାହିତ ହେବାକୁ ଯାଉଛି। ବିଶ୍ୱର ବିଭିନ୍ନ ଦେଶର ଶ୍ରମିକମାନେ ଶପଥ ଗ୍ରହଣ କରିଆସୁଛନ୍ତି ଏବଂ ଶ୍ରମିକଙ୍କ ସହ ସେମାନଙ୍କର ଏକତା, ସଂହତି ଘୋଷଣା କରୁଛନ୍ତି। ସେଥିପାଇଁ ଏହି ମେ’ ଦିବସ ପୃଥିବୀର ଶ୍ରମଜୀବୀ ଜନସାଧାରଣଙ୍କ ପାଖରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ ।

୧୮୮୬ ମସିହା ମେ ୪ରେ ଚିକାଗୋରେ ଘଟିଥିବା ଏକ ହିଂସାତ୍ମକ ସଂଘର୍ଷ, ହେ’ ମାର୍କେଟ ଘଟଣାକୁ ସମ୍ମାନ ଜଣାଇବା ପାଇଁ ସମାଜବାଦୀ ଗୋଷ୍ଠୀ ଏବଂ ଟ୍ରେଡ୍ ୟୁନିୟନର ଏକ ଅନ୍ତର୍ଜାତୀୟ ଫେଡେରେଶନ ଦ୍ୱାରା ୧୮୮୯ ମସିହାରେ ଏହି ଦିନକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଶ୍ରମିକଙ୍କ ଅଧିକାର ପାଇଁ ଲଢ଼େଇରେ ହେ’ମାର୍କେଟ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା, ବିଶେଷକରି ଆଠ ଘଣ୍ଟା କାର୍ଯ୍ୟଦିବସ ଦାବି। ସମୟକ୍ରମେ ମେ’ ଦିବସ ଅନେକ ଦେଶରେ ଆୟୋଜିତ ବିକ୍ଷୋଭ ଏବଂ ଉତ୍ସବ ସହିତ ଶ୍ରମିକଙ୍କ ଏକତାର ଏକ ବିଶ୍ୱସ୍ତରୀୟ ପ୍ରତୀକ ହୋଇଗଲା । ସୋଭିଏତ୍ ସଂଘରେ ଶ୍ରମିକମାନଙ୍କୁ ପୁଞ୍ଜିବାଦ ବିରୋଧରେ ଏକଜୁଟ ହେବାକୁ ଉତ୍ସାହିତ କରିବା ପାଇଁ ମେ’ ଦିବସକୁ ଏକ ଦିନ ଭାବରେ ଗ୍ରହଣ କରାଯାଇଥିଲା। ଆଜି ଏହା ଶ୍ରମିକଙ୍କ ଅଧିକାର ଏବଂ ନିରପେକ୍ଷ ଶ୍ରମ ଅଭ୍ୟାସ ପାଇଁ ଓକିଲାତି କରୁଥିବା ପଦଯାତ୍ରା, ବିକ୍ଷୋଭ ଏବଂ ରାଲି ସହିତ ପାଳନ କରାଯାଏ । ଉଚିତ ମଜୁରି, ନିରାପଦ କାର୍ଯ୍ୟ ଅବସ୍ଥା ଏବଂ ଶ୍ରମ ଅଧିକାର ପାଇଁ ଚାଲିଥିବା ଲଢ଼େଇର ଏକ ଶକ୍ତିଶାଳୀ ସ୍ମାରକୀ ହେଉଛି ଏହି ମେ’ ଦିବସ।

**–ଅସିତ ମହାନ୍ତି,** ସୁଜନପୁର, ଯାଜପୁର, ମୋ:୯୪୩୭୨୮୮୦୨୮

# ୧୯୨୩ରୁ ଭାରତରେ ଶ୍ରମିକ ଦିବସ

ଭାରତରେ ପ୍ରଥମକରି ଶ୍ରମିକ ଦିବସ ବା ମେ’ ଦିବସ ୧୯୨୩ରେ ମାଡ୍ରାସ (ଚେନ୍ନାଇ)ରେ ପାଳନ କରାଯାଇଥିଲା। ଏହିଦିନ ସମଗ୍ର ଭାରତବର୍ଷରେ ଟ୍ରେଡ୍ ୟୁନିୟନଗୁଡିକ ଶ୍ରମିକମାନଙ୍କର ମୂଲ୍ୟବୋଧକୁ ମନେପକାଇ ଥାଆନ୍ତି। ଭାରତରେ ଶ୍ରମିକ ଦିବସ ପାଳନ ପାଇଁ ଲେବର କିଷାନ ପାର୍ଟି ପ୍ରଥମ ପଦକ୍ଷେପ ନେଉଥିଲା। ପ୍ରଥମ ଟ୍ରେଡ୍ ୟୁନିୟନର ପ୍ରତିଷ୍ଠାତା ମଳୟପୁରମ୍ ସିଙ୍ଗାରଭେଲୁ ଚେଟିଆର୍ ଉକ୍ତ ଦିବସ ପାଳନ ପାଇଁ ଦୁଇଟି ବୈଠକ ଆୟୋଜନ କରିଥିଲେ। ଗୋଟିଏ ବୈଠକ ଟ୍ରିପ୍ଲିକେନ ବିଚ୍‌ରେ ଏବଂ ଅନ୍ୟଟି ମାଡ୍ରାସ ହାଇକୋର୍ଟର ବିପରୀତ ଦିଗରେ ଥିବା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଙ୍ଗାରଭେଲୁ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହି ପ୍ରସ୍ତାବରେ ଉଲ୍ଲେଖଥିଲା ଯେ, ମେ’ ୧ ଶ୍ରମିକ ଦିବସକୁ ସରକାର ଜାତୀୟ ଛୁଟିଦିବସ ଘୋଷଣା କରନ୍ତୁ। ପ୍ରଥମଥର ପାଇଁ ଶ୍ରମିକ ସଙ୍କେତ ସ୍ୱରୂପ ଏଠାରେ ଲାଲ୍ ପତାକା ବ୍ୟବହାର କରାଯାଇଥିଲା ।

## ଏମାନେ ଯାହା କୁହନ୍ତି

### ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ପଦବୀ ଫାଙ୍କା ପଡ଼ିଛି



“ଶ୍ରମିକଙ୍କ ପାଇଁ ସରକାର ଦୈନିକ ମଜୁରି ବଢ଼ାଇବା ଲାଗି କହୁଥିଲା ବେଳେ ଏହା ସନ୍ଦେହ ପ୍ରକଟ କରୁଛି। ଦୈନିକ ସର୍ବନିମ୍ନ ମଜୁରି ପ୍ରତି ୫ବର୍ଷରେ ବଢ଼ିବା କଥା। ମାତ୍ର କୌଣସି ରାଜ୍ୟ କି କେନ୍ଦ୍ର ସରକାର ତାହା କରୁନାହାନ୍ତି। ଭିଡିଏ ପ୍ରତି ୬ମାସରେ ବଢ଼ାଯାଉଛି ଯାହା ମହାଙ୍ଗୀ ଭତ୍ତା ବୋଲି କୁହାଯାଏ। ସରକାରୀ ଚାକିରିଆଙ୍କର ୪ହଜାର ବା ୫ ହଜାର ବଢୁଥିବା ବେଳେ ଶ୍ରମିକଙ୍କର କେଉଁ ଆଧାରରେ ୧୦ଟଙ୍କା ବଢ଼ିଲା ତା’ର ଉତ୍ତର ସରକାର ଦେବା ଆବଶ୍ୟକ। ଏଥିସହ ଅଣ ସଂଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଲାଗି ବଜେଟ ବ୍ୟବସ୍ଥା କରିବାକୁ ସରକାର ପଦକ୍ଷେପ ନେଲେନାହିଁ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ପଦବୀ ପୂରଣ ନହେବା ଫଳରେ ବୋର୍ଡ଼ ଏକ ପ୍ରକାର ପଙ୍ଗୁ ହୋଇଯାଇଛି।

**–ମହେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ, ଏଆଇସିସିଟିୟୁ,**

### ଶ୍ରମିକମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କରନ୍ତୁ



“ଶ୍ରମିକମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କରନ୍ତୁ। ଅନ୍ତର୍ଜାତୀୟ ଶ୍ରମ ଦିବସ ଅବସରରେ ସମସ୍ତ ଶ୍ରମିକଙ୍କ ସମ୍ମାନ ଓ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସହଯୋଗ କରିବା, ଯାହାଦ୍ୱାରା ଏକ ଉନ୍ନତ ଓ ବିକଶିତ ଭାରତ ଗଠନ ହୋଇପାରିବ। ଶ୍ରମ ଦିବସରେ ସମସ୍ତ ଶ୍ରମିକ, ସାଧକମାନଙ୍କୁ ଶୁଭେଚ୍ଛା।

**–ଲକ୍ଷ୍ମଣ ଦାସ, ସଙ୍ଗଠନ ସମ୍ପାଦକ, ଭାରତୀୟ ମଜଦୁର ସଂଘ**

### ୧୫୦ ବର୍ଷର ଶ୍ରମ ଆଇନ ପରିବର୍ତ୍ତନ କରାଯାଇଛି



“ମେ’ ଦିବସ ଶ୍ରମିକ ଶ୍ରେଣୀ ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତ। କେନ୍ଦ୍ର ସରକାର ୪୪ଟି ଶ୍ରମକୋର୍ଡ ବାତିଲକରି ୪ଟି ଶ୍ରମକୋଡ୍ ନାମରେ କର୍ପୋରେଟ୍ ସ୍ୱାର୍ଥରେ ୧୫୦ ବର୍ଷର ଶ୍ରମ ଆଇନକୁ ପରିବର୍ତ୍ତନକରି ମଧ ଯୁଗୀୟ ଦାସଯୁଗ ଆଡ଼କୁ ନେଇଯାଉଛନ୍ତି। ଏହା ବିରୋଧରେ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ହେଉଛି ଆଜିର ଅହ୍ୱାନ ।

**–ବିଜୟ ଜେନା, ସାଧାରଣ ସମ୍ପାଦକ, ଏଆଇଟିୟୁସି**

### ଅଣସଙ୍ଗଠିତ କୃଷି ଶ୍ରମିକଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୁଅନ୍ତୁ



“ଆଜି ଶ୍ରମିକ ଦିବସ। ଶିଳ୍ପ କ୍ଷେତ୍ରରେ କାମ କରୁଥିବା ସଙ୍ଗଠିତ ଶ୍ରମିକଙ୍କ ତୁଳନାରେ କୃଷି କ୍ଷେତ୍ରରେ କାମ କରୁଥିବା ଅଣସଙ୍ଗଠିତ କୃଷି ଶ୍ରମିକଙ୍କ ଅବସ୍ଥା ବହୁତ ଭୟଙ୍କର। ନବନିର୍ମାଣ କୃଷକ ସଙ୍ଗଠନ ଏହି ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କୃଷି ଶ୍ରମିକଙ୍କର ନ୍ୟାଯ୍ୟ ଅଧିକାର ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରିଆସିଛି। ଆଜି ଶ୍ରମିକ ଦିବସରେ ସରକାର ସମ୍ବେଦନଶୀଳ ହେବାସହ ସେମାନଙ୍କର ନ୍ୟାଯ୍ୟ ଦାବିପ୍ରତି ସ୍ୱୀକୃତି ଦେଇ ସେମାନଙ୍କ ଅବସ୍ଥାର ସୁଧାର ଆଣିପାରିଲେ ଅଣସଙ୍ଗଠିତ ଶ୍ରମିକମାନେ ଉପକୃତ ହୋଇପାରିବେ।

**–ଅକ୍ଷୟ କୁମାର,ରାଷ୍ଟ୍ରୀୟ ସଂଯୋଜକ, ନବନିର୍ମାଣ କୃଷକ ସଙ୍ଗଠନ**

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

## ଅନ୍ୟାନ୍ୟ ଖବର

# ଗଛପଡ଼ି ଯାତାୟାତ ୪ ଘଣ୍ଟା ଠପ୍



ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଛି।

**ବନ୍ତଲା,୩୦।୪(ସୁଶିତ ସାହୁ)** ଅନୁଗୋଳ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ତେଲଭୂଇଁ ବାଟ ନିକଟରେ ଟିକରପଡ଼ା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ବୁଧବାର ଅପରାହ୍ନ ୩ଟାରେ ଏକ ବଡ଼ ଗଛ ଉପୁଡ଼ି ପଡିବାରୁ ପ୍ରାୟ ୪ ଘଣ୍ଟାଧରି ଯାତାୟାତ ଠପ୍ ହୋଇଯାଇଥିଲା। ସୂଚନା ଅନୁଯାୟୀ, ମଙ୍ଗଳବାର କାଳବୈଶାଖୀ ଯୋଗୁ ଉକ୍ତ ଗଛ ନଇଁ ପଡିଥିବା ବେଳେ ଅପରାହ୍ନରେ ତାହା ହଠାତ୍ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗଛକାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଧାନ ଆଣିବାକୁ ଗଲା ବେଳେ ଓଲଟିଲା ଟ୍ରାକ୍ଟର: ୨ ମୃତ

**ବାହାନଗା, ୩୦।୪ (ଅରୂପ୍ କୁମାର ଦାସ)** ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଗ୍ରାମରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବିଲକୁ ଧାନ ଆଣିବାକୁ ଯାଉଥିବା ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ୨ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ତାଳକୁରୁଣିଆଁ ପଞ୍ଚାୟତ ମାଗୁରା ରାସ୍ତା ଦେଇ ନୀଳକଣ୍ଠପୁରସ୍ଥିତ ବିଲକୁ ଧାନ ଆଣିବା ପାଇଁ ଟ୍ରାକ୍ଟର ଚଲାଇ ୨ ନାବାଳକ ବିଲକୁ ଯାଉଥିଲେ। ମାଗୁରା ୟୁପି ବିଦ୍ୟାଳୟ ଛକଠାରେ ରାସ୍ତାକଡକୁ ଟ୍ରାକ୍ଟର ଓଲଟି ପଡିବାରୁ ଇଞ୍ଜିନରେ ୨ଜଣ ଚାପି ହୋଇଯାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ମେଶିନ ସାହାଯ୍ୟରେ ଟ୍ରାକ୍ଟରକୁ ଉଠାଇବା ସହିତ ଟ୍ରାକ୍ଟର ଭିତରୁ ଚାପିହୋଇଥିବା ୨ଜଣଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଆସିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# କେନାଲରେ ବୁଡ଼ି ବୃଦ୍ଧ ମୃତ

**ସନ୍ନିଛକ, ୩୦।୪ (ସନ୍ତୋଷ ପରିଡ଼ା)** ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ଜଣେ ବୃଦ୍ଧ କମ୍ପୁ ଭୋଳଙ୍କ ବୁଧବାର ସନ୍ଧ୍ୟାରେ ରେଙ୍ଗାଳି କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। କମ୍ପୁ ଗାଧୋଇବା ପାଇଁ କେନାଲକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ବଅଁରପାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


**OFFICE OF THE NOTIFIED AREA COUNCIL, KHARIAR ROAD**

Mail: nackhrd@rediffmail.com, Phone No.06678-221239

**INVITATION FOR BIDS**

Bid Reference No.

**Tender Call Notice No.807/22.04.2025**

**No.C-193:**Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. website i.e.www.tendersodisha.gov.in.

| | | | |
|---|---|---|---|
| 1 | Nature of Work | : | Civil works as mentioned in website |
| 2 | Estimated Cost | : | Rs.99.58 Lakhs |
| 3 | Period of Completion | : | As per DTCN |
| 4 | Date and Time of availability of the documents in the portal | : | 10.00 AM 25.04.2025 to 5.00 PM 08.05.2025 |
| 5 | Last date/time for receipt of Bids in the portal | : | 08.03.2025 by 5.30 PM |
| 6 | Offline Submission of Bid | : | 10.00 AM of 09.05.2025 to 5.30 PM of 09.05.2025 |
| 7 | Name and address of the Officer Inviting Bid | : | Executive Officer, Khariar Road NAC, Dist- Nuapada |

Further the details can be seen from the “procurement Portal - www. tendersorissa.gov.in.”

**Sd./- Executive Officer, NAC, Khariar Road**

OIPR-13136/11/0034/2526

**OFFICE OF THE DISTRICT PROJECT COORDINATOR, SAMAGRA SHIKSHA, KALAHANDI**

ସମଗ୍ର ଶିକ୍ଷା समग्र शिक्षा Samagra Shiksha

NEAR JAIL CHOWK, BHAWANIPATNA,

Email:- dpckalassa.opepa@nic.in

No. 1144/2025 Dated: 24.04.2025

**NOTICE INVITING TENDER (NIT)**

No. n-18:- Sealed tenders are invited from the reputed & credible supplier for Teaching Learning Materials ( TLM) like **Slate, Pencil Box, Chalk, Pencil, Eraser, Sharpener & Crayon for Sishuvatika and Pencil box, Ruler, Pencil, Eraser, Sharpener & Crayon for Grade-I-III** of Kalahandi District in two bid systems (Technical & Financial Bid).

The detailed Bid document is available in the website of Kalahandi i.e. www.kalahandi.odisha.gov.in and www.osepa.odisha.gov.in. Interest and eligible agency/firm may download Bid document from the above website and apply accordingly.

**By order of Collector-cum-Chairman, Sd./- DEO-cum-DPC, Samagra Shiksha, Kalahandi**

OIPR-27180/11/0002/2526

Annexure-1

**DISTRICT MINERAL FOUNDATION, JAJPUR**

**Request for Proposal (RFP)**

**No.CAD-247:**District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for “Selection of Bidder for providing Career Counselling and Life Skills Training to College students in mining affected areas of Jajpur District, Odisha” under District Mineral Foundation, Jajpur”.

The detail of the RFP is available in the district web portal i.e. **www.jajpur.odisha.gov.in**

**Sd./- Collector & Managing Trustee, DMF, Jajpur**

OIPR-30025/11/0008/2526

**TENDER CALL NOTICE**

**OFFICE OF THE PRINCIPAL, PRANANATH COLLEGE (AUTONOMOUS) KHORDHA**

**No.19152904/2025-26/001** **Date:28.04.2025**

No.CAD-256:Sealed tenders are invited from registered firms/ agencies/ suppliers with uptodate VAT/GST clearance certificates to supply and installation of “Desktop Computer, UPS, LED TV, MICE Camera & MFP Printer”. The detail terms and conditions, guidelines, etc. are available and can be downloaded from the college website www. pnautonomouscollege.in. The sealed envelope containing the tenders in the prescribed format superscribed on the top of the envelope “Desktop Computer, UPS, LED TV, MICE Camera & MFM Printer” should reach the office of the undersigned on or before 12.05.2025 by 05.00 PM through registered/ Speed Post only.

The undersigned reserves the right to reject or cancel any or all tenders without assigning any reason thereof and the authority will not be held responsible for any postal delay.

OIPR-11127/11/0009/2526 **Sd./- Principal**

**OFFICE OF THE NOTIFIED AREA COUNCIL, TARBHA**

**“e” Procurement Notice**

**Bid Identification No. TRV-NAC-01/2025-26**

**Tender ID : 2025_ORULB_112811**

**Tender Call Notice No.642/ Date 25.04.2025**

No.C-186:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of Works : 1 No.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.28.04.2025 from 11.00 A.M.
6. Last Date & Time for Receipt of tenders through online : On or before Dt.09.05.2025 upto 05.00 P.M.
7. Bids received online shall be opened on : On Dt.13.05.2025 at 11.00 AM
8. Name and address of the Officer Inviting Bid : Executive Officer, Tarbha NAC

Further details can be seen from the procurement portal i.e. www. tendersodisha.gov.in

**Sd./- Executive Officer, Tarbha NAC**

OIPR-13199/11/0007/2526

**OFFICE OF THE NOTIFIED AREA COUNCIL, KHARIAR ROAD**

Mail: nackhrd@rediffmail.com, Phone No.06678-221239

**INVITATION FOR BIDS**

Bid Reference No.

**Tender Call Notice No.802/22.04.2025**

**No.C-194:**Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. website i.e.www.tendersodisha.gov.in.

| | | | |
|---|---|---|---|
| 1 | Nature of Work | : | Civil works as mentioned in website |
| 2 | Estimated Cost | : | Rs.231.26 Lakhs |
| 3 | Period of Completion | : | As per DTCN |
| 4 | Date and Time of availability of the documents in the portal | : | 10.00 AM 25.04.2025 to 5.00 PM 08.05.2025 |
| 5 | Last date/time for receipt of Bids in the portal | : | 08.03.2025 by 5.30 PM |
| 6 | Offline Submission of Bid | : | 10.00 AM of 09.05.2025 to 5.30 PM of 09.05.2025 |
| 7 | Name and address of the Officer Inviting Bid | : | Executive Officer, Khariar Road NAC, Dist- Nuapada |

Further the details can be seen from the “procurement Portal - www. tendersorissa.gov.in.

**Sd./- Executive Officer, NAC, Khariar Road**

OIPR-13136/11/0033/2526

**State Institute for Development of Arts & Crafts**

Handlooms, Textiles & Handicrafts Department, Govt. of Odisha

Handicrafts Complex, Gandamunda, Bhubaneswar-751030

Tel.No. +91 (0)674 2350138, E-mail: sidacorissa@gmail.com, www.sidacodisha.org.in

SIDAC

**No.PP:“Tender”** in sealed cover is invited from reputed suppliers for **Supply of Musical Instruments to “Odisha Crafts Museum-Kalabhoomi”.**

For details of Tender & TOR etc. Please visit the websites www. sidacodisha.org.in or www.odishacraftsmuseum.odisha.gov.in. The last date for submission of Tender in the Office of SIDAC, Handicrafts Complex, Gandamunda, Khandagiri, Bhubaneswar Ph:0674-2350318 is upto 01.00 PM on 03.05.2025. The details of Tender will be available in the website w.e.f. 24.04.2025.

**OIPR-31036/11/0021/2526** **Sd./- CEO, OCM-KB**

No. A-75

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAIN DAM DIVISION, BURLA**
**AT/PO- BURLA, DIST-SAMBALPUR (ODISHA) 768017**

**Government of Orissa**

**"e" Procurement Notice NO. MDD-e-01/2025-26 (Online)**

**Email Id: semaindamdivn@gmail.com**

No. 4334 /Date: 24.04.2025

1. No. of work : 16 Nos.
2. Estimated Cost : Rs.7.46 to 28.02 lakhs
3. Period of completion : 2 (Two calendar) months
4. Date & Time of available of bid document in the Portal. : 01.05.2025 at 10.00 A.M.
5. Last date/time for receipt of bids in the portal : 12.05.2025 upto 05.00 P.M.
6. Date of opening of bid : 13.05.2025 at 11.00 A.M.
7. Name & Address of the Officer Inviting bid : Superintending Engineer, Main Dam Division, Burla At/PO- Burla, Dist.- Sambalpur, Odisha Email:- semaindamdivn@gmail.com

Further details, any corrigendum or addendum can be seen from the e-procurement portal http://tendersorissa.gov.in

**Sd./- Superintending Engineer, Main Dam Division, Burla**

**OIPR-32017/11/0011/2526**

**ପୌର ପରିଷଦ କାର୍ଯ୍ୟାଳୟ, ବ୍ରଜରାଜନଗର**

**OFFICE OF MUNICIPAL COUNCIL, BRAJRAJNAGAR**

**At/Po - Lamtibahal Dist - Jharsuguda, Odisha**

**Phone No.- 8457812260, Mail- eobrjnmpl@gmail.com**

Letter No. 1284/B.M. Dt. 24.04.2025

**Quotation Call Notice**

**No.C-175:-** Quotation in sealed covers are invited from intending Authorized Firms/Agencies having up to date GST Registration Copy/ PAN Card Copy/ Registration Copy & Experience Certificate of Same work for Installation of CCTV and annual maintenance contract at Brajrajnagar Municipality as per the specification mentioned in BOQ.

| Sl. No. | Title of Project | Security Deposit | Time for Completion of project | Paper cost |
|---|---|---|---|---|
| 1 | 2 | 3 | 4 | 5 |
| 1 | For Installation of CCTV and annual maintenance contract at Brajrajnagar Municipality | Rs.4,000/- | One Month | Rs.2000/- |

The Bid documents to be downloaded from the official Website of Jharsuguda District **www.jharsuguda.odisha.gov.in** from **dt. 25.04.2025 to 05.05.2025**. Last date of receipt of bid is **05.00 PM, 05.05.2025** through speed post/ registered post/ courier/ by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

**Sd./- Executive Officer, Brajrajnagar Municipality**

OIPR-13099/11/0044/2526

# ଚାଷୀଙ୍କ ହକ୍ ପାଇଁ ଲଢ଼ିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୩୦।୪
(ରବିନାରାୟଣ ଜେନା)


ଭକ୍ତ ଚରଣ ଦାସ

ରାଜ୍ୟ ସରକାର ଚାଷୀଙ୍କ ପ୍ରତି ଅନ୍ୟାୟ କରିଚାଲିଛନ୍ତି, ଯେଉଁଥିପାଇଁ ଚାଷୀଙ୍କ ମେରୁଦଣ୍ଡ ଦିନକୁ ଦିନ ଦୋହଲିଯାଉଛି। ସର୍ବଭାରତୀୟସ୍ତରରେ ଚାଷୀଙ୍କ ମାସିକ ଆୟ ୧୧ ହଜାର ଟଙ୍କା ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୫୧୨୦ ଟଙ୍କା ଭିତରେ ରହିଛି। ପୂର୍ବର ବିଜେଡି ସରକାର ଏବଂ ବର୍ତ୍ତମାନର ଭାଜପା ସରକାର ଚାଷୀଙ୍କୁ ସେମାନଙ୍କ ଉଚିତ୍ ହକ୍ ଦେଉନାହାନ୍ତି। ଯେପର୍ଯ୍ୟନ୍ତ ଚାଷୀଙ୍କୁ ତାଙ୍କର ଉଚିତ୍ ପ୍ରାପ୍ୟ ମିଳିନାହିଁ ସେପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପବିତ୍ର ଅକ୍ଷୟତୃତୀୟା ଅବସରରେ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁରଠାରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଅଖିମୁଠି ଅନୁକୂଳ ଉତ୍ସବର ଶୁଭାରମ୍ଭ କରି ଭକ୍ତ ଚାଷୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କର ହକ୍ ପୂରଣ କରିବା ଏକାନ୍ତ ଜରୁରୀ ବୋଲି ସେ କହିଥିଲେ।

ଭକ୍ତ କହିଥିଲେ, ସରକାର ଚାଷୀଙ୍କୁ ଆବଶ୍ୟକ ପରିମାଣର ଉନ୍ନତମାନର ବିହନ ଠିକ୍ ସମୟରେ ଯୋଗାଇଦେବା ଆବଶ୍ୟକ। କୃଷକ ହେଲେ ଅନ୍ନଦାତା। ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏହି ବର୍ଗର ଲୋକଙ୍କର ସାମଗ୍ରିକ ବିକାଶ ନ ହେଲେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ। ନଚେତ୍ ନ୍ୟାୟପଥରେ ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ସେ କହିଥିଲେ।

ଉତ୍ସବରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଅକ୍ଷୟତୃତୀୟାର ମହନୀୟତା ଓ କୃଷକ ସମାଜର ପ୍ରଗତି ପାଇଁ କଂଗ୍ରେସ ଅତୀତରେ ବହୁତ କିଛି ପଦକ୍ଷେପ ନେଇଛି। ସମ୍ପ୍ରତି ଚାଷୀମାନଙ୍କ ମୌଳିକ ସମସ୍ୟାକୁ ରାଜ୍ୟ ସରକାର ତୁରନ୍ତ ସମାଧାନ କରିବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଶାହାନୱାଜ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

## ଆତଙ୍କବାଦୀଙ୍କୁ ବଞ୍ଚାଇବା, ଦୋଷମୁକ୍ତ କରାଇବାକୁ ଚାହୁଁଛନ୍ତି ଭକ୍ତ:ଭାଜପା

ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)

ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ବୟାନ ନିନ୍ଦନୀୟ। କେନ୍ଦ୍ର ସରକାର ନାଟକ କରୁଛନ୍ତି ଏବଂ ୨ଟି ରାଜ୍ୟରେ ଆଗାମୀ ଦିନରେ ନିର୍ବାଚନ ଥିବାରୁ ଆତଙ୍କବାଦୀ ଆକ୍ରମଣ କରାଗଲା ବୋଲି ଭକ୍ତ କହୁଛନ୍ତି। ଏଥିରୁ ସେ ଆତଙ୍କବାଦୀଙ୍କୁ ବଞ୍ଚାଇବା ଓ ସେମାନଙ୍କୁ ଦୋଷମୁକ୍ତ କରିବା ପାଇଁ ଚାହୁଁଥିବା ଦର୍ଶାଉଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଗଣମାଧ୍ୟମକୁ ଅନିଲ କହିଛନ୍ତି, ବିଶ୍ୱ ଜାଣିଛି, ପାକିସ୍ତାନ ହେଉଛି ଆତଙ୍କବାଦର କେନ୍ଦ୍ର ଓ ପହଲଗାମ୍‌ରେ ଆତଙ୍କବାଦୀମାନେ ଧର୍ମ ପଚାରି ଓ କଲମା ପଢ଼ିବାକୁ କହି ନିରୀହ ଲୋକଙ୍କୁ ଗୁଳିମାରି ହତ୍ୟା କରିଛନ୍ତି। କେବଳ ଭକ୍ତ ଦାସ ଓ କଂଗ୍ରେସର କେତେଜଣ ନେତାଙ୍କୁ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ଏବଂ ସେମାନଙ୍କର ବର୍ବରତା ଦେଖାଯାଉ ନାହିଁ। ଯେଉଁଭଳି ଭାବେ କହୁଛନ୍ତି, ନିର୍ବାଚନକୁ ଆଖି ଆଗରେ ରଖି ଆତଙ୍କବାଦୀ ଆକ୍ରମଣ କରାଗଲା, ସେମାନେ କେଉଁଠି ନା କେଉଁଠି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ ପରିବାରଙ୍କ କଟା ଘା'ରେ ଲୁଣ ଦେଉଛନ୍ତି।

## ବିଜେଡି ସବୁବେଳେ ଜାତିଭିତ୍ତିକ ଜନଗଣନା ଦାବି କରିଆସୁଥିଲା: ନବୀନ

ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିବା ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ତାଙ୍କ ଦଳ ସବୁବେଳେ ଦେଶବ୍ୟାପୀ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରିଆସୁଥିଲା। ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରିଆସୁଥିଲା। ଓଡ଼ିଶାରେ ୨୦୨୩ରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛୁ, ଯାହାଦ୍ୱାରା ବିଭିନ୍ନ ବର୍ଗର ଲୋକଙ୍କ ସଂଖ୍ୟା ଜାଣିହେବ। ସେମାନଙ୍କ ଉନ୍ନତି ଏବଂ ବିକାଶ ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ସେହି ପଦ୍ଧତିକୁ ଏବେ କେନ୍ଦ୍ର ସରକାର ଗ୍ରହଣକରି ଜାତିଭିତ୍ତିକ ଜନଗଣନା କରିବାକୁ ଯୋଜନା କରିଛନ୍ତି। ବିଜେଡି ସବୁବେଳେ ସାମାଜିକ ନ୍ୟାୟ ସପକ୍ଷରେ ରହିଛୁ। ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ସାମାଜିକ ନ୍ୟାୟ ସହ ଥିବା ନବୀନ କହିଛନ୍ତି।

ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି।

### ଜାତି ଆଧାରରେ ଜନଗଣନା

■ ୨୦୧୧ରେ କଂଗ୍ରେସ ବିରୋଧ କରୁଥିଲା, ଏବେ ସମର୍ଥନ କରୁଛି: ମନମୋହନ

ଏ ବିଷୟ ସବୁବେଳେ ଚର୍ଚ୍ଚାରେ ରହିଥିଲା। ଏ ବାବଦରେ ବହୁ ଆଲୋଚନା ହେବାପରେ ଉକ୍ତ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ଲାଗିଛି। କୋଭିଡ୍ ସକାଶେ ଏହା କରିବାରେ ୫ ବର୍ଷ ବିଳମ୍ବ ହୋଇଗଲା। ୨୦୨୫ରେ ଆରମ୍ଭ ହୋଇ ୨୦୨୬ରେ ଏହା ଶେଷ ହେବ। କଂଗ୍ରେସ ୨୦୧୧ରେ ଏହି ପ୍ରସ୍ତାବକୁ ବିରୋଧ କରୁଥିଲା। ଏବେ କହୁଛି ଜାତିଭିତ୍ତିକ ଜନଗଣନା ହେବା ଦରକାର। କଂଗ୍ରେସ ଅଟଳ ବିହାରୀ ବାଜପେୟୀଙ୍କଠାରୁ ବହୁ କଥା ଶିଖିବାର ଥିଲା। ସବୁବେଳେ ଛୋଟ ଚିନ୍ତାଧାରାରେ କଂଗ୍ରେସ ନିଜର ବିଚାରଧାରା ରଖୁଥିବାରୁ ତାଙ୍କ ଦଳ ଲୋପ ପାଇଗଲାଣି ବୋଲି ମନମୋହନ କହିଛନ୍ତି।


### ଉପ-ଆରକ୍ଷୀ ଆୟୋଗୀ (ନିରାପତ୍ତା) କାର୍ଯ୍ୟାଳୟ
ସ୍ୱତନ୍ତ୍ର ନିରାପତ୍ତା ବାହିନୀ
ଆରକ୍ଷୀ ଆୟୁକ୍ତ, ଭୁବନେଶ୍ୱର

ପ୍ରାପ୍ତେଷୁ
ନାମ:-ଶ୍ରୀ ସରୋଜ ବେହେରା, ସିପାହୀ/୫୦୪
ପିତା:-ଶ୍ରୀ ରତ୍ନାକର ବେହେରା,
ଗ୍ରାମ:- ଗିରିବନ୍ଧ
ପୋଷ୍ଟ/ଥାନା:-ଆଳି,
ଜିଲ୍ଲା:-କେନ୍ଦ୍ରାପଡା, ପିନ-୭୫୪୨୧୯

No.D-35:ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣଙ୍କର ବିଶୃଙ୍ଖଳିତ ଆଚରଣ, କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ ତଥା ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବମାନନା କରିଥିବା ଅଭିଯୋଗରେ ଆପଣଙ୍କ ବିରୁଦ୍ଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂଖ୍ୟା ୨/୨୦୨୫ ଚାଲୁ କରାଯାଇଅଛି । ଉକ୍ତ କାର୍ଯ୍ୟାନୁଷ୍ଠାନର ତଦନ୍ତ ସମୟରେ ଯୋଗଦାନ କରିବା ପାଇଁ ତଦନ୍ତକାରୀ ଅଧିକାରୀ ଆପଣଙ୍କୁ ବାରମ୍ବାର ସମନ ଜାରି କରାଯିବା ସହ ସ୍ୱତନ୍ତ୍ର ଡାକବାହକ ତଥା ଆଳି ଥାନା ଅଧିକାରୀଙ୍କ ଦ୍ୱାରା ଅବଗତ କରିଥିଲେ । ସ୍ୱତନ୍ତ୍ର ଡାକବାହକ ଦ୍ୱାରା ଦିଆଯାଇଥିବା ପତ୍ରକୁ ଆପଣ ପ୍ରାପ୍ତସ୍ୱୀକାର କରିଥିବା ସତ୍ତ୍ୱେ ଆପଣ ତଦନ୍ତ ସମୟରେ ଉପସ୍ଥିତ ହେଲେ ନାହିଁ । ଯେଉଁଥିପାଇଁ ଏକତରଫା ଭାବେ ତଦନ୍ତ ସମାପ୍ତ କରିବା ପାଇଁ ସ୍ଥିରୀକୃତ କରାଯାଇଅଛି ।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ ତା୨୩.୦୫.୨୦୨୫ ରିଖ ଦିନ ଉପ-ଆରକ୍ଷୀ ଆୟୋଗୀ (ନିରାପତ୍ତା) ସ୍ୱତନ୍ତ୍ର ନିରାପତ୍ତା ବାହିନୀ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଉକ୍ତ କାର୍ଯ୍ୟାନୁଷ୍ଠାନର ତଦନ୍ତରେ ସହଯୋଗ କରିବା ହେବେ । ନଚେତ ଭବିଷ୍ୟତରେ କୌଣସି ସୁଯୋଗ ଦିଆନଯାଇ ନିୟମ ଅନୁଯାୟୀ ଏକତରଫା ଭାବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./-ଉପ-ଆରକ୍ଷୀ ଆୟୋଗୀ (ନିରାପତ୍ତା)
ସ୍ୱତନ୍ତ୍ର ନିରାପତ୍ତା ବାହିନୀ
OIPR-12034/11/0009/2526 ଆରକ୍ଷୀ ଆୟୁକ୍ତ, ଭୁବନେଶ୍ୱର

### OFFICE OF THE REGULATED MARKET COMMITTEE, JUNAGARH
At-Junagarh, PO-Junagarh, Dist:Kalahandi(Odisha)
Tender Call Notice No.689/RMC,Dated 25.04.2025
Bid Identification No.01/RMC, Junagarh/2025-26
e-Procurement notice IFB (Invitation for bids)
No.H-04:

| Sr. No. | Item | Details |
|---|---|---|
| 1 | The Sub Collector, Dharmagarh-Cum-Chairman RMC Junagarh invites percentage rate bids in Double /Single Cover System in ONLINE MODE only for work as detailed below: | |
| 2 | Nature of the Work | Construction of infrastructure and developmental work at different Market Yard of Junagarh, Golamunda & Dharmagarh |
| 3 | No. of Work | 4 Nos. |
| 4 | Bid Cost | Rs.10000.00 online transfer |
| 5 | Value of Tender | Rs.58.68 lakhs to Rs.618.54 lakhs |
| 6 | Class of Contractor | B, A & Special Class |
| 7 | Availability of BID Documents in the website | Dt.29.04.2025 to 14.05.2025 |
| 8 | Last date/time of Receipt of bids in the portal | Dt.15.05.2025 upto 5.00 P.M. |
| 9 | Date of Opening of Bid | Dt.16.05.2025 at 08.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in. | |

Sd./- Sub-Collector,
Dharmagarh-cum-Chairman,
OIPR-01538/11/0010/2526 RMC, Junagarh

### OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
INVITATIONS FOR BIDS (IFB)
File No. B-IV-(F/D)-01/2016 Lr. No. 16185/Bhubaneswar Dt. 21st April, 2025
No. B-46 INVITATION FOR BIDS
Bid Identification No. C.E. (B) - 04/2025-26

| | | | |
|---|---|---|---|
| 1. | The Chief Engineer (Buildings-II), Odisha on behalf of Governor of Odisha invites bids from reputed Indian Firms registered with the State Government and bidders of equivalent Grade Class registered with Central Government/MES/Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of Work | : | Construction of New Banijyakar Bhawan at Chandrasekharpur, Bhubaneswar on Turnkey Basis in the State of Odisha |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From Dt.08.05.2025 to 05.30 P.M. of Dt.29.05.2025 |
| 7. | Pre-bid meeting | : | Dt.19.05.2025 at 11.30 A.M. |
| 8. | Last date of online submission of bid | : | Dt.29.05.2025 upto 5.30 P.M. |
| 9. | Last Dt. of submission of hardcopy (Cover-III). | : | Dt.05.06.2025 upto 5.30 P.M. |
| 10. | Date of Opening of Bid | : | Dt.06.06.2025 at 11.30 A.M. |
| 11. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website only. | | |

Sd./- Chief Engineer (Buildings-II),
OIPR-34117/11/0086/2526 Odisha, Bhubaneswar

### OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR
E-Mail: eebbsrrwss@gmail.com
QUOTATION CALL NOTICE NO.02 of 2025-26

No.O-99:Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer/ Distributor/ Supplier under following terms and conditions.

| | | |
|---|---|---|
| 1 | Nature of Work: | Supplying & Placing of different sizes & models of tables and Chairs to Ground Floor/ First Floor/ Third Floor in the Office of Engineer-in-Chief, RWS&S Jal 'O' Parimal Bhawan, Bhubaneswar |
| 2 | No. of Item: | 05 (Five) |
| 3 | Time for Completion | 15 (Fifteen) Days |
| 4 | Cost of Bidding document: | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.28.04.2025 (10.00 AM) to 05.05.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.05.05.2025 upto 4.00 P.M. |
| 7 | Date & Time of opening of Quotation | Dt.06.05.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.
Sd./- Executive Engineer,
OIPR-25011/11/0012/2526 RWS&S Division, Bhubaneswar

### GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No.2153/Date 28.04.2025
No.O-94 "e" Procurement Notice for Road Work

| | | | |
|---|---|---|---|
| 1. | Name of the Work | : | Road Work under Deposit Scheme |
| 2. | Total No. of Works | : | 01 No. of Road Work for the year 2024-25 |
| 3. | Estimated Cost of the Work | : | Rs.143.00 Lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 01.05.2025 at 11.00 A.M. | 08.05.2025 upto 5.00 P.M. | 09.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer,
OIPR-25194/11/0038/2526 Central Rural Works Circle, Bhubaneswar

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୫୫ **ବିଜ୍ଞାପନ** ତା.୦୭.୦୪.୨୫

No.CAD-238:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ. ଏଚ୍.ଆଇ.ଜି.-ବି-୨୩୪, (HIG-B-234)କୁ ଶ୍ରୀ ଆଶିଷ କୁମାର ଘୋଷ, ପି-୍ ଶମ୍ଭୁନାଥ ଘୋଷ, ଗ୍ରା/ପୋ-ବୋଣ୍ଡମୁଣ୍ଡା, ଥା-ବୋଣ୍ଡମୁଣ୍ଡା, ଜି-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଆଶିଷ କୁମାର ଘୋଷ ଉକ୍ତ ଗୃହଟିରେ ତାଙ୍କର ସ୍ତ୍ରୀ ଶ୍ରୀମତୀ ଶ୍ୟାମଳୀ ଘୋଷ, ସ୍ୱା-ଶ୍ରୀ ଆଶିଷ କୁମାର ଘୋଷ, ଗ୍ରା/ପୋ-ବୋଣ୍ଡମୁଣ୍ଡା, ଥା-ବୋଣ୍ଡମୁଣ୍ଡା, ଜି-ସୁନ୍ଦରଗଡଙ୍କୁ ଯୁଗ୍ମ ଆବଣ୍ଟନ ଗ୍ରହୀତା ଭାବରେ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ଯୁଗ୍ମ ଆବଣ୍ଟନଗ୍ରହୀତା ଦରଜ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିରେ ମାଲିକାନା ଯୁଗ୍ମଆବଣ୍ଟନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0582/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

### obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
No.CAD-245
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No. 4202
File: SMT-1738 (Vol-II) NOTICE INVITING TENDER Date:24.04.2025

| Sl. No. | Name of Work | Bid Identification No. | Date of availability of bid document in e-Procurement portal | Last date and time of receipt of online bid | Bid Processing Fee (Online Mode) | Period of Completion | Class of Contractor |
|---|---|---|---|---|---|---|---|
| 1 | "Additional works on Development/ Upgradation of Existing Fishing Harbour at Dhamara in Bhadrak District. | 08/Tender/ OBCC/ 2025-26 | From 25.04.2025 | On or before 5.00 PM of 09.05.2025 | Rs.22,000/- (including GST) | 12 (Twelve) Calendar Months | 'Special' Class or 'Super' Class |

5.Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in. 6. OBCC has the right to accept or reject the Notice/ RFP without assigning any reasons thereof.
OIPR-34161/11/0020/2526 Sd./- EIC-cum-Managing Director

### OFFICE OF THE MUNICIPAL COUNCIL, DEOGARH
Email: deogarhmunicipality@gmail.com,
Website: deogarhmncp.gov.com
No. C-183 Office No. 06641-226231
Letter No. 1038/DM, Dated: 23.04.2025
QUOTATION CALL NOTICE

| | |
|---|---|
| Name of the Work:- | Hiring of 4 (Four) Nos. Hydraulic Tractor & Trolley for Transportation & Management of Waste in Deogarh Municipality |
| Tender/Quotation Paper Cost:- | Rs.6000.00 |
| EMD:- | Rs.6000.00 |
| Last date of sale of tender paper:- | Dt.03.05.2025 up to 12.00 PM |
| Last date of receipt of tender paper:- | Dt.03.05.2025 up to 1.00 PM |
| Date of opening of sealed tender:- | Dt.05.05.2025 1.00 PM |

Details can be seen / downloading from the officials website Deogarh Municipality webstie: eo-deogarhmncp.com from 12.00 P.M. on Dtd. 24.04.2025 to 03.05.2025 up to 12 P.M.
Sd./- Executive Officer
OIPR-13088/11/0023/2526 Deogarh Municipality

### DEPUTY DIRECTOR, NANDANKANAN ZOOLOGICAL PARK
P.O.- BARANG, DIST.- KHURDA, PIN-754005
PHONE- (M) 9437022023
Email: deputydirector.kanan@gmail.com
NANDANKANAN Web: www.nandankanan.org
No.MM-16 e-PROCUREMENT NOTICE
Tender No. DD-NKN-_06_/PMU/NKZP-2025-26 Dt. 25.04.2025

| | | | |
|---|---|---|---|
| 1 | Name of the work | : | Tender for supply and installation of MS Frame with chain link mesh and front glass for display area of Small Indian Civet enclosure inside Nandankanan Zoological Park for the year 2025-2026. |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 26.04.2025 |
| 4 | Last date for receipt of bids in the portal | : | 06.05.2025 up to 5.00 P.M. |
| 5 | Date of pre-Bid meeting | : | 2.05.2025 at 11.00 A.M. |
| 6 | Date of opening of Technical Bid (Cover-I) | : | 07.05.2025 at 11.00 A.M. |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khorda, Pin-754005. |

Further details can be seen from the e-procurement portal https// tendersodisha.gov.in
Sd./- Deputy Director
OIPR-08070/11/0074/2526 Nandankanan Zoological Park

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା
ସାମାଜିକ ସମୀକ୍ଷା
ବିଜ୍ଞପ୍ତି ସଂଖ୍ୟା ୧୭୭୪ ତାରିଖ ୨୪.୦୪.୨୦୨୫

No.i: ଏତଦ୍ୱାରା କୋରୁକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୨ ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ADEO, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର. ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Kamweda | 01.05.2025 | 16.05.2025 | 16.05.2025 | 05.08.2025 | WEO |
| 2 | Old Chimtaplay | 01.05.2025 | 16.05.2025 | 16.05.2025 | | GPDO |
| 3 | Nilakameru | 01.05.2025 | 16.05.2025 | 16.05.2025 | | MI |
| 4 | Chitapari-3 | 17.05.2025 | 02.06.2025 | 02.06.2025 | | WEO |
| 5 | Korukonda | 17.05.2025 | 02.06.2025 | 02.06.2025 | | APOI/C |
| 6 | Tumsapali | 17.05.2025 | 02.06.2025 | 02.06.2025 | | GPDO |
| 7 | Dudameta | 03.06.2025 | 18.06.2025 | 18.06.2025 | | WEO |
| 8 | Somanathpur | 03.06.2025 | 18.06.2025 | 18.06.2025 | | GPDO |
| 9 | Potrel | 03.06.2025 | 18.06.2025 | 18.06.2025 | | MI |
| 10 | Tarlakota | 19.06.2025 | 04.07.2025 | 04.07.2025 | | APOI/C |
| 11 | Mariweda | 19.06.2025 | 04.07.2025 | 04.07.2025 | | WEO |
| 12 | Nakamamudi | 19.06.2025 | 04.07.2025 | 04.07.2025 | | GPDO |

ଯାଞ୍ଚ ହେବାକୁ ଥିବା :
(୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ?
(୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ?
(୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ?
(୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ?
(୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ?
(୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

OIPR-19021/11/0006/2526 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ

No. PP-02
### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ **ତା.୩୧.୦୫.୨୦୨୫ରିଖ** ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର. ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | **ସାମର୍ଥ୍ୟ ବୃଦ୍ଧି (Capacity Building)** | |
| | **(କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training)** | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ / ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାରପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ। ଆବେଦନକାରୀଙ୍କ ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/- (ଜାତୀୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ) ଓ ଟ.୨୫,୦୦୦/- (ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫,୦୦୦/-। ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୪ ମାସ। |
| | **(ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training)** | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ। ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ। ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ। |
| | **(ଗ) ଶିଳ୍ପୀଗ୍ରାମ ଯୋଜନା (CVP Training)** | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ୍ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ଗୋଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ - ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ । |
| ୨. | **ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handicraft Artisans)** | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ। ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ/ କାରିଗରଙ୍କ ପରିବାରର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରି କରିନଥିବେ / କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇନଥିବ / କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩. | **ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana)** | ୧୮ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ / ତାଲିମପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଟଙ୍କାର ଋଣ ପ୍ରଦାନ। କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ। ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା। ଆବେଦନକାରୀଙ୍କ ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । |

ବି.ଦ୍ର: ଗ୍ରୁପ୍ A ହସ୍ତଶିଳ୍ପ- ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତ୍ତଳ କାମ ଏବଂ ଢୋକ୍ରା କାମ ।
ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୪୮ ଗୋଟି ହସ୍ତଶିଳ୍ପ ।

ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାଗୁଡ଼ିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ୱେବସାଇଟ୍ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଏହି ୱେବସାଇଟ୍ **ତା.୨୮.୦୪.୨୦୨୫ରିଖରୁ ତା.୩୧.୫.୨୦୨୫ରିଖ** ପର୍ଯ୍ୟନ୍ତ ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ। ଏଥି ସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ) ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ୍ ସେବା- **୧୮୦୦ ୩୪୫ ୭୮୫୦**ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

OIPR-31042/11/0031/2526 ସ୍ୱା./- ନିର୍ଦ୍ଦେଶିକା, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

# ଗୋହିରାଟିକିରି ପୀଠ ପରିଦର୍ଶନ କଲେ ମନ୍ତ୍ରୀ

ଧାମନଗର,୩୦।୪(ସନ୍ତୋଷ କୁମାର ମହାପାତ୍ର)

ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଥିବା ଧାମନଗର ବ୍ଲକର ଐତିହାସିକ ଗୋହିରାଟିକିରି ପୀଠକୁ ବୁଧବାର ମଧ୍ୟାହ୍ନରେ ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପରିଦର୍ଶନ କରିଛନ୍ତି। ମଠର ମହନ୍ତଙ୍କ ସହ ପୀଠର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୧୬ରେ ଗୋହିରାଟିକିରି ମଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିଲେ ବି କୌଣସି ଉନ୍ନତିକରଣ ହୋଇ ନ ଥିଲା। ସରକାର ପରିବର୍ତ୍ତନ ପରେ ଏହି ଐତିହାସିକ ପୀଠର ବିକାଶ ପାଇଁ ମନ୍ତ୍ରୀଙ୍କ ସହଯୋଗରେ ୧୦ କୋଟି ଆର୍ଥିକ ଅନୁଦାନ ମିଳିଥିଲା। ସୂଚନା ମୁତାବକ, ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ସମାଧି ପୀଠ ଗୋହିରାଟିକିରିଠାରେ ଅଛି। ଏଥିସହ ଜଗନ୍ନାଥଙ୍କ ମନ୍ଦିର ମଧ୍ୟ ଅଛି। ଏହି ମଠରେ ବିବାହ ହେଲେ ବିବାହ, ବ୍ରତ ଭଳି ଶୁଭ କାର୍ଯ୍ୟ ସହ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ହୋଇପାରିବ।

# ଜିଲାସ୍ତରୀୟ କୃଷକ ଦିବସ

ଭଦ୍ରକ,୩୦।୪
(ସନାତନ ରାଉତ / ରବିନାରାୟଣ ଖୁଲାର)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭଦ୍ରକ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ରାଣିତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ବୁଧବାର ପୂର୍ବାହ୍ନ ୮ଟାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ହଳ କରିବା ସହ ଅଖିମୁଠି ଅନୁକୂଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲାପାଳ ଦିଲୀପ ରାଉତରାୟ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦଣ୍ଡ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲା ମୁଖ୍ୟ କୃଷି ଅଧିକାରୀ ଦିବାକର ସେଠୀ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସଞ୍ଜୟ ମହାନ୍ତି, କୃଷି ବୈଜ୍ଞାନିକ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କୃଷକଙ୍କ ଆୟ ବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଥିବା ବେଳେ ସେମାନଙ୍କର ଆୟ ୨ ଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକାଶ କରିଥିଲେ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଲରେ ହଳ କରୁଛନ୍ତି।

# ଅବିନାଶ ଯୁକ୍ତ୩ରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଟପ୍ପର

ତିହିଡ଼ି,୩୦।୪(ସଞ୍ଜିତ ବଳ)

ଫକୀରମୋହନ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଯୁକ୍ତ୩ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ତିହିଡ଼ି ଡିଗ୍ରୀ କଲେଜର ଛାତ୍ର ଅବିନାଶ ଦାସ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମୋଟ ୧୮ଶହରୁ ୧୭୨୨ ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ଅବିନାଶ ତିହିଡ଼ି ବ୍ଲକ ସିଦେଇ ପଞ୍ଚାୟତ ଅଧୀନ ଇନ୍ଦିରା ଗ୍ରାମର କୁଞ୍ଜବିହାରୀ ଦାସ ଓ ଶକୁନ୍ତଳାଙ୍କ ପୁଅ। ଏହି ସଫଳତା ପାଇଁ କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲ, ଶିକ୍ଷା ବିଭାଗ ମୁଖ୍ୟ ବଂଶୀଧର ବେହେରା, ଅଧ୍ୟାପିକା ସୁପ୍ରଭାରାଣୀ ମହାପାତ୍ର, ସୁଜିତା ପ୍ରିୟଦର୍ଶିନୀ ତ୍ରିପାଠୀ, ଅଧ୍ୟାପକ ଜୀବନାନନ୍ଦ ପାଣିଗ୍ରାହୀ, ରମେଶ ଚନ୍ଦ୍ର ପ୍ରତାପ, ଦେବେନ୍ଦ୍ର ଉଦ୍‌ଗାତା, ନାରାୟଣ ପୃଷ୍ଟିଙ୍କ ସମେତ କଲେଜର କର୍ମଚାରୀ ଓ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଅବିନାଶକୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉନ୍ନତି କାମନା କରିଛନ୍ତି। କଠୋର ପରିଶ୍ରମ ଏବଂ ମା'-ବାପା ଛାତ୍ର ଅବିନାଶ ଦାସ ଓ କଲେଜ ଅଧ୍ୟାପିକା, ଅଧ୍ୟାପକଙ୍କ ଆଶୀର୍ବାଦ ପାଇଁ ତାଙ୍କୁ ଏହି ସଫଳତା ମିଳିଥିବା ଅବିନାଶ କହିବା ସହ ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।



# ଖଡ଼ିସିଙ୍ଗା ବିଦ୍ୟାଳୟର ପ୍ରାକ୍ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଭଣ୍ଡାରିପୋଖରୀ,୩୦।୪(ରାଜେନ୍ଦ୍ର ଶତପଥୀ)

ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ରୂପାୟନ ପାଇଁ ବିଦ୍ୟାଳୟ ଗୁଡ଼ିକର ପ୍ରମୁଖ ଭୂମିକା ରହିଛି ବୋଲି ଭଣ୍ଡାରିପୋଖରୀ ବ୍ଲକ ଖଡ଼ିସିଙ୍ଗା ବିଦ୍ୟାଳୟର ପ୍ରାକ୍ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଶିକ୍ଷା ଜୀବନକୁ ଆଲୋକିତ କରୁଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକର ଅଧିକ ଉନ୍ନତି ପାଇଁ ଧ୍ୟାନ ଦେବାର ଆବଶ୍ୟକତା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ସଦସ୍ୟ ତଥା ଏହି ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସୁଧାକର ନନ୍ଦ, ବଦ୍ରିନାରାୟଣ ଧଳ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ, ବ୍ଲକ ଅଧ୍ୟକ୍ଷ ସ୍ମୃତି ସେଠୀ, ବ୍ଲକ ଶିକ୍ଷାଧିକାରୀ ଅଧିର ଓଡ଼େଇ, ମଦନ ରାଉତ, ପ୍ରଧାନଶିକ୍ଷକ ନରେନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ମଲ୍ଲିକ, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଜୟସିଂ ସର୍ଦ୍ଦାର ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଶ୍ରୀଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଜଳଛତ୍ର ଉଦ୍‌ଘାଟିତ

ଆଗରପଡ଼ା,୩୦।୪(ସୁଶାନ୍ତ ଦାଶ)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସାମାଜିକକର୍ମୀ ଅକ୍ଷୟ କୁମାର ସିଂହଙ୍କର ୭୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଅକ୍ଷୟ ସ୍ମୃତି ପରିଷଦ, ଆଗରପଡ଼ା, ଯୁବ ମହୋତ୍ସବ ଏବଂ ରୟାଲ ଇଗଲ କ୍ଲବ ମିଳିତ ଆନୁକୂଲ୍ୟରେ ଏକ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ଲକ୍ଷ୍ମୀକାନ୍ତ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କର ସମସ୍ତଙ୍କୁ ଦହି ସରବତ ପ୍ରଦାନ କରିଥିଲେ। ସ୍ୱର୍ଗତ ସିଂହ ଆଗରପଡ଼ାର ଉନ୍ନତି ଦିଗରେ ନିଜକୁ ନିୟୋଜିତ କରିଥିଲେ। ଆଗରପଡ଼ାରେ ସେ ବିଜୁଳି ମ୍ୟାନ ରୂପରେ ଘରେ ଘରେ ପରିଚିତ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଚିନ୍ମୟ କୁମାର ସିଂହ, ଚିତ୍ତରଞ୍ଜନ ସାମନ୍ତରାୟ, ଜଇନୁଲ ଆବେଦିନ, ରବିନାରାୟଣ ମହାନ୍ତି, ଜୟ ଶୁଭଙ୍କର ଦାସ, ତପନ କୁମାର ସିଂହ, ଅମିୟ ରଞ୍ଜନ ରାମ, ନିରଞ୍ଜନ ପୁହାଣ, ରାଜେନ୍ଦ୍ର କୁମାର ବେହେରା, ନିରୋଜ ଆଇଚ, ପ୍ରଦ୍ୟୁମ୍ନ ପୁହାଣ, ନୃସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଷୟ ତୃତୀୟାରେ ୫୦ ଚାଷୀଙ୍କୁ ସମ୍ବର୍ଦ୍ଧନା



ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

## ଚାଷୀଙ୍କ ସହ ଅଖିମୁଠି ବୁଣିଲେ ଭାଜପା ରାଜ୍ୟ ସଭାପତି

ଚାନ୍ଦବାଲି,୩୦।୪ (କିଷାନ ପାତ୍ର)

ଅକ୍ଷୟ ତୃତୀୟା ଅବସରରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓରାଆଳି ରେଡ଼କ୍ରସ ପଡ଼ିଆଠାରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ଅଖିମୁଠି ଅନୁକୂଳ ଓ କୃଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳଙ୍କ ସଂଯୋଜନାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ପ୍ରଥମେ ମା' ଡାକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଚାଷୀଙ୍କ ପାଇଁ ପ୍ରାର୍ଥନା କରିଥିଲେ। ରେଡ଼କ୍ରସ ପାଖରେ ଥିବା ଜମିରେ ଚାଷୀମାନଙ୍କ ସାଙ୍ଗରେ ହଳ ଲଙ୍ଗଳ ଧରି ଅଖିମୁଠି ବୁଣିଥିଲେ। ସରକାର ଏଥର ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ୧୦୦ ପ୍ରତିଶତ ଜମିରେ ଜଳସେଚନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କୁ ଆଉ ଆକାଶକୁ ଅନାଇ ବର୍ଷାକୁ ଅପେକ୍ଷା କରି ଚାଷ ଉପରେ ନିର୍ଭର କରିବାକୁ ପଡ଼ିବନି ବୋଲି କହିଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳଙ୍କ ସଭାପତିତ୍ୱରେ ଅଞ୍ଚଳର ୫୦ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବନେତା ଦିଲ୍ଲୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସ୍ୱାଇଁ, ଜିତେନ୍ଦ୍ର ବିଶ୍ୱାଳ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ସୁଶାନ୍ତ ପୁହାଣ, ସରପଞ୍ଚ ଭାରତୀ ବିଶ୍ୱାଳ, କାହ୍ନୁଚରଣ ବେହେରା, କିଶୋର ନାୟକ, କଳାକାନ୍ତ ପରିଡ଼ା, ସୁବାସ ସାମଲ, ଗୌରହରି ବିଶ୍ୱାଳ, ଚନ୍ଦନ ବଳ, ଲକ୍ଷ୍ମୀଧର ସେନାପତି, ବିଜୟ କୁମାର ବେହେରା, ଶଶିକାନ୍ତ ଦାସ, ଦେବାଶିଷ ନାୟକ, ଜଗନ୍ନାଥ ରାଉତ, ଚନ୍ଦନ ରାଉତ, ଜିତେନ୍ଦ୍ର ସାମଲ, ମନୋଜ ଭଞ୍ଜ, ପ୍ରମୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋକୁ ଧକ୍କା ଦେଲା କାର୍, ୧୧ ଆହତ

ତିହିଡ଼ି,୩୦।୪(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାସ୍ତାର କନାଗିଆ ପଣ୍ଡାପୋଖରୀ ଛକରେ ବୁଧବାର ଅପରାହ୍ନ ୨ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଅଟୋକୁ କାର୍ ଧକ୍କା ଦେବା ଫଳରେ ୧୧ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଇଣ୍ଡିଗୋ କାର୍(ନଂ ଓଡି୦୨ ସିକ୍ୟୁ ୮୦୮୧) ବିପରୀତ ଦିଗରୁ ଆସୁଥିବା ଅଟୋ(ନଂ ଓଡି ୨୨ ଜି ୮୯୨୩)କୁ ଧକ୍କା ଦେଇଥିଲା। ଅଟୋରେ ଥିବା ଚାନ୍ଦବାଲି ଥାନା ଅଧୀନ ହେଙ୍ଗୁପାତି ମହାନ୍ତିସାହି ଗ୍ରାମର ପାର୍ବତୀ ଦାସ(୩୫), ପିରହାଟ ଥାନା ଅଧୀନ ନୁଆସାହି ଗ୍ରାମର ଜୟରାମ ମଲ୍ଲିକ (୩୬), ଉମାକାନ୍ତ ଦାସ (୨୬), ସବିତା ମଲ୍ଲିକ, ଜ୍ୟୋତ୍ସ୍ନା ମଲ୍ଲିକ (୧୨), ସୂର୍ଯ୍ୟ ମଲ୍ଲିକ (୪), ଗୋପବନ୍ଧୁ ଦାସ (୫୭), ଝରଣା ମଲ୍ଲିକ (୪୫), କଣ୍ଡରଗ ଗ୍ରାମର ଅହଲ୍ୟା ମଲ୍ଲିକ (୩୨), ବାଂଶଡ଼ା ଥାନା ଅଧୀନ ନଦିଆଡ଼ିହ ଶିବୁ ପରମାଣିକ(୪୦), ଭଣ୍ଡାରିପୋଖରୀ ଥାନା ଅଧୀନ ବରିକପୁର ନନ୍ଦୁଆ ଡଗରପଡ଼ା ଗ୍ରାମର ସ୍ୱାତୀ ଶୁଭରେଖା ମହାନ୍ତି (୩୩) ଆହତ ହୋଇଥିଲେ। ଆହତଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜୟରାମ ଓ ପାର୍ବତୀଙ୍କ ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସିଦେଇ ପଞ୍ଚାୟତ ସରପଞ୍ଚ ସୁପ୍ରଭା ପାଣି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଡାକ୍ତରଖାନାକୁ ପଠାଇଥିଲେ। ପିରହାଟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ କାର ଚାଳକଙ୍କୁ ଗିରଫ କରିଛି।

# ଅଖିମୁଠି ବୁଣିଲେ ବିଧାୟକ

ବାସୁଦେବପୁର,୩୦।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକାରୁ ନିଉଇଣ୍ଡିଆ ସାହି ସଂଲଗ୍ନ ପାଟ ବିଲରେ ବୁଧବାର ପୂର୍ବାହ୍ନରେ ଅକ୍ଷୟ ତୃତୀୟା ଅବସରରେ ବିଧାୟକ ଅଶୋକ କୁମାର ଦାସ ଅଖିମୁଠି ଅନୁକୂଳ କରିଛନ୍ତି। ବିଧାୟକ ଚାଷୀ ବେଶରେ କାନ୍ଧରେ ହଳ ଲଙ୍ଗଳ ଧରି ନିଜସ୍ୱ ଏକ ଜମିରେ ହଳ ବୁଲାଇ କ୍ଷେତରେ ବିହନ ବୁଣି ପୂଜାର୍ଚ୍ଚନା କରିବା ସହ କୃଷି ଓ କୃଷକଙ୍କର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଭାସ ଚନ୍ଦ୍ର ସବିହିଗ୍ରହ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ମାଝୀ, କଂଗ୍ରେସ ନଗର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ମନୋଜ ପାଢ଼ୀ, ପୂର୍ବତନ କାଉନସିଲର ମହମ୍ମଦ ତୌହିଦ ଖାଁ, କଂଗ୍ରେସ ନେତା ଅଚ୍ୟୁତାନନ୍ଦ ପାଢ଼ୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# 'ଦକ୍ଷ ଶ୍ରମିକ ନେତା ଥିଲେ ଦିବାକର'



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୩୦।୪ (ସନାତନ ରାଉତ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ, ପୂର୍ବତନ ରାଜ୍ୟ ସମ୍ପାଦକ, ସାପ୍ତାହିକ ଖବରକାଗଜର ପୂର୍ବତନ ସମ୍ପାଦକ, ବିଶିଷ୍ଟ ପ୍ରାବନ୍ଧିକ, ନାଟ୍ୟକାର, ମାର୍କ୍ସବାଦୀ ଦର୍ଶନର ଲେଖକ କମ୍ରେଡ଼ ଦିବାକର ନାୟକ ଏକାଧାରରେ ସୁଲେଖକ, ସୁବକ୍ତା ଓ ଦକ୍ଷ ଶ୍ରମିକ ନେତା ଥିଲେ ବୋଲି ତାଙ୍କ ଏକାଦଶାହ ଅବସରରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ସଂସ୍କୃତି ଭବନରେ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଭଦ୍ରକ ଜିଲାସ୍ତରୀୟ ସ୍ମୃତିସଭାରେ ସିପିଆଇ ରାଜ୍ୟ ସମ୍ପାଦକ କମ୍ରେଡ଼ ଆଶିଷ କାନୁନଗୋ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସରଳ ତ୍ୟାଗପୂତ ଜୀବନଚର୍ଯ୍ୟା, ନିଷ୍ଠା ଓ ମାକ୍ସବାଦୀ ଆଦର୍ଶଗତ ଦୃଢ଼ତା ପାଇଁ ଆଗାମୀ ପିଢ଼ି ତାଙ୍କୁ ମନେ ରଖିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଏମ ଜିଲା ସମ୍ପାଦକ ବିଦ୍ୟାସିଂହ ନାୟକ, ସିପିଆଇ(ଏମ୍‌ଏଲ୍) ଲିବରେସନର ଜିଲା ସମ୍ପାଦକ ସମର ଦାସ, ଏସ୍‌ୟୁସିଆଇର ରମେଶ ନାୟକ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କ୍ଷୀରୋଦ ସିଂଦେଓ, ଡ଼ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଚିନ୍ମୟୀ ସାହାଣୀ, ଗଣତାନ୍ତ୍ରିକ ମହିଳା ସମିତିର ସୁରଜିତା ନାୟକ, ଏଆଇଏସ୍‌ଏଫ୍‌ର ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା, ଜିଲା ସହ ସମ୍ପାଦକ ବିଧାଧର ବାରିକ, ବନ୍ତ ଜୋନ୍ ସମ୍ପାଦକ ରମେଶ ଜେନା, ତିହିଡ଼ି ଜୋନ୍ ସମ୍ପାଦକ ସନ୍ତୋଷ ଚରଣ ବିଶ୍ୱାଳ, ବାସୁଦେବପୁର ଜୋନ ସମ୍ପାଦକ ହରିହର ବେହେରା, ଚନ୍ଦ୍ରଶେଖର ନାୟକ, ବାବାଜୀ ଜେନା, ବିକାଶ ନାଥ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ସ୍ୱର୍ଗତ ନାୟକ ଶ୍ରମିକ ନେତା ଭାବରେ ଜନଗଣଙ୍କ ଲଢ଼େଇରେ ନେତୃତ୍ୱ ନେଇ ସଫଳ ହୋଇଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ସେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ବେଳେ ଭଦ୍ରକ କଲେଜରେ ଦୁଇ ଦୁଇ ଥର ଛାତ୍ର ସଂସଦର ସାଧାରଣ ସମ୍ପାଦକ ରହିଥିଲେ। ଗତ୧୯ତାରିଖରେ ତାଙ୍କ ବିୟୋଗ ଘଟିଥିଲା।

# ନିଶା ନିବାରଣ ସଚେତନତା

ଧୁଷୁରୀ,୩୦।୪(ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲାର ଶୈବପୀଠ ଆରଡ଼ିରେ ଥିବା ଆଖଣ୍ଡଳମଣି ମନ୍ଦିର କାର୍ଯ୍ୟାଳୟ ପରିସରରେ ବୁଧବାର ମଧ୍ୟାହ୍ନ ୧୨ଟାରେ ନିଶା ନିବାରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିଶା ନିବାରଣ ସଂଗଠନ ସମ୍ପାଦକ ସନ୍ତୋଷ ଦାସ, ସଙ୍ଗଠନର ଜିଲା ସଭାପତି, ସମ୍ପାଦକ ରତିକାନ୍ତ ନାୟକ, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ପଣ୍ଡା, ଚାନ୍ଦବାଲି ବ୍ଲକ ସଭାପତି ଦୀପକ ରଞ୍ଜନ ବିଶ୍ୱାଳ, ପୀଠର ସେବାୟତ ଶିବାଜୀ ପାଢ଼ୀ ପ୍ରମୁଖ ଯୋଗଦେଇ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ଆରଡ଼ି ଓ ଏହାର ଆଖପାଖ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ବ୍ୟାପକ ଭାବରେ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଚଳିତ ବର୍ଷ ଶିବ ବିବାହ ପୂର୍ବରୁ ଯଦି ଏସବୁ ଅଞ୍ଚଳରେ ଚୋରା ନିଶାଦ୍ରବ୍ୟ କାରବାର ବନ୍ଦ ନ କରାଯାଏ ଜନ ଆନ୍ଦୋଳନ ସହିତ ପୀଠରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ସଭାରେ ସ୍ଥିର ହୋଇଥିଲା।

# ଶାରଦା ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ଅତିଥିମାନେ ମୁଖପତ୍ର ଶାରଦା ଉନ୍ମୋଚନ କରୁଛନ୍ତି।

ଭଣ୍ଡାରିପୋଖରୀ,୩୦।୪
(ରାଜେନ୍ଦ୍ର ଶତପଥୀ)

ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ବରଂ ସାମାଜିକ, ସାଂସ୍କୃତିକ ପ୍ରାଣକେନ୍ଦ୍ର ବୋଲି ଭଣ୍ଡାରିପୋଖରୀ ବ୍ଲକ ଶାରଦା ବିଦ୍ୟା ମନ୍ଦିରର ତ୍ରୟୋବିଂଶତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଓଡ଼ିଆ ଭାଷା, ସଂସ୍କୃତି ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମତ ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନ୍ୟତମ ଅତିଥି ଭାବେ ବଦ୍ରିନାରାୟଣ ଧଳ, ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରାକାନ୍ତ ରାଉତ, ନିର୍ମଳ ସେନାପତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରର ମୁଖପତ୍ର 'ଶାରଦା' ଉନ୍ମୋଚିତ ହୋଇଥିଲା। କୃତି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପବନ କୁମାର ନାୟକ ଅତିଥି ପରିଚୟ, ସୁଶାନ୍ତ ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ନାୟକ, ସଙ୍ଗିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# 'ମହୋତ୍ସବ ସମତା ଡୋରିରେ ବାନ୍ଧିରଖେ'

ବାସୁଦେବପୁର,୩୦।୪
(ନାରାୟଣ ପ୍ରସାଦ ବାରିକ୍)

## ସୌରଭ ସମ୍ମାନ ମହୋତ୍ସବର ୫ମ ସନ୍ଧ୍ୟା

ଭଦ୍ରକ ଜିଲା ବାସୁଦେବପୁର ଯାଦବ ପଡ଼ିଆରେ ନବନିର୍ମାଣ ସେନା ପକ୍ଷରୁ ଚାଲିଥିବା ୭ମ ବାର୍ଷିକ ସୌରଭ ସମ୍ମାନ ମହୋତ୍ସବର ମଙ୍ଗଳବାର ଥିଲା ୫ମ ସନ୍ଧ୍ୟା। ମୁଖ୍ୟ ଅତିଥିଭାବେ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ସମତା ଡୋରିରେ ବାନ୍ଧି ରଖେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଯୁବନେତା ମାନସ ରଞ୍ଜନ ସାହୁ ଯୋଗ ଦେଇଥିବା ବେଳେ ଆଇନଜୀବୀ ପ୍ରଦୀପ ମହାନ୍ତି ସଭାପତିତ୍ୱ କରିଥିଲେ। ଗଗନ ବିହାରୀ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନବନିର୍ମାଣ ସେନା ସଭାପତି ଜୟପ୍ରକାଶ ମଲ୍ଲିକ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

# ଜୀବିକା ହରାଇଲେ ୪୦ ବ୍ୟବସାୟୀ

## ଧାମରାରେ ଜବରଦଖଲ ଉଚ୍ଛେଦ

ଚାନ୍ଦବାଲି,୩୦।୪(କିଷାନ ପାତ୍ର)

ଧାମରା ବଜାରରେ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଧାମରା ମତ୍ସ୍ୟ ପୋତାଶ୍ରୟକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୪୦ ଜଣ ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦ କରାଯାଇଛି। ଧାମରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ବ୍ୟବସାୟୀଙ୍କୁ ୧ ମାସ ଆଗରୁ ନୋଟିସ ପ୍ରଦାନ କରାଯାଇଥିଲା। ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ବ୍ଲକ ସୁପରଭାଇଜର ନରେଶ ମହାନ୍ତି, ଧାମରା ସର୍କଲ ସୁପରଭାଇଜର କମଳାକାନ୍ତ ଦାସ, ଧାମରା ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ବେହେରା, ବିଜୟ ମହାଲିକ, ଧାମରା ଥାନାଧିକାରୀ ଶୁଭମ ସ୍ୱାଇଁ, ଧାମରା ସାମୁଦ୍ରିକ ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟବସାୟୀମାନେ ପରିବାର ପ୍ରତିପୋଷଣ କରିବେ କେମିତି, ଥଇଥାନ ହେବେ କେଉଁଠି ବୋଲି ବିଭିନ୍ନ ପ୍ରଶ୍ନ ତହସିଲଦାରଙ୍କୁ ପଚାରିଥିବା ବେଳେ ଆମେ ସରକାରଙ୍କ ନିର୍ଦ୍ଦେଶକୁ କେବଳ ପାଳନ କରିଥିବା କଥା ତହସିଲଦାର କହିଥିବା ଜଣାଯାଇଛି। ଦୀର୍ଘଦିନ ଧରି ବ୍ୟବସାୟୀମାନେ ବିଭିନ୍ନ ବ୍ୟାଙ୍କରୁ ଋଣ କରି ବ୍ୟବସାୟ କରୁଥିବାରୁ ଏବେ ଦୋକାନ ଭଙ୍ଗା ହେବା ପରେ କିପରି ବ୍ୟାଙ୍କ ଋଣ ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି।



ଜବରଦଖଲ ଉଚ୍ଛେଦ କରାଯାଉଛି।

## ସଂକ୍ଷେପରେ

### ଜ୍ୟୋତିର୍ମୟୀଙ୍କ ଲକ୍ଷ୍ୟ ଆଇଏଏସ୍

ଖଇରା, ୩୦।୪(ଉତ୍କଳବନ୍ଧୁ ପଣ୍ଡା): ଫକୀରମୋହନ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷ କଳା ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଥିଲା। ଖଇରା ମହାବିଦ୍ୟାଳୟର ଇଂରାଜୀ ସମ୍ମାନ ବିଭାଗର ଛାତ୍ରୀ ଜ୍ୟୋତିର୍ମୟୀ ଧିନ୍ଦା ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଏଥିପାଇଁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ମୋଟ ୧ହଜାର ୮ଶହ ମାର୍କରୁ ୧ହଜାର ୪୦୩ ମାର୍କ ରଖି ସେ ଏହି ସଫଳତା ପାଇଛନ୍ତି। ସେ ଦିନକୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ଆଇଏଏସ୍ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି । ଏହି ସଫଳତାର ଶ୍ରେୟ ସେ ତାଙ୍କ ମା' ରଞ୍ଜିତା, ବାପା ଅକ୍ଷୟ ତଥା ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକଙ୍କୁ ଦେଇଛନ୍ତି।



### ବଜ୍ରପାତରେ ଜଳିଗଲା ୪ ବଖରା

ସିମୁଳିଆ, ୩୦।୪(ସନ୍ତୋଷ ନାୟକ): ସିମୁଳିଆ ବ୍ଲକ ଜାମୁଝାଡି ପଞ୍ଚାୟତ ମାଟିଅପଡା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ସୁନା ଲେଙ୍କା(୫୫) ନାମ୍ନୀ ଜଣେ ମହିଳା ନିଜର ଦୁଇ ପୁଅଙ୍କ ସହିତ ନିଜ ଘରେ ଶୋଇଥିବା ବେଳେ ବଜ୍ରପାତରେ ୪ ବଖରା ପୋଡିଯାଇଛି । ଅଡା ଦମକଳ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଘରର ସମସ୍ତ ଆସବାବପତ୍ର ସହିତ ଧାନ ଚାଉଳ ଓ ନଗଦ ୬୦ହଜାର ଟଙ୍କା ପୋଡି ପାଉଁଶ ହୋଇଯାଇଥିଲା।

### ଅମ୍ବିକା ଆଶ୍ରମର ପ୍ରତିଷ୍ଠା ଦିବସ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ କୁପାରୀ ଅଞ୍ଚଳ

ଖଇରା, ୩୦।୪(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ପ୍ରସିଦ୍ଧ ଅମ୍ବିକା ଆଶ୍ରମର ୪୭ତମ ପ୍ରତିଷ୍ଠା ଦିବସ ଓ ପବିତ୍ର ଅକ୍ଷୟ ତୃତୀୟା ଦିବସ ବ୍ୟାପୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିରଞ୍ଜନ କରଙ୍କ ଦ୍ୱାରା ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିବା ବେଳେ ନରେଶ ଅଗ୍ରୱାଲ ଆହୂତି ପ୍ରଦାନ କରିଥିଲେ। ଆଶ୍ରମ ସଞ୍ଚାଳକ ଶୁଭେନ୍ଦୁମୁନୀ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

# ଗୀତଗୋବିନ୍ଦ ବିଶ୍ୱ କାବ୍ୟ ସାହିତ୍ୟରେ ସର୍ବଦା କାଳଜୟୀ

## ଜିଲାସ୍ତରୀୟ କବି ଶ୍ରୀ ଜୟଦେବ ଜୟନ୍ତୀ

ବାଲେଶ୍ୱର, ୩୦।୪(ବାଞ୍ଛାନିଧି ଦେ)– ବାଲେଶ୍ୱର ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବୁଧବାର ପୂର୍ବାହ୍ନ ୯ଟା ୩୦ମିନିଟ୍‌ରେ ଗୀତଗୋବିନ୍ଦ ରଚୟିତା କବି ଶ୍ରୀ ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାଏକ ଯୋଗଦେଇ ଭକ୍ତକବି ଶ୍ରୀ ଜୟଦେବଙ୍କୁ ଜଣେ ମହାନ କବି ଭାବେ ଅଭିହିତ କରି ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇରହିବ ବୋଲି ମତବ୍ୟକ୍ତ କରିଥିଲେ।



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ ଶ୍ରୀ ଜୟଦେବ ଆମ ଓଡ଼ିଶାର ଗର୍ବ ଓ ଗୌରବ। ତାଙ୍କ କାଳଜୟୀ ରଚନା ଆମ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ବକ୍ତା ଭାବେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଯୋଗଦେଇ ଜୟଦେବଙ୍କ ଗୀତଗୋବିନ୍ଦର କାନ୍ତ କମନୀୟ ପଦ୍ୟମୟ ଶୈଳୀ ଶ୍ରୋତା ଓ ପାଠକମାନଙ୍କୁ ବିଭୋର କରିଦିଏ ବୋଲି ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା କବି ପ୍ରଶାନ୍ତ ଦାସ ଯୋଗଦେଇ ଶ୍ରୀ ଜୟଦେବ ନିଜର କୃତି ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ମଧ୍ୟରେ ଥିବା ଅନାବିଳ ଅନନ୍ତ ପ୍ରେମ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ। ତାଙ୍କ କୃତି ଚିରଦିନ ଅମର ରହିବ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା।

# ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ଓ କୃଷକ ଦିବସ

## ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପିଏମ୍ କିଷାନ ସହାୟତା ରାଶି ପ୍ରଦାନ

ବାଲେଶ୍ୱର, ୩୦।୪(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ଶେରଗଡ଼ସ୍ଥିତ ସରକାରୀ ବିହନ ଫାର୍ମଠାରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ନ ୯ଟାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ଓ କୃଷକ ଦିବସ ୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଅକ୍ଷି ମୁଠି ଅନୁକୂଳ କରିଥିଲେ।

ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପୌରୋହିତ୍ୟରେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନନୀୟ ଅତିଥି ଭାବେ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଜମିରେ ଲଙ୍ଗଳ କରି ଅକ୍ଷି ମୁଠି ବୁଣିଥିଲେ। ଏହି ଅବସରରେ ଜିଲା ଅଧୀନ ଚାଷୀଭାଇମାନଙ୍କୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।



ଅକ୍ଷି ମୁଠି ଅନୁକୂଳ କରୁଛନ୍ତି ଏମ୍‌ପି।

# ମାଛଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ



ମତ୍ସ୍ୟଚାଷୀ କରୁଣାକର ମହିଳାମାନଙ୍କୁ ପ୍ରାକୃତିକ ଖାଦ୍ୟ ପରିଚାଳନା ସମ୍ପର୍କରେ ବୁଝାଉଛନ୍ତି।

ସିମୁଳିଆ, ୩୦।୪(ସନ୍ତୋଷ ନାୟକ)– ସିମୁଳିଆ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ 'ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ମାଛଚାଷ ସମ୍ବନ୍ଧୀୟ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଓ କ୍ଷେତ୍ର ପରିଦର୍ଶନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳର ୨୧ଟି ଏସ୍‌ଏଚ୍‌ଜିରୁ ୪୨ଜଣ ମହିଳା ଯୋଗ ଦେଇଥିଲେ। କୃଷି ଅଧିକାରିଣୀ ବିପି ରୋଜାଲିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବରିଷ୍ଠ ମତ୍ସ୍ୟ ବୈଷୟିକ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ନିରଞ୍ଜନ ପରିଡା ଥିଲେ। ଏଏଫ୍‌ଓ ସଞ୍ଜୟ କୁମାର ଦାଶ ସରକାରଙ୍କ ସବସିଡ୍, ବାର୍ଷିକ ଆୟ ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମତ୍ସ୍ୟ ଅଧିକାରୀ ଯମୁନାମଣୀ ପାତ୍ର ବିଭିନ୍ନ ଅଞ୍ଚଳର ପୋଖରୀଗୁଡିକୁ ଚାଷ କରି ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ପରେ ମହିଳାମାନଙ୍କୁ ସିମୁଳିଆର ମାଛ ଚାଷୀ ମଇତାପୁର ପଞ୍ଚାୟତର କରୁଣାକର ବେହେରାଙ୍କ ପୋଖରୀ ପରିଦର୍ଶନ ପାଇଁ ନିଆଯାଇଥିଲା।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାରିପଦା,୩୦।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିବ ଶଙ୍କର ଦତ୍ତ ଚାକିରିରୁ ଅବସର ଗ୍ରହଣ କରିବା ଅବସରରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଦତ୍ତଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପିନ୍ଧାଇ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ତା'ଙ୍କର ମାସିକ ପ୍ରୋଭିଜନାଲ ପେନସନ ମଞ୍ଜୁରୀ ଆଦେଶ ପତ୍ର ପ୍ରଦାନ କରାଯାଇଥିଲା

# ବାଲିଆପାଳରେ ଅକ୍ଷିମୁଠି ଅନୁକୂଳ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳୀପଦା(ରାଜଶ୍ରୀ ପାଣିଗ୍ରାହୀ), ୩୦।୪ ବାଲିଆପାଳ ବ୍ଲକ ଉଗରା ବଡ଼ଗୁମୁଟିଠାରେ ବୁଧବାର ବସ୍ତା ନିର୍ବାଚନ ମଣ୍ଡଳୀର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷି ମୁଠି କାର୍ଯ୍ୟକ୍ରମ ଅନୁକୂଳ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପାର ଉତ୍ତର ବାଲେଶ୍ୱରର ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବସ୍ତା ଭାଜପାର ବରିଷ୍ଠ ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ କୃଷକମାନେ ଆର୍ଥିକ ଅଭିବୃଦ୍ଧି କାମନା କରିଥିଲେ। ସେହିପରି ନାରାୟଣପୁର ଗ୍ରାମରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରିଙ୍କ ନେତୃତ୍ୱରେ ଅକ୍ଷି ମୁଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ ଆଦର୍ଶ କୃଷକ କୁମୁଦ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ମୁଠାଏ ସ୍ୱପ୍ନ', 'ସାଗରିକା' ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

## ସମାଜ ଗଠନରେ ସାହିତ୍ୟ ଓ ପୁସ୍ତକ ଗୁରୁତ୍ୱପୂର୍ଣ୍ଣ

ବାଲେଶ୍ୱର, ୩୦।୪(ବାଞ୍ଛାନିଧି ଦେ) ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ସୋମବାର ପୂର୍ବାହ୍ନ ୧୧ଟାରେ ସାହିତ୍ୟିକ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଙ୍କଳନ 'ମୁଠାଏ ସ୍ୱପ୍ନ' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି।

ଉଦ୍‌ଘାଟକ ଭାବେ କବି ରତ୍ନାକର ରାଉତ ଯୋଗଦେଇ ବିଭାଜିତ ସ୍ୱପ୍ନକୁ ଲେଖକମାନେ ଯୋଡ଼ିପାରିଲେ ସୁନ୍ଦର ବିଶ୍ୱ ଗଠନ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ସାହିତ୍ୟ ଓ ପୁସ୍ତକ ଉଭୟ ସମାଜ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚକ ଭାବେ ଡ. ଭାଗବତ ବେହେରା ପୁସ୍ତକଦ୍ୱୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ କବି ଡ. କାଳୀପଦ ପଣ୍ଡା, ଆଇନଜୀବୀ ବେଣୁଧର ରାଉଳ, ଯୋଗଗୁରୁ ସୁଜିତ କୁମାର ଜେନା ମଞ୍ଚାସୀନ ଥିଲେ। 'ସାଗରିକା'ର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ଓ ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ପ୍ରିୟଙ୍କା ପ୍ରିୟଦର୍ଶିନୀ, ରଙ୍ଗରାଗର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ଆଇନଜୀବୀ ଯଶୋଦାନନ୍ଦ ଆସ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୀଘାରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂଜାର୍ଚ୍ଚନା କରୁଛନ୍ତି।

ଭୋଗରାଇ, ୩୦।୪(ପ୍ରଦୀପ ଦାସ): ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସୈକତ ସହର ରେଳଷ୍ଟେଶନଠାରେ ୨୦ଏକର ଜାଗା ପରିଧିରେ ୨ଶହ ୫୦ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଶ୍ରୀଜଗନ୍ନଥ ମନ୍ଦିରକୁ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିଛନ୍ତି। ସୋମବାରଠାରୁ ମମତା ବାନାର୍ଜୀ ଦୀଘାକୁ ଆସି ଶ୍ରୀକ୍ଷେତ୍ର ପୁରୀର ଦଇତାପତି ସଙ୍ଗଠନର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସହ ଅନ୍ୟ ଦଇତାପତି, ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଓ ଅନ୍ୟାନ୍ୟ ସେବାୟତ, ସାଗରଦୀପ ଭାରତ ସେବାସଂଘର ମୁଖ୍ୟ ନିମାଇଁ ମହାରାଜ, ଇସ୍କନ ସଙ୍ଗଠନର ମୁଖ୍ୟ ରାଧାରମଣ ଦାସଙ୍କ ସହିତ ବହୁ ଧର୍ମୀୟ ଅନୁଷ୍ଠାନର ମୁଖ୍ୟ, ମନ୍ତ୍ରୀ, ସଚିବ, ପ୍ରଶାସକମାନେ ଶ୍ରୀଜଗନ୍ନାଥଙ୍କ ପ୍ରାକ୍ ପ୍ରାଣପ୍ରତିଷ୍ଠା ଲାଗି ଧର୍ମୀୟ କାର୍ଯ୍ୟକ୍ରମରେ ସାମିଲ ଥିଲେ। ବୁଧବାର ଶ୍ରୀଜଗନ୍ନଥଙ୍କ ପ୍ରାଣପ୍ରତିଷ୍ଠା ପାଇଁ ବିଶେଷ ହୋମଯଜ୍ଞ ପରେ ମନ୍ଦିର ଗର୍ଭଗୃହକୁ ଯାଇ ଭକ୍ତଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଉଦଘାଟନ କରିଥିଲେ। ମନ୍ଦିର ପରିଚାଳନା ଦାୟିତ୍ୱ ଇସ୍କନ ସଙ୍ଗଠନକୁ ଦିଆଯିବାର ଘୋଷଣା କରିଥିଲେ। ପରେ ସେ ୫ଶହ ବୃକ୍ଷରୋପଣରେ ଅଂଶଗ୍ରହଣ କରିଥିଲେ।

# ୩ ଡିଷ୍ଟ୍ରିବ୍ୟୁଟାରି କେନାଲ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ

ଖଇରା, ୩୦।୪(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକର ୨ହଜାର ହେକ୍ଟର ଚାଷ ଜମିକୁ ଜଳଯୋଗାଣ ଲକ୍ଷ୍ୟରେ ବିଦ୍ୟାଧରପୁର କେନାଲ ଡିଭିଜନ ଅନ୍ତର୍ଗତ ୩ ଡିଷ୍ଟ୍ରିବ୍ୟୁଟାରୀ କେନାଲ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ ମଙ୍ଗଳବାର ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା କରାଯାଇଛି। ପ୍ରଥମେ ୨.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କଲ୍ୟାଣୀ ଡିଷ୍ଟ୍ରିବ୍ୟୁଟାରୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ବଡନୂଆଗାଁ ସରପଞ୍ଚ ରିନାକ୍ଷୀଲତା ନାୟକ, ବିଦ୍ୟାଧରପୁର କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାଗୀରଥି ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ନରହରି ପ୍ରଧାନ, କୁପାରୀ ସମିତିସଭ୍ୟ ଅକ୍ଷୟ କୁମାର ଜେନା, ବର୍ତ୍ତନା ସମିତିସଭ୍ୟା ପ୍ରତିନିଧି ପତିତପାବନ କର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୨.୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ପାଣିଛତ୍ର ଡିଷ୍ଟ୍ରିବ୍ୟୁଟାରୀ ଏବଂ ୨.୫ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ନହଙ୍ଗ ଡିଷ୍ଟ୍ରିବ୍ୟୁଟରୀ କେନାଲ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ଏହି ୨ ଶିଳାନ୍ୟାସ ଉତ୍ସବରେ ଭାଜପା ସଙ୍ଗଠକ ମାୟାଧର କୁଅଁର, ମନୋଜ ସ୍ୱାଇଁ, ଆନନ୍ଦବଲ୍ଲଭ ନାୟକ ଓ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବର୍ତ୍ତନାଠାରେ କଲ୍ୟାଣୀ ଡିଷ୍ଟ୍ରିବ୍ୟୁଟାରୀ କାମ ପାଇଁ ଲଗାଯାଇଥିବା ଫଳକରୁ କେହି ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ନାମ ଲିଭାଇଦେବା ନେଇ ସେମାନଙ୍କ ସମର୍ଥକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।



ଅତିଥିମାନେ କେନାଲ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

# ଅଖରେ ଲାଗିଲା ଚକ: ଶ୍ରୀଅଙ୍ଗେ ଲାଗିଲା ଚନ୍ଦନ

ନୀଳଗିରି, ୩୦।୪(ପ୍ରଶାନ୍ତ ବିଶ୍ୱାଳ)– ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥ ନିର୍ମାଣର ପର୍ବ ପରମ୍ପରା ଅନୁସାରେ ବୁଧବାର ପୂର୍ବାହ୍ନ ୮ଟାରେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତ ଓ ଭକ୍ତଙ୍କ ଗହଣରେ ରଥଖଳାକୁ ଆଜ୍ଞାମାଳ ପହଞ୍ଚାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ଏହି ଅବସରେ ଦ୍ୱାରଫିଟା, ଦେଉଳ ଶୋଧ, ମଙ୍ଗଳ ଆଳତି, ବେଶ ମଇଲମ, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ରୀତିନୀତି ଅନୁଷ୍ଠିତ ହୋଇଛି। ଆଜ୍ଞାମାଳ ଆସିବା ପରେ ରାମକୃଷ୍ଣ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଅଧର ଚୁମ୍ବିତ ଆଜ୍ଞାମାଳ ରଥଖଳାକୁ ଯାଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ଧୂପ ପରେ ତିନି ଠାକୁରଙ୍କ ଶ୍ରୀମୁଖକୁ ଛାଡ଼ି ଶ୍ରୀଅଙ୍ଗେ ଚନ୍ଦନ ଲାଗି ହୋଇଥିବା ପରିଲକ୍ଷିତ ହୋଇଛି। ଘଟୁଆରି ସେବକମାନଙ୍କ ଦ୍ୱାରା ଅଧିବାସିତ ହୋଇଥିବା ଏହି ଚନ୍ଦନକୁ ଶ୍ରୀଅଙ୍ଗେ ଲଗାଯାଇଥିଲା। ଏହି ନୀତି ଦେବସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ଅର୍ଥାତ ୪୨ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସେବାୟତଙ୍କ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ରାଜାଙ୍କ ପ୍ରତିନିଧି ତଥା ରାଜଗୁରୁ ରବୀନ୍ଦ୍ର ମହାପାତ୍ର, ବ୍ରହ୍ମା ସରୋଜ କୁମାର ନନ୍ଦ, ବ୍ରହ୍ମା ପୂର୍ଣ୍ଣ ଶୁକ୍ଳ ନନ୍ଦ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରୂପେଷ ଶତପଥୀ, ବ୍ରହ୍ମା ଦେବେନ୍ଦ୍ର ନନ୍ଦ, ସମ୍ବିତ୍ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବନ୍ଦାପନା କରିବା ପରେ ରଥ ଅନୁକୂଳ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ, ଠାକୁର ମହଲ କର୍ମଚାରୀ ରମେଶ ଦାସ, ନିରଞ୍ଜନ ମହାପାତ୍ରଙ୍କ ସମେତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ଅଖରେ ଲାଗିଲା ଚକ।

# ବର୍ଷା ହେଲେ ବାହ୍ୟଜଗତରୁ ବିଚ୍ଛିନ୍ନ

## ଉପରବାଗବୁଡା ଗାଁର ବିକାଶ ଏମିତି

ଜଳେଶ୍ୱର, ୩୦।୪(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟଠାରୁ ୨୦ କି.ମି. ଦୂରରେ ରହିଛି ବରଡ଼ିହା ପଞ୍ଚାୟତର ଉପରବାଗବୁଡା ଗାଁ। ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଖରାଦିନେ ଯେନତେନ ପ୍ରକାରେ ଚଳିଯାଉଥିବାବେଳେ ବର୍ଷାଦିନେ ପ୍ରାୟ ବାହ୍ୟଜଗତରୁ ବିଚ୍ଛିନ୍ନ। ଏହି ଗାଁକୁ ଏକ ବିଲ ସଂଯୋଗ ହୋଇଛି। କାହାର ଦେହପା ଖରାପ ହେଲେ ୪ କି.ମି. ପର୍ଯ୍ୟନ୍ତ ରୋଗୀଙ୍କୁ କାନ୍ଧରେ ବୋହି ଆଣିବାକୁ ପଡିଥାଏ। ଏହାସହ ଗାଁରେ ଥରେ ବିଦ୍ୟୁତ୍ ଗଲେ ଘଣ୍ଟା ଘଣ୍ଟା ଧରି ଗ୍ରାମବାସୀ ଅନ୍ଧାରରେ ରହିଥାନ୍ତି। ହାତୀ ଉପଦ୍ରୁତ ଓ ଜଙ୍ଗଲ ଭିତର ଗାଁ ହୋଇଥିବାରୁ ବିଦ୍ୟୁତ୍ ସରବରାହରେ ପ୍ରାୟ ସମସ୍ୟା ହୋଇଥାଏ। ଏସବୁ ସମସ୍ୟାକୁ ଦେଖିଲେ ସତେଯେମିତି ଉପରବାଗବୁଡା ଗାଁକୁ ବିକାଶ ଛୁଇଁ ନ ଥିବା ଉପଲବ୍ଧି ହେବ।

ପ୍ରାୟ ୨୦ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଭଳି ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛନ୍ତି। ଗ୍ରାମର ବହୁ ପରିବାର ସରକାରୀ ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗ କରିଛନ୍ତି। ଏପରି ଅନ୍ଧାରୀ ମୂଳକକୁ ବିକଶିତ କରିବା ପାଇଁ ଜିଲା ଓ ରାଜ୍ୟ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ମଧ୍ୟ ପରିଦର୍ଶନ କରି ଲୋକଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଗାଁକୁ କିପରି ରାସ୍ତା ହେବେ ସେନେଇ ଖୁବ୍‌ଶୀଘ୍ର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ମଦ୍ରାସା ଶିକ୍ଷକଙ୍କୁ ମାଡ଼, ଏସ୍‌ପିଙ୍କୁ ଫେରାଦ

**ସମ୍ବଲପୁର,୩୦।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଲକ୍ଷ୍ମୀଟକିଜ ଛକରେ ଜଣେ ମଦ୍ରାସା ଶିକ୍ଷକ(ଇମାମ୍)ଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଇମାମ୍ ମହମ୍ମଦ ରିୟାଜ୍(୨୨) ଏ ନେଇ ସମ୍ବଲପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ରାଉରକେଲାରୁ ଆସି ସମ୍ବଲପୁର ଲକ୍ଷ୍ମୀ ଟକିଜ ଛକରେ ବସ୍‌ରୁ ଓହ୍ଲାଇଥିଲେ। ସେଠାରୁ ଏକ ଅଟୋରେ ସେ ରହୁଥିବା ମୋତିଝରଣସ୍ଥିତ ମସ୍ତାନୀ ମସ୍‌ଜିଦ୍‌କୁ ଯିବା ସମୟରେ କେତେକ ଯୁବକ ତାଙ୍କୁ ଘେରି ଯାଇଥିଲେ। ଠିକଣା ପଚାରିବା ସହ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ଏହାବାଦ ସେମାନେ ତାଙ୍କୁ ଓଡ଼ିଆରେ କଥାବାର୍ତ୍ତା କରିବାକୁ କହିଥିଲେ। ମାତ୍ର ସେ ଠିକ୍ ଭାବ ଓଡ଼ିଆ କହି ନ ପାରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ତେବେ ଖବର ପାଇ ତାଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚି ତାଙ୍କୁ ଉକ୍ତ ଯୁବକମାନଙ୍କ କବଳରୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବୁଧବାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ଲୋକ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆସି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ଇମାମଙ୍କ ଏତଲାକ୍ରମେ ବୁଧବାର ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨), ୧୧୫(୨), ୨୯୬, ୩୫୧(୩), ୧୦୯(୧), ୧୯୬(୧)(ବି) ଓ ୩(୫)ରେ ଏକ ମାମଲା(ନଂ. ୧୩୯/୨୫)ରୁଜୁ କରି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ଆକ୍ରମଣର ଶିକାର ଇମାମଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ତେବେ ତାଙ୍କୁ କେଉଁ କାରଣରୁ ଅଭିଯୁକ୍ତମାନେ ମାଡ଼ ମାରିଲେ ସେ ନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।



ମଦ୍ରାସା ଶିକ୍ଷକଙ୍କୁ ମାଡ଼ର ପ୍ରତିବାଦ କରି ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ।

# ଚିକିତ୍ସାଧୀନ ଅବସ୍ଥାରେ ପୁତୁରାଙ୍କ ଜୀବନ ଗଲା

## ସାଇନ୍ସପାର୍କ ବସ୍ତିରେ ଗଣ୍ଡଗୋଳ ଘଟଣା

### ପୂର୍ବରୁ ଗିରଫ ହୋଇଥିଲେ ଦାଦା, ଭାଇ ଚନ୍ଦନ ଫେରାର

**ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)**

ଶହୀଦନଗର ଥାନା ଅନ୍ତର୍ଗତ ସାଇନ୍ସ ପାର୍କ ବସ୍ତିରେ ପାରିବାରିକ ଗଣ୍ଡଗୋଳ ବେଳେ ଦାଦାଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଜନ୍ମେଜୟ ନାୟକଙ୍କ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଜନ୍ମେଜୟଙ୍କ ମୃତଦେହକୁ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁତୁରାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ରବିବାର ଦାଦା ଶାନ୍ତିଭୂଷଣ ନାୟକ (୫୭)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେ ଏବେ ଜେଲରେ ଅଛନ୍ତି। ଜନ୍ମେଜୟଙ୍କ ମୃତ୍ୟୁ ପରେ ପୋଲିସ ଏହି ମାମଲାରେ ଲାଗିଥିବା ହତ୍ୟା ଉଦ୍ୟମ ଦଫାରୁ ହତ୍ୟା ଦଫାକୁ ବଦଳାଇ ତଦନ୍ତ କରୁଛି। ତେବେ ଏହି ଘଟଣାରେ ଶାନ୍ତିଭୂଷଣଙ୍କ ପୁଅ ନାଗଭୂଷଣ ଓରଫ ଚନ୍ଦନ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବାକୁ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି ବୋଲି ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

ସୂଚନାଯୋଗ୍ୟ, ଜନ୍ମେଜୟ ଓ ଶାନ୍ତିଭୂଷଣ ସମ୍ପର୍କରେ ଦାଦାପୁତୁରା ହୋଇଥିବାବେଳେ ସାଇନ୍ସପାର୍କ ବସ୍ତିରେ ପଡ଼ୋଶୀ ଭାବେ ରହୁଛନ୍ତି। ଜନ୍ମେଜୟଙ୍କ ମାନସିକ ରୋଗ ଥିଲା। ଶନିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ଶାନ୍ତିଭୂଷଣଙ୍କ ପୁଅ ଚନ୍ଦନ ଜନ୍ମେଜୟଙ୍କ ଘରକୁ ଯାଇ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲ ଯିବାକୁ ଡାକିଥିଲେ। ଜନ୍ମେଜୟ ଯିବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ଝଗଡା ଓ ହାତାହାତି ହୋଇଥିଲା। ଏହି ସମୟରେ ଚନ୍ଦନ ତଳେ ପଡ଼ିଯିବାରୁ ଶାନ୍ତିଭୂଷଣ ଓ ମା' ନିରୁପମା ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେପଟେ ଜନ୍ମେଜୟ ଏକ ଛୁରି ଆଣି ଶାନ୍ତିଭୂଷଣ ଓ ନିରୁପମାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶାନ୍ତିଭୂଷଣ, ପୁଅ ଚନ୍ଦନ ଓ ସହଯୋଗୀ ଟିକୁ ମିଳିତ ଭାବେ ଜନ୍ମେଜୟଙ୍କୁ ବାଉଁଶ ବାଡ଼ିରେ ନିସ୍ତୁକ ପିଟିଥିଲେ। ଫଳରେ ଜନ୍ମେଜୟ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ତେବେ ଟିକୁଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଜାରି ରହିଥିବା ପୋଲିସ କହିଛି।

# ଜିଲା ଅବକାରୀ ଅଧୀକ୍ଷକ ଗିରଫ

**ଢେଙ୍କାନାଳ,୩୦।୪ (ରତନ ନାୟାର)**

ଢେଙ୍କାନାଳ ଜିଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ମଙ୍ଗଳବାର ନିଜ ଗାଡ଼ିରେ ଫାଇଲ ମଧ୍ୟରେ ନଗଦ ୩ ଲକ୍ଷ ଟଙ୍କା ୬ଟି ଖାମରେ ଭର୍ତ୍ତି କରି ନେଉଥିବା ବେଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ଢେଙ୍କାନାଳ ସମେତ ପ୍ରାୟ ୭ଟି ଜାଗାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବୁଧବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାର ୨୪ ଘଣ୍ଟା ପରେ ମଧ ଅବକାରୀ ଅଧୀକ୍ଷକ ଫାଇଲରେ ନଗଦ ୩ ଲକ୍ଷ ଟଙ୍କା କାହାକୁ ଦେବା ପାଇଁ ନେଉଥିଲେ ତାହାର ରହସ୍ୟ ଖୋଲିପାରିନାହିଁ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କର କଟକ ଜଗତପୁରଠାରୁ ୪୬୫୫ ବର୍ଗଫୁଟର ଏକ ୩ମହଲା ଘର, ପୁରୀ କୁମ୍ଭାରପଡା ଅଞ୍ଚଳରୁ ୧୪୦୦ ବର୍ଗଫୁଟର ଏକ ଦୁଇମହଲା ଘର, ଜଗତସିଂହପୁରରୁ ୨ଟି ପ୍ଲଟ, ପୁରୀରୁ ୨ଟି ଓ କଟକରୁ ୪ଟି ବହୁମୂଲ୍ୟ ଟଙ୍କାର ଜମି, ଦୁଇଟି ବେନାମୀ ୪ ଚକିଆ ଗାଡ଼ି ଜବତ କରାଯାଇ ଅଧିକ ଯାଞ୍ଚ ଜାରିରହିଛି। ସେହିପରି ୨୦ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ମଧ ଠାବ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ସେଲ ଥାନା କେସ୍ ନଂ-୪/୩୦.୦୪.୨୦୨୫, ଦଫା-୧୩(୨),୧୩(୧ ଓ ବି) ପ୍ରିଭେଣ୍ଟେଶନ ଅଫ୍ କରପ୍ଶନ ଆମେଣ୍ଡମେଣ୍ଟ ଆକ୍ଟ-୨୦୧୮ରେ ଏକ ମାମଲା ରୁଜୁ କରାଯାଇଛି।





ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଏବଂ ଫାଇଲ ଭିତରେ ପ୍ୟାକେଟରେ ଥିବା ୩ଲକ୍ଷ ଟଙ୍କା।

# ଦୁଇଥର ଗର୍ଭନଷ୍ଟ, ସିକ୍ୟୁରିଟି ଗାର୍ଡ ଗିରଫ

**ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)**

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଗର୍ଭବତୀ କରିବା ସହ ଦୁଇଥର ଗର୍ଭନଷ୍ଟ ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା କନ୍ଧମାଳ ଜିଲା ରାଇକିଆ ଥାନା ଅଞ୍ଚଳର କ୍ରିଷ୍ଟୋନ ନାୟକ (୨୯)। କୋର୍ଟଚାଲାଣ ପରେ କ୍ଲିଷ୍ଟୋନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ପୀଡିତା ଜଣକ କଳିଙ୍ଗ ବିହାର ଅଞ୍ଚଳରେ ରହୁଥିବା ବେଳେ ଅଭିଯୁକ୍ତ କ୍ଲିଷ୍ଟୋନ ଭୁବନେଶ୍ୱରର ଏକ ସରକାରୀ ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ୮ବର୍ଷ ହେବ ପୀଡିତାଙ୍କ ସହ କ୍ଲିଷ୍ଟୋନ ପ୍ରେମ ସମ୍ପର୍କରେ ଥିଲେ। ସମ୍ପର୍କ ନିବିଡ଼ ହେବା ପରେ କ୍ଲିଷ୍ଟୋନ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ପୀଡିତା ଦୁଇଥର ଅନ୍ତଃସତ୍ତ୍ୱା ହୋଇଥିବା ବେଳେ କ୍ଲିଷ୍ଟୋନ ବଳପୂର୍ବକ ଗର୍ଭନଷ୍ଟ କରାଇଥିଲେ। ମାତ୍ର ବିବାହ କରିବାକୁ ଅଭିଯୁକ୍ତ ଦିନ ପରେ ଦିନ ଗଡ଼ାଇ ଚାଲିବାରୁ ପୀଡିତା ତମାଣ୍ଡୋ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମଙ୍ଗଳବାର ଏକ ମାମଲା (ନଂ.୧୧୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# କ୍ରିପ୍ଟୋ ନିବେଶରେ ଠକେଇ, ମୁଖ୍ୟ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ

**କଟକ,୩୦।୪(କାର୍ତ୍ତିକ ସାହୁ)**

କ୍ରିପ୍ଟୋ ନିବେଶ ନାମରେ ବହୁ ସଂଖ୍ୟକ ଜମାକାରୀଙ୍କ ନିକଟରୁ ୧.୧୩ କୋଟି ଟଙ୍କା ଠକେଇ କରିବା ଅଭିଯୋଗରେ ବାଲେଶ୍ୱର ଓପିଆଇଡି ଅଦାଲତ ମୁଖ୍ୟ ଅଭିଯୁକ୍ତ ନୀଲେଶ କରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ ବର୍ଷ କାରାଦଣ୍ଡ ସହ ୨.୩୫ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ରାଶି ପୈଠ ନ କଲେ ଅଭିଯୁକ୍ତଙ୍କୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଏପ୍ରିଲ ୫ରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ବାସିନ୍ଦା ମହାମାନ୍ୟ ଜେନା କ୍ରିପ୍ଟୋ ନିବେଶ ନାମରେ ଠକାମିର ଶିକାର ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ନିଲେଶ କର ତାଙ୍କୁ କ୍ଲାଉଡ୍-ଫୁଟ୍ ନାମକ ଏକ ଆପ୍/ୱେବ୍‌ସାଇଟରେ ଟଙ୍କା ନିବେଶ କରି ଅଧିକ ଟଙ୍କା ରୋଜଗାର କରିବାକୁ ପ୍ରୋତ୍ସାହିତ କରିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ମହାମାନ୍ୟ ୨୦୨୩ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଟଙ୍କା ଜମା କରି ମୋଟ ୨,୧୩,୦୩୮ ବିନିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୫୦,୫୭,୧୧୭ ଟଙ୍କା ମିଳିବ ବୋଲି କ୍ଲାଉଡ୍-ଫୁଟ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଭଳି ସୂଚନା ମିଳିବା ପରେ ହଠାତ୍ ଉକ୍ତ ୱେବସାଇଟ୍ ବନ୍ଦ ହୋଇଯାଇଥିଲା। ଫଳରେ ମହାମାନ୍ୟ ଟଙ୍କା ଉଠାଇ ପାରି ନ ଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିଲେଶ ବାଲେଶ୍ୱର ଜିଲା ପାଇଁ ନକଲି ୱେବ୍‌ସାଇଟର ମୁଖ୍ୟ ଭାବେ ନିଯୁକ୍ତ ହୋଇଥିଲେ। ଜମାକାରୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ନୀଲେଶ ଆର୍‌ବିଆଇର ନକଲି ଅନୁମୋଦନ ପତ୍ର ଏବଂ କ୍ଲାଉଡ୍-ଫୁଟ୍‌ର ନିଯୁକ୍ତି ପତ୍ର ମଧ ଦେଖାଇଥିଲେ। ଫଳରେ ରାଜ୍ୟର ଜମାକାରୀମାନେ ବହୁ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିଲେ। ସାରା ରାଜ୍ୟରେ ୪୦୦ରୁ ଅଧିକ ଲୋକଙ୍କୁ ଏହି ୱେବସାଇଟର ସଦସ୍ୟ ହେବାକୁ ନିଲେଶ ପ୍ରୋତ୍ସାହିତ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ସେହିପରି ସାରା ଦେଶରେ ନକଲି ୱେବସାଇଟ୍ କ୍ଲାଉଡ୍-ଫୁଟ୍'କୁ କ୍ରିପ୍ଟୋ ନିବେଶ ନାମରେ ଦେଶବ୍ୟାପୀ ନିବେଶକମାନଙ୍କୁ ଠକିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ମଧ ଜଣାଯାଇଥିଲା। ଇନ୍ସପେକ୍ଟର ତାପସ ରଞ୍ଜନ ସାହୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ବାଲେଶ୍ୱର ଓପିଆଇଡି କୋର୍ଟର ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ନକଲି ସେନା କର୍ମଚାରୀ ଗିରଫ

**ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ଭାରତୀୟ ସେନା ପୋଷାକ ପିନ୍ଧି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଭାରତୀୟ ଆର୍ମି ଲୋଗୋ ଥିବା ପୋଷାକ, ଗୁଜରାଟ ପୋଲିସ ଲୋଗୋ ଥିବା ପରିଚୟପତ୍ର ଜବତ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ.ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ନିଜ ନାମ ରାଜୁ ସନ୍ତ୍ରା ବୋଲି କହିଛନ୍ତି। ସେ ପଞ୍ଜାବ ଅମୃତସର ଜିଲା ୱାଘା ବର୍ଡରରେ କାମ କରୁଥିବା ବେଳେ କିଛିଦିନ ହେଲା ଗୋପାଳପୁର ଆର୍ମି ଏଡି କଲେଜକୁ ଡ୍ୟୁଟିରେ ଆସିଥିବା ଜେରା ବେଳେ କହିଥିଲେ। ସ୍ଥାନୀୟ ପୋଲିସ ସେଠାକାର ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଏଭଳି କେହି ଆର୍ମି ବିଭାଗରେ କାମ କରୁ ନ ଥିବା ଜଣାପଡ଼ିଥିଲା। ତାଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବ୍ୟକ୍ତି ଜଣକ ସେନା ପୋଷାକ ପିନ୍ଧି ନିଜକୁ ଆର୍ମି କର୍ମଚାରୀ କହି ସାଧାରଣ ଲୋକଙ୍କୁ ଠକିବା ସହ ଟ୍ରେନ, ବସରେ ବିନା ଟିକେଟରେ ଯାତ୍ରା କରୁଥିଲେ। ଗତ ୨୮ ତାରିଖରେ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ତାଙ୍କ ଚାଲିଚଳନ ଓ ବ୍ୟବହାର ଦେଖି କେତେଜଣ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତାଙ୍କୁ ଧରି ଟାଉନ ଥାନା ପୋଲିସ ଜିମା ଦେଇଥିଲେ। ପୋଲିସ ବିଭିନ୍ନ ଦିଗରୁ ଯାଞ୍ଚ କରିବା ପରେ ସେ ଜଣେ ନକଲି ସେନା କର୍ମଚାରୀ ବୋଲି ଜଣାପଡିଥିଲା। ଟାଉନ ଥାନା ମାମଲା ନଂ.୧୫୩/୨୫ରେ ଅଭିଯୁକ୍ତଙ୍କୁ ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବାଲେଶ୍ୱର ମୁଖ୍ୟଙ୍କୁ ୭ବର୍ଷ ଜେଲଦଣ୍ଡ

## 'କ୍ଲାଉଡ୍ ଫଟ୍' ଆପ୍‌ରେ ୧.୧୩ କୋଟି ଠକେଇ ମାମଲା

**ଭୁବନେଶ୍ୱର,୩୦।୪ (ସତ୍ୟଜିତ୍ ରାଉତ)**

ଫେକ୍ ଆପ୍ 'କ୍ଲାଉଡ୍ ଫଟ୍'ରେ ଓଡ଼ିଶାରୁ ୧.୧୩ କୋଟି ଟଙ୍କା ଠକେଇ ମାମଲାର ରାୟ ବୁଧବାର ବାଲେଶ୍ୱର ଓପିଆଇଡି କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ତଥା ର୍‍ୟାକେଟର ବାଲେଶ୍ୱର ଜିଲା ମୁଖ୍ୟ ନିଲେଶ କୁମାର କର ଦୋଷୀସାବ୍ୟସ୍ତ ହୋଇଛନ୍ତି। ନିଲେଶଙ୍କୁ ୭ବର୍ଷ ଜେଲଦଣ୍ଡ ସହ ୨.୨୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ତାଙ୍କୁ ଆଉ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆମେରିକାରୁ ପରିଚାଳିତ 'କ୍ଲାଉଡ୍ ଫଟ୍' ଆପ୍‌ରେ ଅଳ୍ପ ଟଙ୍କା ନିବେଶ କରି ଲକ୍ଷାଧିକ ଟଙ୍କା ମିଳିବା ନେଇ ଲୋଭନୀୟ ଅଫର ଦିଆଯାଉଥିଲା। ରିଚାର୍ଡ ପର୍ସଲ୍ ନାମକ ଜଣେ ବ୍ୟକ୍ତି ନିଜକୁ ଭାରତର ଆଞ୍ଚଳିକ ମୁଖପାତ୍ର କହିବା ସହ ଇଂଲିଶ ଭିଡିଓ ବାର୍ତ୍ତା ଦେଇ ଲୋକଙ୍କୁ ଫସାଉଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କମ୍ପାନୀ ଅନୁବନ୍ଧିତ ଓ ଭାରତ ସରକାରଙ୍କ ସହ ୧୦ ବର୍ଷ ଚୁକ୍ତି ଥିବା ଜାଲ ଦସ୍ତାବିଜ ଦେଖାଇ ବିଶ୍ୱାସ ଜନ୍ମାଉଥିଲେ। ପ୍ରଥମେ ୬୬୫ ଟଙ୍କା ଡିପୋଜିଟ୍ କରି ଲୋକେ ଉକ୍ତ ଆପ୍‌ରେ ନାମ ପଞ୍ଜୀକରଣ କରୁଥିଲେ। ଏହାର ୩୭ଦିନ ପରେ ୧୪୭୭ ଟଙ୍କା ଓ ପ୍ରତିଦିନ ୪୦ ଟଙ୍କାର ବୋନସ୍ ସହ ପ୍ରତିଥର ଲଗ୍‌ଇନ୍ କରିବା ପରେ ୧ ଟଙ୍କା ୭୫ ପଇସା ମିଳିବ ବୋଲି କୁହାଯାଉଥିଲା। ଏପରିକି ଅନ୍ୟ ଲୋକଙ୍କୁ ଯୋଡ଼ିଲେ ବୋନସ୍‌ର ଅଫର ଥିଲା। ନିଲେଶଙ୍କ ଦ୍ୱାରା ୪୦୦ ଲୋକ ଠକେଇରେ ପଡିଥିଲେ। ସହଦେବଖୁଣ୍ଟାର ମହାମାନ୍ୟ ଜେନା ୨୦୨୩ ଜାନୁୟାରୀ ୨୩ରୁ ମାର୍ଚ୍ଚ ୨୩ ମଧ୍ୟରେ ୨.୧୩ ଲକ୍ଷ ଟଙ୍କା ନିବେଶ କରିବା ପରେ ତାଙ୍କ ୱାଲେଟ୍‌ରେ ୫୦.୩୭ ଲକ୍ଷ ଟଙ୍କା ଥିବା ଦେଖାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ୱେବ୍‌ସାଇଟ୍ ବନ୍ଦ ହୋଇଯିବାରୁ ସେ ଟଙ୍କା ଉଠାଇ ପାରି ନ ଥିଲେ। ଏନେଇ ମହାମାନ୍ୟଙ୍କ ଏତଲା ପରେ ଇଓଡବ୍ଲ୍ୟୁ ଏପ୍ରିଲ ୪ରେ ମାମଲା (ନଂ.୧୫/୨୦୨୩) ରୁଜୁ କରି ନିଲେଶଙ୍କୁ ଗିରଫ କରିଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିବା ବେଳେ ଇଓଡବ୍ଲ୍ୟୁ ଇନ୍ସପେକ୍ଟର ତାପସ ରଞ୍ଜନ ସାହୁ ତଦନ୍ତ କରୁଥିଲେ। ମାତ୍ର ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଧରିପାରି ନ ଥିବା ଜଣାପଡିଛି।



ଦୋଷୀ ସାବ୍ୟସ୍ତ ନିଲେଶ କୁମାର କର।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ,୩୦।୪ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଅତିରିକ୍ତ ଜିଲା ଓ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋକ୍ସୋ ସୌମ୍ୟା ଶୁଭଦର୍ଶିନୀ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବୁଧବାର ଅଭିଯୁକ୍ତ ଖମାର ଥାନା ଅଞ୍ଚଳର ଜଣ୍ଡକା ଓରଫ ରାମ ପୂର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୩ ଜୁନ ୨୯ରେ ଖମାର ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ପରଦିନ ଖୋଜାଖୋଜି ବେଳେ ଏକ ପୋଲ ନିକଟରେ ନାବାଳିକାଙ୍କ ପାଟି ଶୁଣି ପରିବାର ଲୋକେ ସେଠାରେ ପହଞ୍ଚିବଳାତ୍କାର କରୁଥିବା ଅଭିଯୁକ୍ତଙ୍କ କବଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲା ବେଳେ ନାବାଳିକାଙ୍କ ପରିବାର ପକ୍ଷରୁ ଏ ନେଇ ଖମାର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୧୨୩/୨୦୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏଥିସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ଅର୍ଥ ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧୀକରଣକୁ ଆଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ପୂର୍ବତନ ମାର୍କଫେଡ୍ ଗୋଡାଉନ୍ ଇନ୍‌ଚାର୍ଜଙ୍କୁ ୩ ବର୍ଷ ଜେଲ

## ୧୦.୬୭ ଲକ୍ଷର ସାର ଦୁର୍ନୀତି ମାମଲା

**ବାଲେଶ୍ୱର, ୩୦।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଅଧୀନ ମାର୍କଫେଡ୍‌ର ଦେହୁଣ୍ଡା ଆଡିଶନାଲ ଷ୍ଟୋରେଜ ପଏଣ୍ଟରେ ସାର ଦୁର୍ନୀତି ଓ ସରକାରୀ ଅର୍ଥ ହେରଫେର ମାମଲାର ବିଚାର କରି ବୁଧବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ଗୋଡାଉନ୍ ଇନଚାର୍ଜ ବିଜୟ କୁମାର ମଲ୍ଲିକ (ଅବସରପ୍ରାପ୍ତ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ଜଳେଶ୍ୱର ଥାନା ଇକ୍‌ଡା ଗ୍ରାମର ବିଜୟ କୁମାର ମଲ୍ଲିକ ଏହି ଷ୍ଟୋରେଜ ପଏଣ୍ଟର ଗୋଡାଉନ୍ ଇନଚାର୍ଜ ଭାବେ ଚାକିରି କରୁଥିଲେ। ୨୦୧୧ରେ ସାର ବିକ୍ରି ଟଙ୍କା ମାର୍କଫେଡ୍‌ରେ ଡିପୋଜିଟ୍ ନ କରି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ୧୦ଲକ୍ଷ ୬୭ହଜାର ଟଙ୍କାର ସାର ଆତ୍ମସାତ୍ ହୋଇଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ପକ୍ଷରୁ ଏ ସମ୍ପର୍କରେ ୨୦୧୧ ଜୁନ୍ ୨୯ରେ ଏକ ମାମଲା (ନଂ.୨୯/୨୦୧୧) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତପୂର୍ବକ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

## ଖେଳ ଖବର

# ଓଡ଼ିଶା ମିକ୍ସଡ ଦଳକୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଚଣ୍ଡିଗଡ଼ରେ ବୁଧବାର ୨ୟ ଇଣ୍ଡିଆନ ଓପନ ରିଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ୪x୧୦୦ ମିଟର ମିକ୍ସଡ ରିଲେ ରେସ୍‌ରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ଓଡ଼ିଶା ଦଳରେ ବୋନିତା ଲାକ୍ରା, ମନିଶା ମେରେଲ, ଅବିନାସ ସାହୁ ଓ ଡି.ଏମ. ଜୟରାମ

## ଇଣ୍ଡିଆନ ଓପନ ରିଲେ

ସାମିଲ ଥିଲେ। ଓଡ଼ିଶା ଦଳ ୪୩.୬୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ତାମିଲନାଡୁ ଦଳ ୪୩.୪୪ ଓ ପଞ୍ଜାବ ଦଳ ୪୪.୩୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ଏଚ୍‌ପିସି ଦଳ ୪x୧୦୦ ମିଟର ପୁରୁଷ ରିଲେରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ଅନିମେଶ କୁଜୁର ଏହି ଦଳର ସଦସ୍ୟଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।




ମିକ୍ସଡ ରିଲେରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳ।

# ଛାଡ଼ପତ୍ର ଘୋଷଣା କଲେ ମେରୀକମ୍

**ନୂଆଦିଲ୍ଲୀ,୩୦।୪:** ଅଲିମ୍ପିକ ମେଡାଲ ବିଜେତା ବକ୍ସର ଏମ୍‌ସି ମେରୀକମ୍ ତାଙ୍କ ସ୍ୱାମୀ କରୁଙ୍ଗ ଅନଖୋଲରଙ୍କଠାରୁ ଛାଡ଼ପତ୍ର ନେଇଛନ୍ତି। ଏ ନେଇ ମେରୀକମ୍ ନିଜେ ବୁଧବାର ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି। କେଓଏମ୍ ପାରମ୍ପରିକ ଆଇନ ଅନୁଯାୟୀ, ୨୦୨୩ ଡିସେମ୍ବର ୨୦ରେ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଆପୋସ ବୁଝାମଣା ମାଧ୍ୟମରେ ବିବାହ ବିଚ୍ଛେଦ ହୋଇଥିଲା। ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମିଥ୍ୟା ଗୁଜବ ପ୍ରକାଶ ପାଇବା ପରେ ବକ୍ସିଂ କିମ୍ବଦନ୍ତୀ ବାଧ୍ୟହୋଇ ମୁହଁ ଖୋଲିଛନ୍ତି। ସୋସିଆଲ ମିଡିଆ ଏକ୍ସ' ଜରିଆରେ ମେରୀକମ୍ ଏକ ଆଇନଗତ ନୋଟିସ ଜାରି କରିଛନ୍ତି। ଏହି ନୋଟିସରେ ସେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଛାଡ଼ପତ୍ର ଆପୋସ ବୁଝାମଣା ମାଧ୍ୟମରେ ବହୁ ମାସ ପୂର୍ବେ ହୋଇଥିଲା।

# କେଟି ଗ୍ଲୋବାଲ ଚେସ୍ ଉଦ୍‌ଯାପିତ




କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ୨୦ଶ କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟେଡ ଓପନ ଚେସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗର ରନିତ ମାଇତି ଚାମ୍ପିୟନ ଓ ଓଡ଼ିଶାର ସ୍ଥିତପ୍ରଜ୍ଞ ସାହୁ ରନରଅପ୍ ହୋଇଛନ୍ତି। ତାମିଲନାଡୁର ଗୁରୁବରନ ରଘୁରମନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ୩ ଖେଳାଳିଙ୍କୁ ଟ୍ରଫି ସହ ଯଥାକ୍ରମେ ୨୫ ହଜାର, ୨୦ ହଜାର ଓ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି ଏବଂ କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ସିଏଫ୍‌ଓ ପ୍ରଦୀପ କୁମାର ସାହୁ, ପ୍ରଶାସନିକ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଉପସଭାପତି (ଏଚଆର) ବିମଳ କୁମାର ରାଉତ ଓ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଜି.ସି. ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅକ୍ଷୟ ତୃତୀୟା କାରବାର ଆଶାଜନକ



ଅକ୍ଷୟ ତୃତୀୟା ଉପଲକ୍ଷେ ଭୁବନେଶ୍ୱରର ଖିମ୍‌ଜୀ ଜୁଏଲର୍ସ ପରିସରରେ ଗ୍ରାହକଙ୍କ ଭିଡ଼।

**ଭୁବନେଶ୍ୱର,୩୦।୪: (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଘରୋଇ ବଜାରରେ ଆଶାଜନକ ରହିଥିଲାବେଳେ ପରମ୍ପରା ଅନୁଯାୟୀ ସବୁ ବର୍ଗର ଗ୍ରାହକ ଅଳ୍ପ ବହୁତେ ସୁନା କ୍ରୟ କରିଛନ୍ତି। ଏପରିକି ଓଡ଼ିଶା ବଜାରରେ ୨୦୦ କୋଟି ଟଙ୍କାର ଅକ୍ଷୟ ତୃତୀୟା କାରବାର ହୋଇଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଅକ୍ଷୟ ତୃତୀୟା ପାଇଁ ଅଳଙ୍କାର ପ୍ରତିଷ୍ଠାନଗୁଡିକ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଉପହାର ଓ ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରାହକଙ୍କ ପାଇଁ କରିଥିଲାବେଳେ ଦରବୃଦ୍ଧି କାରବାରରେ ବାଧକ ସାଜିଥିଲା ବୋଲି ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି। ସେହିପରି ବର୍ତ୍ତମାନ ସମୟରେ ବିବାହ ଋତୁ ଓ ଶୁଭ କାର୍ଯ୍ୟ ସାଙ୍ଗକୁ ଅକ୍ଷୟ ତୃତୀୟା ପାଇଁ ଗ୍ରାହକ ଆଶାଠାରୁ କମ୍ ପରିମାଣରେ ସୁନା କ୍ରୟ କରୁଥିବାବେଳେ ସୁନା ଦର ଓ ଅନ୍ୟାନ୍ୟ ଦରର ଅହେତୁକ ବୃଦ୍ଧି ପାଇଁ ଗ୍ରାହକ କାମ ଚଳିବା ଭଳି କାରବାର (କ୍ରୟ) କରୁଥିବା କହିଛନ୍ତି। ଅପରପକ୍ଷରେ ଓଡ଼ିଶାର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ, ତନିସ୍କ, ରିଲାଏନ୍ସ, ମାଲାବାର,

### ଓଡ଼ିଶା ବଜାରରେ ୨୦୦ କୋଟି

କଲ୍ୟାଣ, ଜୟଆଲୁକ୍କାସ, ଅରୁନ୍ଧତୀ, ପି ସି ଚନ୍ଦ୍ରା, ରାଧା ଗୋବିନ୍ଦ ରୟ ଗ୍ରାଣ୍ଡସନ (ଆର୍‌ଜିଜି) ଜୁଏଲର୍ସ, ନାରାୟଣୀ ଜୁଏଲର୍ସ, ଧରିତ୍ରୀ ଜୁଏଲର୍ସ,ବିଶ୍ୱମ ଜୁଏଲର୍ସ, ସ୍ମାଇଲଗୋଲ୍ଡ, ଜାଭେରୀ, ଲୋକନାଥ ଏବଂ ସେନ୍‌କୋ ପକ୍ଷରୁ ଆକର୍ଷଣୀୟ ଅଫର ଓ ସାଜସଜ୍ଜା ଗ୍ରାହକଙ୍କୁ କିଛି ପରିମାଣରେ ଆକୃଷ୍ଟ କରିବା ସହ ଆଶାଜନକ କାରବାର ହୋଇଥିବା ଉଭୟ ଘରୋଇ ଓ ଜାତୀୟ ବ୍ରାଣ୍ଡର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟା ପାଇଁ ଉପରୋକ୍ତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସକାଳ ୮ ଘଟିକାରୁ ଗ୍ରାହକଙ୍କ ପାଇଁ ଶୋ'ରୁମ୍ (ଷ୍ଟୋର) ଖୋଲିଥିଲାବେଳେ ବୁଧବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୭,୮୭୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୯,୮୦୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୪୭୦ ଟଙ୍କାରେ କାରବାର ହେଉଥିଲା। ଅପରପକ୍ଷରେ ରୁପା କିଲୋଗ୍ରାମ ପିଛା ୧,୧୧,୦୦୦ ଟଙ୍କା ଥିଲାବେଳେ ମୂଲ୍ୟବାନ୍ ଧାତୁ ଓ ଅଳଙ୍କାରର ଦର ପ୍ରାୟ ୩୫,୦୦୦ରୁ ୫୫,୦୦୦ ଟଙ୍କାରେ କାରବାର ହେଉଥିଲା। ସକାଳ ୧୦ ଘଟିକାରୁ ଗ୍ରାହକଙ୍କ ଆଗମନ ସହ କାରବାର ଆରମ୍ଭ ହୋଇଥିଲାବେଳେ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ଝାରସୁଗୁଡ଼ା, ରାଉରକେଲା, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କୋରାପୁଟ, ବଲାଙ୍ଗୀର, ପୁରୀ ଏବଂ ମାଲକାନଗିରି ଭଳି ପ୍ରମୁଖ ବଜାରରେ କାରବାର ଆଶାଜନକ ଥିଲା ବୋଲି ଉପରୋକ୍ତ ଅଳଙ୍କାର ଓ ଜିଲାର ପ୍ରମୁଖ ଗହଣା ଦୋକାନଗୁଡିକ ପକ୍ଷରୁ କୁହାଯାଇଛି।



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଗ୍ରାହକ ଅକ୍ଷୟ ତୃତୀୟା କାରବାର କରୁଛନ୍ତି।

## ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ନୂଆ ସମ୍ଭାବନା

**ଭୁବନେଶ୍ୱର,୩୦।୪**

କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ସଫଳତାର ସହ ଶେଷ ହୋଇଛି। ୨୦୨୫ ଏପ୍ରିଲ ୨୦ ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଏହି ୧୦ ଦିନିଆ ଏକ୍ସପୋରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ଯେଉଁଥିରେ ଗୃହକ୍ରେତା, ରିଅଲ ଇଷ୍ଟେଟ୍ ନିବେଶକ,





ଆର୍କିଟେକ୍ଟ ଏବଂ ଡିଜାଇନପ୍ରେମୀ ସାମିଲ ଥିଲେ। ଏହି ପ୍ରଦର୍ଶନୀ ଆଗାମୀ ଆବାସିକ ପ୍ରକଳ୍ପ ଏବଂ ବିଭିନ୍ନ ଘର ଏବଂ ସଜ୍ଜା ସମାଧାନ ପ୍ରତି ଗୁରୁତ୍ୱପୂର୍ଣ୍ଣ ଆଗ୍ରହ ସୃଷ୍ଟି କରିଥିଲାବେଳେ ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଏକ ନୂଆ ସମ୍ଭାବନା ପ୍ରଦାନ କରିଛି। ଏପରିକି ଏହାର ଅଭିନବତା, ସହଯୋଗ ଏବଂ ସମାବେଶୀ ଅଭିବୃଦ୍ଧି ଦିଗରେ ଓଡ଼ିଶାର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଉଭାହୋଇଛି। ଗୃହ ନିର୍ମାଣ ଓ ଆଭ୍ୟନ୍ତରୀଣ ଡିଜାଇନ କ୍ଷେତ୍ରରେ ଉଦ୍ଭାବନ ଓ ଉତ୍କର୍ଷର ଏହି ମେଗା ଇଭେଣ୍ଟରେ ରେକର୍ଡ ସଂଖ୍ୟକ ଦର୍ଶକଙ୍କ ଆଗମନ ହୋଇଥିଲାବେଳେ କ୍ରେଡାଇ ଓଡ଼ିଶାର ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ଆଜି ଏକ ଭବ୍ୟ ସମାପନୀ ସମାରୋହରେ ଶେଷ ହୋଇଛି।

ସେହିଭଳି ଏହି ପ୍ରଦର୍ଶନୀ ବିଲ୍‌ଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ଯୋଗାଣକାରୀ, ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାମାନଙ୍କୁ ଏକାଠିକରି ଏହି ଏକ୍ସପୋ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସ୍ଥାୟୀ ବିଲ୍ଡିଂ ସମାଧାନ ପ୍ରଦର୍ଶନ କରିବା ପାଇଁ ଏକ ଗତିଶୀଳ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିଥିଲା। ଇଣ୍ଟରଆକ୍ଟିଭ୍ ଅଧିବେଶନ, ବିଶେଷଜ୍ଞ ପ୍ୟାନେଲ ଏବଂ ଟ୍ରେଣ୍ଡ ଆଲୋଚନା ଅଂଶଗ୍ରହଣକାରୀଙ୍କ ପାଇଁ ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା।

ସେହିପରି ସମାପନୀ ଅବସରରେ କ୍ରେଡାଇର ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ କଳିଙ୍ଗ କେଶରୀ ରଥ, କ୍ରେଡାଇ ବାଲେଶ୍ୱର ସଭାପତି ବିଭୁଚନ୍ଦନ ଜେନା, କ୍ରେଡାଇ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ।

## ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩୦।୪**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୬ (୪୬.୧୪) ପଏଣ୍ଟ ହ୍ରାସ ଘଟି ୮୦,୨୪୨ (୮୦,୨୪୨.୨୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨(୧.୭୫) ପଏଣ୍ଟ କମି ୨୪,୩୩୪ (୨୪,୩୩୪.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ଆଜିଠାରୁ ଗ୍ରେଟ୍ ସମର ସେଲ୍

**ଭୁବନେଶ୍ୱର,୩୦।୪**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଫର 'ଗ୍ରେଟ୍ ସମର ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ୨୦୨୫ ମେ ୧ରୁ ଆରମ୍ଭ ହେଉଛି। ସେହିଭଳି ସାମ୍‌ସଙ୍ଗ୍ ଏଆଇ ଦ୍ୱାରା ପରିଚାଳିତ ଏହି ସେଲ୍‌ରେ ଗ୍ରାହକଙ୍କୁ ଅଗ୍ରଣୀ ବ୍ରାଣ୍ଡଗୁଡ଼ିକରେ ଆକର୍ଷଣୀୟ ରିହାତି ଯୋଗାଇ ଦିଆଯାଉଛି। ଏପରିକି ଗ୍ରାହକମାନେ ସାମ୍‌ସଙ୍ଗ୍ ଏଆଇ ଏବଂ ଇଣ୍ଟେଲର ପ୍ରିମିୟମ ଟେକ୍ନୋଲୋଜି, ସାମ୍‌ସଙ୍ଗ୍ ଆପ୍ଲାଏନ୍ସ ଏବଂ ଟିଭି, ଟିସିଏଲ୍ ଏବଂ ହିସେନ୍ସର ଅତ୍ୟାଧୁନିକ ଘରୋଇ ମନୋରଞ୍ଜନ ସମାଧାନ ଏବଂ ଟାଟା ଉତ୍ପାଦ, ମସଲ୍ ବ୍ଲେଜ୍, ଭୋଲିନି, ଏଚୟୁଏଲ୍, କେଲୋଗ୍ସ ଏବଂ ବୋଟର ବିଶ୍ୱସ୍ତ ଉପଭୋକ୍ତା ପସନ୍ଦ ଉପରେ ଉଲ୍ଲେଖନୀୟ ଅଫର ପାଇପାରିବେ। ସେହିପରି ଶପିଂ, ଟିକେଟ ବୁକିଂ କିମ୍ବା ବିଲ୍ ପୈଠ ସମୟରେ ଗ୍ରାହକ ୫୦୦୦ ଟଙ୍କା ମୂଲ୍ୟର ବମ୍ପର ପୁରସ୍କାର, ପ୍ରଥମ, ୫ମ ଏବଂ ୧୦ମ କାରବାର (ଟ୍ରାଞ୍ଜାକ୍ସନ) ଉପରେ ସ୍ୱତନ୍ତ୍ର ଅଫର ରହିଛି। ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ପ୍ରାଇମ ମେମ୍ବରମାନେ ଅସୀମିତ ୫% କ୍ୟାଶବ୍ୟାକ୍ ସହ ୨୫୦୦ ଟଙ୍କାର ସ୍ୱାଗତ ପୁରସ୍କାର ପାଇପାରିବେ।


# Classified Everyday

0674-2580101, 9692975378




REAL ESTATE

**SALE**

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରୀ ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-356



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LOST**

I lost my B-Tech Certificate along with some other xerox documents on 28.04.2025 between 4PM to 4:30PM while going from Jaydev Bihar to Patia in a Local Auto. If anyone received please contact ROSHNEE PADHI. Mob: 8007066335. D-348

**AFFIDAVIT**

By virtue of an affidavit sworn before the Executive Magistrate, Dharmasala, dated 30.04.2025, I, Chhailabala Sethy, Address: At- Jamubania, P.O.- Jaraka, P.S.- Dharmasala, Dist.- Jajpur, Odisha- 755050 declare that I have changed my name from Chhalla Bala Sethi to Chhailabala Sethy. Henceforth, I shall be known as Chhailabala Sethy for all purposes. D-352

I Jemamani Behera, W/o- Late Jayananda Behera, At- Laxmi Bazar, P.S.- Town, P.O./Dist.- Dhenkanal, Odisha- 759001, have changed my name to Jema Behera on dtd. 24.04.2025 before Executive Magistrate, Dhenkanal for all official purposes. D-350

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ୍ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Hitherto Known as Roshni Prasad Alias Jyoti Kumari Prasad, W/o- Trilok Kumar Agrawal residing At- Nagaon, Balangir, Odisha 767022, Have Changed my name and shall hereafter be known as Roshni Agrawal for all future purposes. D-353

By virtue of an affidavit sworn before H.N. Das (O.R.S.) (Executive Magistrate, Balasore) on dated 25.04.2025, I Sunil Kumar Mallick, S/o- Bhaku Charan Mallick, At- Biswanathpur, P.O.- Langaleswar, P.S.- Singla, Dist.- Balasore, declare that I have changed my son's name from Subhranshu Sekhar Malick to Subhranshu Sekhar Mallick. Henceforth, he shall be known as Subhranshu Sekhar Mallick for all purposes.

Subhranshu Sekhar Mallick
(New name) D- 354

I Gajendra Kumar Andaja, R/o. At./ P.O.- Sakhipada, P.S.- Dhanupali, Dist.- Sambalpur declare by this affidavit No.- 6725 dated 5.3.25 that my daughter's surname is mentioned as Andaya instead of Andaja in her school record and register. That both the names Sneha Priyadarsini Andaja and Sneha Priyadarsini Andaya belongs to one and same person. D-355

**LEGAL NOTICE**

IN THE COURT OF THE CIVIL JUDGE (SR.D.) DHENKANAL.

Intestate Case No. 3/2024

Ganguli Samal .... Petitioner

Versus

Sankarsan Nath & others .... Opp. Parties.

Whereas the Prtitioner Ganguli Samal, aged about 60 years, S/o- Late Nabin Samal, Village- Kurunti, P.O.-Kusupanga, P.S.- Motanga, Dist.- Dhenkanal has filed the above case for grant of succession Certificate in his favour along with the Proforma O.Ps. in respect of the properties measuring A.1.040 dec. under Hal Khata No.- 865 of Mouza- Kharagprasad as successor of Late Rajib Samal the recored owner, who died on 4.12.1971.

As such it is hereby noticed that if any body else having any interest or objection for grant of such Certificate, he/she/they may contest the case in support of his/her/their claim and to appear before the Court in person or through his/ her/their Pleader on this the 17th day of May 2025 at about 7.30 A.M.failing which the case will be heard and determined in his/her/their absence.

Given under my hand and seal of his Court, this 15th day of April 2025.

Sd./- Civil Judge(Sr.D.), Dhenkanal. D-349

# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୌଦାମିନୀ ବେହେରା**

ଭବାନିନଗର, କୋରାପୁଟ

ଆବିର୍ଭାବ: ୧୦।୧୦।୧୯୪୫
ତିରୋଧାନ: ୨୦।୦୪।୨୦୨୫

ମାଆ, ଚାହୁଁ ଚାହୁଁ ୧୨ ଦିନ ବିତିଗଲା, ତୁ ଯେଉଁଠି ଥା, ଭଲରେ ଥା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ପୁତ୍ର, ପୁତ୍ରବଧୂ, କନ୍ୟା- ଜ୍ୱାଇଁ, ନାତି ନାତୁଣୀ ଓ ସମ୍ପର୍କୀୟ।

**ଓଳାଭର ରତ୍ନ**



ଯୋଗଜନ୍ମା, ଓଳାଭର ଜନମାନସର ଜନନେତା ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ସୌଜନ୍ୟ.. ଗୋବିନ୍ଦ ଦାସ ସ୍ମୃତି କମିଟି ଓ ଜନସାଧାରଣ ବୃନ୍ଦ, ଓଳାଭର, କେନ୍ଦ୍ରାପଡ଼ା

ଧ-୩୫୧

**ଦଶାହ ଉପଲକ୍ଷେ**



**୰ଶରତ ଚନ୍ଦ୍ର ରାଉତ**

ଅନନ୍ତ ନଗର, ମହତାବ୍ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର

ଆବିର୍ଭାବ: ୦୩।୦୧।୧୯୫୩
ତିରୋଧାନ: ୨୨।୦୪।୨୦୨୫

ବାପା, ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର "ଭାକ୍ ଆଉ ହାକ୍" ଗାଳିକୁ ଆମେ ସବୁବେଳେ ମନେ ପକାଉଛୁ। ତୁମେ ଯେଉଁଠି ଥାଅ, ଭଲରେ ଥାଅ ଆଉ ଆମ ଉପରେ ଆଶିଷ ଢାଳୁଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ: (ବୁବୁ, ଦେବୁ), ବୋହୂ: (ଗୁଡ଼ି), ନାତି: (କୁନୁ) ଓ ପରିବାରବର୍ଗ।

ଧ-୭୬୦୫୪

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




ପରିଣୀତି

## ରହସ୍ୟ ଖୋଲିଲେ ପରିଣୀତି

ବେଳେବେଳେ ଭଲ ସୁଯୋଗ ହାତ ପାଆନ୍ତାରୁ ଖସି ଯାଏ। ଯେତେବେଳେ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା 'ଆନିମଲ' ଫିଲ୍ମର କାହାଣୀ ଅନୁସାରେ ନାୟିକା ଖୋଜିଲେ ସେତେବେଳେ ତାଙ୍କର ଫାଷ୍ଟ ଚଏସ୍ ଥିଲେ ପରିଣୀତି ଚୋପ୍ରା। ତାଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏହି ଅଫରଟିକୁ ହାତଛଡ଼ା କରିବାକୁ ବାଧ୍ୟ ହୋଇଥିଲେ। ଶେଷରେ ଏହି ରୋଲ୍ ପାଇଁ ରଶ୍ମିକା ମନ୍ଦାନାଙ୍କୁ ସାଇନ୍ କରାଯାଇଥିଲା। କେବଳ ସେତିକି ନୁହେଁ, ରଣବୀର କପୁର, ରଶ୍ମିକା, ବବି ଦେଓଲ, ଅନିଲ କପୁର, ତ୍ରିପ୍ତି ଡିମ୍ରିଙ୍କ ଅଭିନୀତ ତଥା ୧୦୦କୋଟି ବଜେଟରେ ନିର୍ମିତ ଏହି ସିନେମା ବକ୍ସ ଅଫିସରେ ପ୍ରାୟ ୯୧୫ କୋଟିର ବିଜ୍‌ନେସ୍ କରିଥିଲା। ଏ ବିଷୟରେ ପରିଣୀତି କହନ୍ତି, ''ଏହି ଅଫର ପୂର୍ବରୁ ମୁଁ ଇମ୍‌ତିୟାଜ୍ ଅଲ୍ଲୀଙ୍କ 'ଚମକିଲା' ପାଇଁ ଡେଟ୍ ଦେଇସାରିଥିଲି। ତେଣୁ ବାଧ୍ୟହୋଇ ଏହି ଅଫରଟିକୁ ହାତଛଡ଼ା କରିଥିଲି।'' ଯଦି ପରିଣିତି 'ଆନିମଲ୍'ରେ ଅଭିନୟ କରିଥାଆନ୍ତେ, ତେବେ ସେ ପ୍ରଥମ ଥର ପାଇଁ ରଣବୀର କପୁରଙ୍କ ସହ ବଡ଼ ପରଦାରେ ଦେଖିବାକୁ ମିଳିଥାଆନ୍ତା।

## କେବଳ ଗୀତ ପାଇଁ..

କିଆରା ଆଡଭାନୀଙ୍କୁ ନେଇ ଏବେ ଚର୍ଚ୍ଚା। ଯା'ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଗୀତଗୁଡ଼ିକ ମୋ ମନକୁ ଛୁଇଁପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ୍ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏଥିରେ କିଆରାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।



କିଆରା


## ଯାହା ଆକଳନ କରିଥିଲେ ମନୋଜ

ଆମ ରାଜ୍ୟ ୧୯୯୯ରେ ସାମ୍ନା କରିଥିଲା ଏକ କରାଳ ମହାବାତ୍ୟାକୁ। ଏହି ପ୍ରାକୃତିକ ବିଭୀଷିକାର ଦୃଶ୍ୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ତେବେ ଏହାକୁ ଏବେ ଏକ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦିଆଯାଇଛି। ଏହାର ଟାଇଟଲ ରହିଛି '୧୯୯୯ : ଏକ ସଂଗୁପ୍ତ କାହାଣୀ'। କେବଳ ସେତିକି ନୁହେଁ, ଫିଲ୍ମଟି ପରଦା ଉପରକୁ ଆସିବା ପରେ ଦର୍ଶକାଦୃତ ହୋଇଛି ବୋଲି କହନ୍ତି ଉକ୍ତ ଚିତ୍ରଟିର ପ୍ରଯୋଜକ ତଥା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୋଜ କୁମାର ମିଶ୍ର। କେବଳ ସେତିକି ନୁହେଁ, ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା ମଧ୍ୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅମିର ପତି। ''ମୋ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ବଡ଼ କଥା। ଏଭଳି ଏକ ନିଚ୍ଛକ ଓଡ଼ିଆ କାହାଣୀକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମଟିରୁ ସବୁ ବର୍ଗର ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। କାହାଣୀ ଅନୁସାରେ ସଂଳାପ ଏବଂ ଗୀତ ମଧ୍ୟ ରଚନା କରାଯାଇଛି। ଏହି ଫିଲ୍ମଟିର ସଫଳତା ପଛରେ କଳାକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ ଏବଂ ଏଥିସହ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କର ଅବଦାନ ରହିଛି'' ବୋଲି କହନ୍ତି ମନୋଜ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବରିଷ୍ଠ ସ୍ୱରକାର ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଡା. ମନୋଜ ମିଶ୍ର, ମନୋରାମା ମିଶ୍ର, ଅପୂର୍ବ, ଦେବୁ ବ୍ରହ୍ମା, କାଳୀ ଚରଣ ଆଚାର୍ଯ୍ୟ, ନରେନ୍ଦ୍ର ସେନାପତି ପ୍ରମୁଖ କଳାକାର।



ଓଡ଼ିଆ ଫିଲ୍ମ '୧୯୯୯'ର ପୋଷ୍ଟରରେ ମନୋଜ

## ପ୍ରମୋଦଙ୍କ ଆଶା



(ବାମରୁ) ଦୀପକ-ରିୟା-ପ୍ରମୋଦ ସ୍ୱାଇଁ

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ ସ୍ୱାଇଁ ନିକଟରେ ପୁଣି ଥରେ ପ୍ରଯୋଜନା ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ପ୍ରଯୋଜିତ ନୂଆ ସିନେମାର ଟାଇଟଲ ରହିଛି 'ଆଶିକ ଦିୱାନା'। ଏଭଳି ଶୀର୍ଷକରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି, ଏହାର କାହାଣୀ ମୁଖ୍ୟତଃ ପ୍ରେମ ଉପରେ ଆଧାରିତ। କେବଳ ସେତିକି ନୁହେଁ, ଏଥିରେ ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ମଧ୍ୟ ରହିଛି। ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ଏହି ଫିଲ୍ମର କାହାଣୀକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ସେହି ଅନୁସାରେ ସଂଳାପ, ଗୀତ ରଚନା କରାଯାଇଛି। କାହାଣୀଟି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ମୁଁ ଯେତେବେଳେ ସିନେମାଟିଏ ନିର୍ମାଣ କରେ ସେତେବେଳେ ଏହାର କାହାଣୀ, ସଂଳାପ, ସଙ୍ଗୀତ, କଳାକାର ଚୟନ ଏବଂ ଶୁଟିଂ ସମୟରେ ସମସ୍ତ ଦିଗକୁ ଦୃଷ୍ଟି ଦେଇଥାଏ।'' ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ଏସ୍.ଦିଲୀପ ପଣ୍ଡା। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏନ୍. ପଦ୍ମା। ଉକ୍ତ ଫିଲ୍ମର ନାୟକ ସାଜିଛନ୍ତି ଦୀପକ। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା।

## କାନ୍ଦି ପକାଇଲେ କଙ୍ଗନା


କଙ୍ଗନା ରାଣାଓ୍ୱତ୍ ଥରେ ଏମିତି ଭାବପ୍ରବଣ ହୋଇପଡ଼ିଲେ ଯେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା। କଥା କ'ଣ କି ସେ ଦେଶାତ୍ମବୋଧକ ଫିଲ୍ମ 'ତେଜାସ୍'ର ନାୟିକା ଭୂମିକାରେ ଅଭିନୟ କରିଥିଲେ। ଏଥିରେ ତାଙ୍କୁ ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଦେଖିବାକୁ ମିଳିଥିଲା। ଏକଦା ଏହାର ଶୁଟିଂ ପୂର୍ବରୁ ଗେଟଅପ୍ ନେବା ସମୟରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏ ନେଇ କଙ୍ଗନା କହନ୍ତି, ''ଏହି ଫିଲ୍ମର ଶୁଟିଂ ପାଇଁ ମେକ୍‌ଅପ୍ ନେବା ପରେ ଯେତେବେଳେ ମୁଁ ନିଜକୁ ଆଇନା ସମ୍ମୁଖରେ ଦେଖିଲି ମୁଁ ଇମୋଶନାଲ ହୋଇପଡ଼ିଥିଲି। ଏୟାରଫୋର୍ସ ଡ୍ରେସ୍ ପିନ୍ଧିବା ଛୋଟିଆ କଥା ନୁହେଁ। ଅଭିନୟ ପାଇଁ ହେଉ ସେଥିରେ କିଛି ନାହିଁ, ଏହି ଗେଟ୍‌ଅପ୍‌ରେ ମୋ ମନରେ ଦେଶଭକ୍ତି ଭାବନା ଆହୁରି ଜାଗ୍ରତ ହୋଇଉଠିଥିଲା। ଏପରି କି କିଛି ସମୟ ପାଇଁ ମୁଁ ସ୍ଥିରହୋଇ ଠିଆହୋଇଯାଇଥିଲି। ମୋ ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡ଼ିଥିଲା। ହେଲେ ସେହି ଲୁହ ଦୁଃଖର ନ ଥିଲା। ମିଲିଟାରି ଗେଟ୍‌ଅପ୍ ନେବା ପରେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ସେହି ଖୁସିରେ କାନ୍ଦି ପକାଇଥିଲି।'' କଙ୍ଗନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଆଇ ଲଭ୍ ୟୁ ବସ୍' (୨୦୦୪)। ସେହି ବର୍ଷ ରିଲିଜ ହୋଇଥିଲା ମହେଶ ଭଟ୍ଟଙ୍କ 'ଗ୍ୟାଙ୍ଗ୍‌ଷ୍ଟର : ଏ ଲଭ୍ ଷ୍ଟୋରି'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା।



କଙ୍ଗନା

## ଧୈର୍ଯ୍ୟବାନ୍ ଶାହୀଦ

ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଏହା ପୂର୍ବରୁ ଶାହୀଦଙ୍କୁ ପାଖାପାଖି ୧୦୦ଟି ଅଫର ମିଳିଥିଲା, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ସିନେମାରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳି ନ ଥିଲା। ହେଲେ ଏଭଳି ଘଡିସନ୍ଧି ସମୟରେ ସେ ଭାଙ୍ଗି ପଡି ନ ଥିଲେ। ବରଂ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ। ଶେଷରେ ତାଙ୍କର ଏହି ଅପେକ୍ଷାର ମିଠା ଫଳ ମିଳିଥିଲା। ହିନ୍ଦୀ ସିନେମାରେ ନାୟକ ସାଜିବା ପୂର୍ବରୁ ଶାହୀଦ ସୁବାସ ଘାଇଙ୍କ 'ତାଲ୍' ଏବଂ ୟଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ନାୟକ ଭାବରେ ଶାହୀଦଙ୍କର ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଡେବ୍ୟୁ ଫିଲ୍ମ ହିଁ ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ଏହି ଚିତ୍ରଟି କେବଳ ସୁପରହିଟ୍ ହୋଇ ନ ଥିଲା, ଏହାପରେ ତାଙ୍କ ପଛରେ ପ୍ରଯୋଜମାନେ ଲମ୍ୱା ଲାଇନ୍ ଲଗାଇ ଦେଇଥିଲେ। କେନ୍ ଘୋଷଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଇସ୍କ ଭିସ୍କ'ର ବଜେଟ୍ ଥିଲା ମାତ୍ର ୫୦ କୋଟି। ହେଲେ ବକ୍ସ ଅଫିସରେ ଫିଲ୍ମଟି ୧୧୨ କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ''ମୁଁ କେବେ ବିଫଳତାକୁ ନେଇ ବିବ୍ରତ ହୋଇ ନ ଥାଏ। କାରଣ ଧୈର୍ଯ୍ୟର ସହ ଅପେକ୍ଷା କଲେ ଦିନେ ନା ଦିନେ ସଫଳତା ଆସିବ। ତେଣୁ ମୁଁ ସେହି ଦିନକୁ ଅପେକ୍ଷା କରିଥିଲି ବୋଲି କହନ୍ତି ଶାହୀଦ।''



ଶାହୀଦ

## ଅଭିନେତ୍ରୀ ହୋଇ ନ ଥିଲେ...

ସାନ୍ୟା ମାଲହୋତ୍ରାଙ୍କ ପ୍ରଥମ ସିନେମା ହିଁ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। ଏହାର ଟାଇଟଲ ବିଷୟରେ ସୂଚନା ଦେବା କେବଳ ଔପଚାରିକତା ହେବ। ହଁ, ଏହି ଫିଲ୍ମର ଶୀର୍ଷକ ଥିଲା 'ଦଙ୍ଗଲ'। ଆମୀର ଖାଁଙ୍କ ପରି ଲୋକପ୍ରିୟ ଅଭିନେତା ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ଏଥିରେ ସାନ୍ୟାଙ୍କର ଭୂମିକାଟି ଥିଲା ବବିତା ପୋଘଟ। କିନ୍ତୁ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ପାଠ ପଢ଼ିବା ସମୟରେ ସେ ନିଜ ଭବିଷ୍ୟତକୁ ନେଇ କ'ଣ ସ୍ୱପ୍ନ ଦେଖିଥିଲେ ? ଏ ନେଇ ସାନ୍ୟା କହନ୍ତି, ''ପାଠ ପଢ଼ିବା ସମୟରେ ମୁଁ ଚାହିଁଥିଲି ଭବିଷ୍ୟତରେ ଜଣେ ଡାକ୍ତର ହେବି। ଲୋକମାନଙ୍କର ସେବା କରିବି। କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା। ସତେଯେମିତି ଆକ୍ଟିଂ ଲାଇନରେ ପାଦଦେବାକୁ ମୋ ପାଇଁ ସୁଯୋଗ ଅପେକ୍ଷାକରି ରହିଥିଲା। ଏ ନେଇ ଆମୀର ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।''



ସାନ୍ୟା

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୧/୨୦୨୫ Bhubaneswar, Thursday, May 1/ 2025



କଳିଙ୍ଗ ଷ୍ଟାଡିୟମ୍‌ରେ ବୁଧବାର ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ବିକାଶ ନାୟକ)

# ଫାଇନାଲରେ ଏଫ୍‌ସି ଗୋଆ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

**କଳିଙ୍ଗ ସୁପର କପ୍ ଫୁଟବଲ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଏଫ୍‌ସି ଗୋଆ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ୩–୧ ଗୋଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରୁ ଗୋଆ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖି ସଫଳ ହୋଇଥିଲା। ୨୦ ମିନିଟରେ ବୋରିସନ ଡେଉବେନ ଫର୍ନାଣ୍ଡିଜ ଏକ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୩ ମିନିଟ ପରେ ମୋହନ ବାଗାନର ସୋହେଲ ଅହମଦ ଭଟ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧–୧ ସ୍ଥିତିକୁ ଚାଲି ଆସିଥିଲା। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଆଉ ଗୋଲ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ ହେଁ ଭଲ ଫିନିଶିଂ କରିଥିଲା ଏଫ୍‌ସି ଗୋଆ। ୫୧ତମ ମିନିଟରେ ଇକର ଗୌରେକ୍ସନା ଭାଲେଜୋଙ୍କ ଗୋଲ ବଳରେ ଗୋଆ ପୁଣି ଅଗ୍ରଣୀ ହାସଲ କରିଥିଲା। ୫୮ତମ ମିନିଟରେ ବୋର୍ଜା ହେରେରା ଗୋଞ୍ଜାଲେଜ ଆଉ ଏକ ଗୋଲ ଦେଇ ଗୋଆର ସ୍ଥିତିକୁ ଦୃଢ଼ କରିଥିଲେ। ଏହାପରେ ଶତଚେଷ୍ଟା ସତ୍ତ୍ୱେ ମୋହନ ବାଗାନ ସୁପର ଜାଏଣ୍ଟ ଗୋଲ ପରିଶୋଧ କରିପାରି ନ ଥିଲା। ଚମତ୍କାର ପ୍ରଦର୍ଶନ ସହ ଗୋଲ ସ୍କୋର କରିଥିବାରୁ ବୋର୍ଜା ହେରେରା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଆରମ୍ଭରେ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

# କୁରାନଙ୍କ ଦୃଢ଼ ବ୍ୟାଟିଂ, ଚହଲଙ୍କ ହ୍ୟାଟ୍ରିକ

**ଚେନ୍ନାଇ,୩୦।୪**

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ରାଜସ୍ଥାନ ବନାମ ମୁମ୍ବାଇ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସାମ କୁରାନଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ପଞ୍ଜାବ ଆଗରେ ୧୯୧ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଏହି ମ୍ୟାଚ୍‌ରେ ପଞ୍ଜାବ ପକ୍ଷରୁ ୟୁଜବେନ୍ଦ୍ର ଚହଲ ହ୍ୟାଟ୍ରିକ ନେଇଥିଲେ।

ଟସ୍ ଜିତି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପାୱାରପ୍ଲେ ମଧ୍ୟରେ ମାତ୍ର ୪୮ ରନରେ ପ୍ରମୁଖ ୩ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ କରାନ ଓ ଡେୱାଲ୍ଡ ବ୍ରେଭିସ ଚତୁର୍ଥ ଉଇକେଟରେ ୫୦ ବଲରେ ୭୮ ରନ ଯୋଡ଼ିଥିଲେ। ବ୍ରେଭିସ ୨୬ ବଲରେ ୨ ଚୌକା ଓ ୧ ଛକା ସହିତ ୩୨ ରନ କରି ଆଉଟ୍ ହୋଇଥିଲେ। କୁରାନ ୪୭ ବଲରେ ୯ ଚୌକା ଓ ୪ ଛକା ସହିତ ୮୮ ରନ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ସର୍ବାଧିକ ସ୍କୋର ଥିଲା। ଲଗାତର ଉଇକେଟ ପଡ଼ିବାରୁ ଚେନ୍ନାଇ ୧୯.୨ ଓଭରରେ ୧୯୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ପଞ୍ଜାବ ପକ୍ଷରୁ ୟୁଜବେନ୍ଦ୍ର ଚହଲ ୪ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୨ ଓଭରରେ ୧୯୦/ଅଲଆଉଟ୍ (ସାମ କୁରାନ–୮୮, ଡେୱାଲ୍ଡ ବ୍ରେଭିସ–୩୨,ମାର୍କୋ ଜାନସେନ–୨/୩୦,ୟୁଜବେନ୍ଦ୍ରଚହଲ–୪/୩୨, ଅର୍ଶଦୀପ ସିଂ–୨/୨୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | –୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | –୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | –୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | –୧.୩୦୨ |







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ